



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-347 ♦BHUBANESWAR ♦SUNDAY ♦15 JUNE 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୨ ♦ସଂଖ୍ୟା-୩୪୭ ♦ଭୁବନେଶ୍ୱର ♦ରବିବାର ♦୧୫ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ବିମାନ ଦୁର୍ଘଟଣାର ଯାଞ୍ଚ କରିବେ ୧୧ ଜଣିଆ କମିଟି

■ **ଅହମଦାବାଦ, ୧୪।୬ (ଏଜେନ୍ସି):** ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଏସକେ ସିହ୍ନା କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକବକ୍ସ ମିଳିଛି । ଏହାକୁ ଖୋଜିବା ପାଇଁ ଶହେ କର୍ମଚାରୀ ଏବଂ ୪୦ ଇଞ୍ଜିନିୟର ଲାଗିଥିଲେ । ମାମଲାର ତଦନ୍ତ ଚାଲିଛି । ବିମାନ କିପରି ଦୁର୍ଘଟଣାଗ୍ରସ୍ତ ହେଲା ତାହାର ଯାଞ୍ଚ ପାଇଁ ଏକ ୧୧ ଜଣିଆ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି । ଦୁର୍ଘଟଣାର କାରଣ ଖୋଜିବା ସହିତ ତିନି ମାସ ମଧ୍ୟରେ ଏହାର ରିପୋର୍ଟ ପ୍ରଦାନ କରିବ । ସୋମବାର ଏହି କମିଟିର ପ୍ରଥମ ବୈଠକ ବସିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମ ମୋହନ ନାଇଡୁ ଏହା କହିଛନ୍ତି । ତେବେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ନେତୃତ୍ୱରେ ଯାନ୍ତ୍ରିକ ତଦନ୍ତ ଜାରି ରହିଛି । ଏହା କେବଳ ଅହମଦବାଦ ବିମାନ ଦୁର୍ଘଟଣାର କାରଣ ଖୋଜୁଥିବା ବେଳେ ସରକାରୀ କମିଟି ବ୍ୟାପକ ସ୍ତରରେ ମାମଲାର ତଦନ୍ତ କରିବ । ଏହା ସହିତ ସୁରକ୍ଷାକୁ ଅଧିକ ମଜବୁତ କରିବା ନେଇ ପ୍ରସ୍ତାବ ଦେବ । ଏହି କମିଟିରେ ସ୍ୱରାଷ୍ଟ୍ର ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ, ଗୁଜରାଟ ସରକାର,ବାୟୁସେନା, ଗୁଇନ୍ଦା ଏଜେନ୍ସିର ବରିଷ୍ଠ ଅଧିକାରୀଙ୍କ ସମେତ ୧୧ ସଦସ୍ୟ ଅଛନ୍ତି ।



### ୩ ମାସ ମଧ୍ୟରେ ଦେବେ ରିପୋର୍ଟ

## ସୁଶାନ୍ତ ସିଂହଙ୍କୁ ହତ୍ୟା କରାଯାଇଥିବା ପ୍ରମାଣ ନାହିଁ

■ **ମୁମ୍ବାଇ, ୧୪।୬ (ଏଜେନ୍ସି):** ସିବିଆଇ ଶନିବାର ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାର ଚୂଡ଼ାନ୍ତ କ୍ଲୋଜର ରିପୋର୍ଟ ଦାଖଲ କରିଛି । ଦେଶର ପ୍ରମୁଖ ତଦନ୍ତ ଏଜେନ୍ସି ଭାବେ ପରିଚିତ ସିବିଆଇକୁ ଏହା ଦାଖଲ କରିବା ପାଇଁ ୪ ବର୍ଷ ୬ ମାସ ୧୫ ଦିନ ଲାଗିଯାଇଛି । ଆଉ ଏହି ରିପୋର୍ଟରେ ସୁଶାନ୍ତଙ୍କ ହତ୍ୟାର କୌଣସି ପ୍ରମାଣ ନାହିଁ ବୋଲି କୁହାଯାଇଛି । ସୁଶାନ୍ତଙ୍କୁ ଆତ୍ମହତ୍ୟା ପାଇଁ ଉସୁକା ଯାଇଥିବାର କୌଣସି ପ୍ରମାଣ ସିବିଆଇକୁ ମିଳିନାହିଁ । ୨୦୨୦ ଜୁନ୍ ୧୪ରେ ବାନ୍ଦ୍ରା ସ୍ଥିତି ନିଜ ଘରୁ ରହସ୍ୟଜନକ ଭାବେ ସୁଶାନ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ପ୍ରଥମେ ମହାରାଷ୍ଟ୍ର ପୁଲିସ ଏହାକୁ ଆତ୍ମହତ୍ୟା ବୋଲି କହି ଦେଇଥିଲା । ମାତ୍ର ଏହାକୁ ତୀବ୍ର ବିରୋଧ କରାଯାଇଥିଲା । ସୁଶାନ୍ତଙ୍କ ମୃତ୍ୟୁକୁ ତାଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ସହ ଯୋଡି ଦେଖା ଯାଇଥିଲା । ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଥିଲା । ପରେ ଗଣମାଧ୍ୟମ ଏବଂ ବିରୋଧୀ ଦଳଙ୍କ ଚାପରେ ମହାରାଷ୍ଟ୍ରର ତତ୍କାଳୀନ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ସରକାର ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ । ଏବେ ସିବିଆଇ ଆତ୍ମହତ୍ୟା ହିଁ ମୃତ୍ୟୁର ପ୍ରକୃତ କାରଣ ବୋଲି ନିଜ ରିପୋର୍ଟରେ ଦର୍ଶାଇଛି । ଦିଶାଙ୍କୁ ହତ୍ୟା କରାଯାଇଥିବା ▶ପୃଷ୍ଠା-୭




### ସିବିଆଇ ଦେଲା କ୍ଲୋଜର୍ ରିପୋର୍ଟ

# ବର୍ଷପୂର୍ତ୍ତିରେ ମହାନଦୀ ଚିନ୍ତା

### ୬ ମାସ ହେବ ଟ୍ରିବ୍ୟୁନାଲରେ ଶୁଣାଣି ହୋଇନି

- ବୈଷୟିକ ମୂଲ୍ୟାଙ୍କନ କରିବେ ରାଜ୍ୟ ସରକାର
- ୯ଟି ବିନ୍ଦୁ ଉପରେ ତଥ୍ୟ ମାଗିଲା ଜଳ ସଂପଦ ବିଭାଗ
- ସରକାରଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲେ ବିଶେଷଜ୍ଞ




■ **ଭୁବନେଶ୍ୱର, ୧୪।୬ (ସମିସ):** ମରି ମରି ଆସୁଛି ଓଡ଼ିଶାର ଜୀବନରେଖା ମହାନଦୀ । ଓଡ଼ିଶାକୁ ଅବାରିତ ଜଳଧାରା ପ୍ରବାହରେ ରୋକ ଲଗାଇଛି ପଡ଼ୋଶୀ ଛତିଶଗଡ଼ । ଉପରମୁଣ୍ଡରେ ଏକାଧିକ ଡ୍ୟାମ୍ ଓ ବ୍ୟାରେଜ୍ ନିର୍ମାଣ କରି ଛତିଶଗଡ଼ ସରକାର ଏକପ୍ରକାର ମହାନଦୀର ତଣ୍ଟି ଚିପି ଦେଇଛନ୍ତି । ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଦୀର୍ଘଦିନରୁ ରହିଥିବା ବିବାଦ ଟ୍ରିପଲ୍ ଇଞ୍ଜିନ ସରକାରରେ ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା । ନିର୍ବାଚନ ପ୍ରଚାର ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତିରୁ ମହାନଦୀକୁ ନେଇ ଓଡ଼ିଶାର ଜନସାଧାରଣ ବହୁ ଆଶାବାଦୀ ଥିଲେ । ହେଲେ ଇତିମଧ୍ୟରେ ବର୍ଷଟିଏ ବିତିଯାଇଥିଲେ ହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀ ଜଳ ବିବାଦର ସମାଧାନ ନେଇ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ । ଏବେ ଶାସନର ବର୍ଷପୂର୍ତ୍ତି ବେଳକୁ ରାଜ୍ୟ ସରକାର ତରବରିଆ ଭାବେ ମହାନଦୀର ମୂଲ୍ୟାଙ୍କନ କରିବାକୁ ଆଗଭର ହୋଇଛନ୍ତି । ରାଜ୍ୟ ବିଜେପି ସରକାରଙ୍କ ଏହି ନିଷ୍ପତ୍ତି କେବଳ ଲୋକଦେଖାଣିଆ ଏବଂ ବାସ୍ତବତାଠାରୁ ବହୁ ଦୂରରେ ବୋଲି ବିଶେଷଜ୍ଞ ମହଲ ମତବ୍ୟକ୍ତ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗର ବିଭିନ୍ନ ଅଧିକାରୀଙ୍କୁ ମୋଟ ୯ଟି ବିଷୟରେ ଆବଶ୍ୟକ ତଥ୍ୟ ମଗାଯାଇଛି । ବୈଷୟିକ ମୂଲ୍ୟାଙ୍କନ ପାଇଁ ସର୍ବୋଚ୍ଚ ଯନ୍ତ୍ରୀ ତଥ୍ୟ ମାଗିଛନ୍ତି, ତନ୍ମଧ୍ୟରେ ମହାନଦୀ ବେସିନ୍‌ର ଭୂପୃଷ୍ଠ ଜଳ ଏବଂ ଭୂତଳ ଜଳର ମୂଲ୍ୟାଙ୍କନ କରାଯିବ । ସେହିପରି ମହାନଦୀ ଜଳର ମାନ, ଜଳ ପ୍ରବାଦ ଓ ଜଳଧାରଣ କ୍ଷମତା (ମୁଖ୍ୟଧାରା, ଉପନଦୀ ଓ ଶାଖାନଦୀ), ବନ୍ୟା ପ୍ରଭାବ, ପଟୁ ଚରିବା ଆଦି ସାମିଲ ହୋଇଛି । ଜୈବ ବିବିଧତା ଏବଂ ପରିବେଶ ସଂକ୍ରାନ୍ତ ତଥ୍ୟ ସଂଗ୍ରହ ଓ ଏହାର ଅଧ୍ୟୟନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛି । ଏସବୁ ରିପୋର୍ଟକୁ ଆଧାର କରି ବୈଷୟିକ ମୂଲ୍ୟାଙ୍କନ କରାଯିବାକୁ ଥିବାବେଳେ ଭବିଷ୍ୟତରେ ମହାନଦୀର ପୁନରୁଦ୍ଧାର କ୍ଷେତ୍ରରେ ଏହା ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି । ତେବେ ମହାନଦୀକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନ ଉଠାଇଛନ୍ତି ଜଳ ▶ପୃଷ୍ଠା-୭

### ପ୍ରକାଶ ପାଇଲା ନିଟ୍ ପରୀକ୍ଷା ଫଳ

## ରାଜସ୍ଥାନର ମହେଶ ଟପ୍ପର



ମହେଶ କୁମାର



ସ୍ନେହାଶିଷ ଦାସ

- ଗତବର୍ଷ ତୁଳନାରେ ଓଡ଼ିଶାର ନୈରାଶ୍ୟଜନକ ଫଳାଫଳ
- ୬୦ତମ ର୍ୟାଙ୍କ୍ ରଖି ସ୍ନେହାଶିଷ ରାଜ୍ୟ ଟପ୍ପର୍
- ଓଡ଼ିଆ ଭାଷାରେ ପରୀକ୍ଷା ଦେଇଥିଲେ ୮୧୨ ଛାତ୍ରଛାତ୍ରୀ

■ **ଭୁବନେଶ୍ୱର, ୧୪।୬ (ସମିସ):** ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ମେଡିକାଲ ଆଶାୟୀମାନଙ୍କ ନିଟ୍ ୟୁଜି (ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡରଗ୍ରାଜୁଏଟ୍) ପରୀକ୍ଷା ୨୦୨୫ର ଫଳାଫଳ ଘୋଷଣା କରିଛି । ଏଥିରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ମେଡିକାଲ ଆଶାୟୀଙ୍କ ଫଳ ପ୍ରକାଶ ପାଇଛି । ଛାତ୍ରଛାତ୍ରୀମାନେ ନିଟ୍.ଏନ୍‌ଟିଏ.ନିକ୍.ଇନ୍ ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ନିଜ ନିଜର ର୍ୟାଙ୍କ ଜାଣିପାରୁଛନ୍ତି । ୨୦୨୫ ନିଟ୍ ପରୀକ୍ଷାଫଳ ସହ ଏନ୍‌ଟିଏ ଅନ୍ତିମ ନିଟ୍ ଉତ୍ତରପତ୍ର ଓ ସର୍ବଭାରତୀୟ ର୍ୟାଙ୍କ ମଧ୍ୟ ପ୍ରକାଶ କରିଛି । ରାଜସ୍ଥାନର ମହେଶ କୁମାର ୯୯.୯୯ ପର୍ସେଣ୍ଟାଇଲ୍ ସ୍କୋର୍ ରଖି ଦେଶରେ ଟପର ହୋଇଥିବାର ଗୌରବ ହାସଲ କରିଛନ୍ତି । ତାଙ୍କ ପଛକୁ ମଧ୍ୟପ୍ରଦେଶର ▶ପୃଷ୍ଠା-୭

## ଚର୍ମ କର୍କଟ ରୋକିବ ଚିଲିକା ଶୈବାଳ

### ୨୦ ବର୍ଷ ଗବେଷଣା ପରେ ସାମ୍ନାକୁ ଆସିଲା ତଥ୍ୟ

■ **ଭୁବନେଶ୍ୱର, ୧୪।୬ (ସମିସ):** ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦର ଜୈବ ବିବିଧତା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ସ୍ଥାନରୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନର ଆବିଷ୍କାର କରିଛନ୍ତି । ଏହି ହ୍ରଦରେ ପ୍ରାକୃତିକ ଭାବେ ବଢୁଥିବା ଲାଲ୍ ଶୈବାଳରେ ଥିବା ଉପାଦାନ ଅତି ବାଇଗଣୀ ରଶ୍ମି କିରଣରୁ ଚର୍ମକୁ ରକ୍ଷା କରିବ । ଏଥିସହ ଚର୍ମ କର୍କଟ ରୋଗକୁ ରୋକିବାରେ ମଧ୍ୟ ବେଶ ସହାୟ ହେବ । ଚିଲିକା ହ୍ରଦରୁ ଏଭଳି ଅନନ୍ୟ ଉପାଦାନର ଆବିଷ୍କାର ହୋଇଥିବାରୁ ଭାରତୀୟ ବୈଜ୍ଞାନିକମାନେ ଚିଲିକା ହ୍ରଦର ଭୂୟସୀ ପ୍ରଶଂସା କରିଛନ୍ତି ।

ଗବେଷଣାରେ ବ୍ୟବହୃତ ଲାଲ ଶୈବାଳ ହେଉଛି 'ଗ୍ରାସିଲାରିଆ ଭେରୁକୋସା' ପ୍ରଜାତିର ତଥା 'ରୋଡୋଫାଇଟା' ଗୋଷ୍ଠୀର ବୋଲି ଜଣାପଡ଼ିଛି । ଏଥିରେ ମିଳୁଥିବା 'ମାଇକୋସ୍ପୋରିନ୍-ଆମିନୋ ଏସିଡ୍' ସୂର୍ଯ୍ୟ କିରଣରୁ ନିର୍ଗତ ଅତି ବାଇଗଣୀ ରଶ୍ମିକୁ ପ୍ରତିହତ କରିବାର କ୍ଷମତା ରଖୁଛି । ଏହି ରଶ୍ମି ମନୁଷ୍ୟ ଶରୀରର ଚର୍ମରେ ଥିବା କୋଷଗୁଡ଼ିକୁ କ୍ଷତି ପହଞ୍ଚାଇଥାନ୍ତି । ଏଥିଯୋଗୁଁ କର୍କଟ ରୋଗର ଆଶଙ୍କା ସୃଷ୍ଟି ହୋଇଥାଏ । ଏହି ଆବିଷ୍କାର କେବଳ କର୍କଟ ରୋଗ ନିବାରଣ ପର୍ଯ୍ୟନ୍ତ ସୀମିତ ନୁହେଁ, 'ମାଇକୋସ୍ପୋରିନ୍-ଆମିନୋ ଏସିଡ୍' ମଧ୍ୟ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ କାର୍ଯ୍ୟ କରିଥାଏ । ଏହାର ପ୍ରଭାବରେ ଚର୍ମ ଓ ବୟସର ଛାପକୁ ମଧ୍ୟ ହ୍ରାସ କରିଥାଏ । ଏହି ସାମୁଦ୍ରିକ ଶୈବାଳକୁ ରାସାୟନିକ ସନସ୍କ୍ରିନ୍ ପାଇଁ ଏକ ନିରାପଦ, ଜୈବିକ ଏବଂ ପରିବେଶ ଅନୁକୂଳ ବିକଳ୍ପ ଭାବେ ବ୍ୟବହାର କରାଯାଇ ▶ପୃଷ୍ଠା-୭

### ଜୈବିକ ସନ୍‌ସ୍କ୍ରିନ୍ ଭାବେ ହେବ ବ୍ୟବହାର

## ଛେଳିଚୋରକୁ ପିଟିପିଟି ହତ୍ୟା

■ **ତୁରୁମୁଙ୍ଗା, ୧୪।୬ (ସମିସ):** ଛେଳି ଚୋରକୁ ଗଛରେ ବାନ୍ଧି ପିଟିପିଟି ମାରିଦେଲେ । କେନ୍ଦୁଝର ଜିଲ୍ଲା ପାଟଣା ଥାନା ଶଙ୍ଖୁଆ ଗ୍ରାମରେ ଶୁକ୍ରବାର ରାତିରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ, ଗ୍ରାମର ବିପିନ ବିହାରୀ ନାଏକ (୪୬) । ପାଟଣା ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ପୁଲିସ୍ ଏକ ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ଦେବର୍ଷି ପାତ୍ର(୫୫), ତାଙ୍କ ସ୍ତ୍ରୀ ବୀଣାପାଣି (୪୦) ଓ ଅନ୍ୟ ଜଣେ ମହିଳା ପଦ୍ମିନୀ ପାତ୍ର (୪୫) । ତେବେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ବୀଣାପାଣିଙ୍କ ପୁଅ ▶ପୃଷ୍ଠା-୭

### ଦମ୍ପତି ସମେତ ୩ ଗିରଫ, ପୁଅ ଫେରାର୍






### ସୁଧୁରୁନି ଯାଜପୁର ଡାଇରିଆ ସ୍ଥିତି

# ଭୋଜିଭାତ ଉପରେ କଟକଣା

- ଜିଲ୍ଲାବ୍ୟାପୀ ହୋଟେଲ ଓ ଢାବା ଉପରେ ଚଢ଼ଉ
- ସିଲ୍ ହେଲା ୫ ହୋଟେଲ
- ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ଜିଲ୍ଲା ଗସ୍ତ



■ **ଯାଜପୁର, ୧୪।୬ (ସମିସ):** ଯାଜପୁରରେ ସୁଧୁରୁନି ଡାଇରିଆ ସ୍ଥିତି । କମିବା ବଦଳରେ ଅଧିକ ଉଗ୍ର ହୋଇ ମାଡ଼ିମାଡ଼ି ଚାଲିଛି । ଅଧିକରୁ ଅଧିକଙ୍କୁ ଆକ୍ରାନ୍ତ କରିବା ସହ ମୁଣ୍ଡ ନେଇ ଚାଲିଛି । ଗତ ସୋମବାରରୁ ଯାଜପୁର ଜିଲ୍ଲାରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିନାହିଁ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହୀତ ନମୁନାରୁ କଲେରା ବା ହଇଜା ଭୂତାଣୁ ବାହାରିବା ପରେ ଏହାକୁ ନେଇ ଜିଲ୍ଲାବ୍ୟାପୀ ଭୟର ବାତାବରଣ ଦେଖାଦେଇଛି । ଏହି ଡାଇରିଆକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର୍ ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ପରିସ୍ଥିତିରେ ଏହାକୁ ନିୟନ୍ତ୍ରଣ କରାଯାଇପାରିନାହିଁ । ସଂଗୃହୀତ ନମୁନାରୁ ୧୧ ଜଣଙ୍କଠାରେ କଲେରା ଜୀବଣୁ ମିଳିଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଜିଲ୍ଲା ବ୍ୟାପୀ ଝାଡ଼ାବାନ୍ତି ବ୍ୟାପିବାର କାରଣ ଏ ପର୍ଯ୍ୟନ୍ତ ଧରିବାରେ ପ୍ରଶାସନ ସଫଳ ହୋଇପାରନି । ତେବେ ଝାଡ଼ାବାନ୍ତି ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଜପୁର ଓ ବ୍ୟାସନଗର ପୌରପାଳିକା ସମେତ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବାଗୁଡ଼ିକ ଉପରେ ଚଢ଼ଉ ଜାରି ରହିଛି । ଉଭୟ ସହରରେ ୫ଟି ହୋଟେଲ୍‌କୁ ସିଲ୍ କରାଯାଇଥିବା ଜଣାପଡ଼ିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୂହିକ ଭୋଜିଭାତ ଉପରେ ରୋକ୍ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ▶ପୃଷ୍ଠା-୭

## ସ୍ଥିତି ଯାଞ୍ଚ କରିବ କେନ୍ଦ୍ରୀୟ ଟିମ୍

■ **ଭୁବନେଶ୍ୱର, ୧୪।୬ (ସମିସ):** ବର୍ତ୍ତମାନ ସୁଦ୍ଧା ଯାଜପୁର ଜିଲ୍ଲାରେ ୧୧ଜଣ କଲେରା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଆହୁରି ୨ଶହ ଜଣଙ୍କ ମଳ ନମୁନା ପରୀକ୍ଷା ପାଇଁ ଯାଇଛି । ଏହାରି ଭିତରେ ପରିସ୍ଥିତିର ଯାଞ୍ଚ ପାଇଁ ୧୪ ଜଣିଆ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଟିମ୍‌ରେ ଭାରତୀୟ ଆୟୁର୍ବିଜ୍ଞାନ ଓ ଗବେଷଣା ପରିଷଦ(ଆଇସିଏମ୍‌ଆର୍), ଏନ୍‌ସିଡିସି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭଳି ସଂସ୍ଥାର ସଦସ୍ୟ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି ।

ଶ୍ରୀ ମିଶ୍ର କହିଛନ୍ତି, ଆସନ୍ତାକାଲି ଏହି ଟମ୍ ଘଟଣାସ୍ଥଳ ପରିଦର୍ଶନ କରିବ । ସଂକ୍ରମିତ ସ୍ଥାନରେ ସର୍ବେକ୍ଷଣ ଓ ଡାକ୍ତରୀ ଦଳ କାର୍ଯ୍ୟରତ ଅଛନ୍ତି । ଯାଜପୁରରେ ହୋଇଥିବା ଏକ ଭୋଜିରେ ବ୍ୟବହାର ହୋଇଥିବା ▶ପୃଷ୍ଠା-୭

# ଇରାନ ଆକ୍ରମଣକୁ ଜୋରଦାର କଲା ଇସ୍ରାଏଲ

## ଇରାନର ଏୟାର ଡିଫେନ୍ସ ସିଷ୍ଟମ ଧ୍ୱସ୍ତ, ଆଉ ୭୮ ନିହତ

ତେହରାନ, ୧୪।୬: ଗତକାଲି ଇରାନ ଉପରେ ଇସ୍ରାଏଲର ଅଚାନକ ଓ ଅପ୍ରତ୍ୟାଶିତ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟ ଆରମ୍ଭ ହୋଇଯାଇଛି ଯୁଦ୍ଧ। ଆକ୍ରମଣ ଜବାବରେ ଇସ୍ରାଏଲ ଉପରେ ଇରାନ ହମଲା କରିଥିବା ବେଳେ ଇସ୍ରାଏଲ ମଧ୍ୟ ଆକ୍ରମଣ ଜାରି ରଖିଛି। ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ଦେଶ ଉଭୟ ଇରାନ ଓ ଇସ୍ରାଏଲକୁ ସଂଯମ ପାଇଁ ନିବେଦନ କରିଛନ୍ତି। କିନ୍ତୁ ଇସ୍ରାଏଲ ସ୍ପଷ୍ଟ କରିଦେଇଛି ଯେ ଇରାନର ସସସ୍ତ ପରମାଣୁ ଓ ସାମରିକ ପ୍ରତିଷ୍ଠାନ ଧୂଳିସାତ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଆମେରିକା ମଧ୍ୟ ଧମକ ଦେଇଛି ଯେ ପରମାଣୁ ଚୁକ୍ତି ନକଲେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଆହୁରି ତୀବ୍ର ହେବ। ଅନ୍ୟପକ୍ଷରେ ଇରାନ ଧମକ ଦେଇଛି ଯେ ଯୁଦ୍ଧରେ ଇସ୍ରାଏଲକୁ ସହାୟତା କରୁଥିବା ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସକୁ ଏହା ଟାର୍ଗେଟ କରିବ। ମଧ୍ୟପ୍ରାଚ୍ୟରେ ରହିଥିବା ଏହିସବୁ ଦେଶର ସାମରିକ ପ୍ରତିଷ୍ଠାନ ଉପରେ ଏହା ଆକ୍ରମଣ କରିବ।

ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣରେ ଇରାନର ବ୍ୟାପକ କ୍ଷତି ହୋଇଛି। ଗତରାତିରେ ଇସ୍ରାଏଲ କରିଥିବା ତୃତୀୟ ପର୍ଯ୍ୟାୟ ଆକ୍ରମଣରେ ୭୮ ଜଣ ପ୍ରାଣ ହରାଇଥିବା ବେଳେ ୩୨୦ ଜଣ ଆହତ ହୋଇଛନ୍ତି। ନିହତମାନଙ୍କ ମଧ୍ୟରେ ଦୁଇ ଜଣ ବରିଷ୍ଠ ସାମରିକ ଅଧିକାରୀ ରହିଛନ୍ତି। ଇରାନ ପକ୍ଷରୁ କୁହାଯାଇଛି ଯେ ଏକ ଆବାସିକ ବିଲ୍ଡିଂ ଉପରେ ହୋଇଥିବା ଆକ୍ରମଣରେ ୬୦ ଜଣ ପ୍ରାଣ ହରାଇଥିବା ବେଳେ ସେଥିମଧ୍ୟରୁ ୨୦ ଶିଶୁ ରହିଛନ୍ତି। ଏହାସହିତ ଇସ୍ରାଏଲ ଆକ୍ରମଣରେ ପ୍ରାୟ ୪୦୦ ଲୋକ ପ୍ରାଣ ହରାଇଲେଣି। ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ କରିବା ସହିତ ଲଢୁଆ ବିମାନରୁ ବୋମା ବର୍ଷା ଜାରି ରଖିଛି। ଅନ୍ୟପକ୍ଷରେ ଇରାନ ମଧ୍ୟ ଇସ୍ରାଏଲ ଉପରେ ଗତରାତିରେ ୨୦୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଅନେକ କ୍ଷେପଣାସ୍ତ୍ର ରାଜଧାନୀ ତେଲଆଭିଭରେ ପଡ଼ିଛି। କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲ ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏଥିରେ ତିନିଜଣ ପ୍ରାଣ ହରାଇଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ ବାସିନ୍ଦାମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ଲାଗି କୁହାଯାଇଛି। ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନିଆଯାଇଛି।

ଇତିମଧ୍ୟରେ ଇସ୍ରାଏଲ ଧମକ ଦେଇଛି ଇରାନ ଆକ୍ରମଣ ଜାରି ରଖିଲେ ରାଜଧାନୀ ତେହରାନ ଉପରେ ଆକ୍ରମଣକୁ ଜୋରଦାର କରାଯିବ। ତେହରାନକୁ ଜଳିବାରୁ କେହି ଅଟକାଇପାରିବେ ନାହିଁ। ଇରାନର ସମସ୍ତ ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିଦିଆଯାଇଛି। ଇସ୍ରାଏଲୀ ଲଢୁଆ ବିମାନ ବିନା ବାଧାରେ ତେହରାନ ଯାଇ ଆକ୍ରମଣ କରିପାରିବେ। ଗତକାଲି ଇସ୍ରାଲର ପ୍ରଥମ ପର୍ଯ୍ୟାୟ ଆକ୍ରମଣରେ ୨୦୦ ଲଢୁଆ ବିମାନ ୩୦୦ରୁ ଅଧିକ ବୋମା ବର୍ଷା କରିଥିବା ବେଳେ ପରମାଣୁ କେନ୍ଦ୍ର ସମେତ ପ୍ରାୟ ୧୦ଟି ସାମରିକ ପ୍ରତିଷ୍ଠାନ ଧ୍ୱଂସ କରିଦେଇଥିଲେ। ଏଥିରେ ସେନାଧକ୍ଷ ସମେତ ୨୦ରୁ ଅଧିକ ଜେନେରାଲ ଏବଂ ଅନେକ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଥିଲେ। ଇସ୍ରାଏଲରୁ ତେହରାନ ମଧ୍ୟରେ ଦୂରତା ୧୫୦୦ କିଲୋମିଟର ହୋଇଥିବା ବେଳେ ଇସ୍ରାଏଲର ୧୨ରୁ ଅଧିକ ଯୁଦ୍ଧ ବିମାନ ବିନା କୌଣସି ବାଧାରେ ତେହରାନ ଉପରେ ଉଡ଼ି ବୋମା ବର୍ଷା କରିଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଯୁଦ୍ଧ ଚାଲିଥିବା ବେଳେ ଉଭୟ ଇରାନ ଏବଂ ଇସ୍ରାଏଲ ସେମାନଙ୍କର ବାୟୁସୀମାକୁ ଯାତ୍ରୀ ବିମାନ ପାଇଁ ବନ୍ଦ କରିଦେଇଛନ୍ତି।

ତେଣେ ଆମେରିକା ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ ଚଳାଇଥିବା ଆକ୍ରମଣରେ ଏହାର କୌଣସି ହାତ ନାହିଁ। କିନ୍ତୁ ମିଳିଥିବା ଖବର ଅନୁସାରେ ଇରାନ ଉପରେ ଆକ୍ରମଣରେ ଇସ୍ରାଏଲକୁ ସହାୟତା କରୁଛି ଆମେରିକା। ଇରାନ କ୍ଷେପଣାସ୍ତ୍ରକୁ ଆକାଶମାର୍ଗରେ ନିଷ୍କ୍ରୀୟ କରିବାରେ ଆମେରିକାର ସେନା ଇସ୍ରାଏଲକୁ ସହାୟତା କରୁଛି। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଇରାନ ପରମାଣୁ ଚୁକ୍ତିରେ ସ୍ୱାକ୍ଷର ନକଲେ ଇସ୍ରାଏଲ ଏହାର ଆକ୍ରମଣକୁ ଜୋରଦାର କରିବ। ସଂଯମ ରକ୍ଷା କରିବା ଲାଗି ବ୍ରିଟେନ ଓ ଫ୍ରାନ୍ସ ଉଭୟ ଇରାନ ଓ ଇସ୍ରାଏଲକୁ ଅନୁରୋଧ କରିଥିବା ବେଳେ ଇରାନ କହିଛି ଯେ ଯେଉଁମାନେ ଇସ୍ରାଏଲକୁ ସମର୍ଥନ କରୁଛନ୍ତି ମଧ୍ୟପ୍ରାଚ୍ୟରେ ଥିବା ସେମାନଙ୍କର ସାମରିକ ପ୍ରତିଷ୍ଠାନ ଉପରେ ଏହା ଆକ୍ରମଣ କରିବ।

- ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ବର୍ଷା
- ତେଲ୍‌ଆଭିଭ୍ ସେନା ମୁଖ୍ୟାଳୟ କ୍ଷତିଗ୍ରସ୍ତ
- ପରମାଣୁ ଚୁକ୍ତି ସ୍ୱାକ୍ଷର ନ କଲେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଜୋରଦାର ହେବ: ଟ୍ରମ୍ପ



### ଧ୍ୱଂସ ହୋଇଥିବା ଇରାନର ୪ ପରମାଣୁ କେନ୍ଦ୍ର

ତେଲ ଆଭିଭ, ୧୪।୬ (ଏଜେନ୍ସି): ଇସ୍ରାଏଲ ଶୁକ୍ରବାର ସକାଳେ ୨୦୦ ଲଢୁଆ ବିମାନରୁ କ୍ଷେପଣାସ୍ତ୍ର ମାଡ଼ କରି ଇରାନର ୪ଟି ପରମାଣୁ ଏବଂ ୨ଟି ସାମରିକ ଠିକଣାକୁ ଧ୍ୱଂସ କରିଦେଇଛି। ଅନେକ ପ୍ରମୁଖ ସେନା ଅଧିକାରୀଙ୍କ ଘରକୁ ମଧ୍ୟ ନିଶାଣ କରାଯାଇଛି। ଏଥିରେ ସେନାମୁଖ୍ୟ, ସ୍ୱତନ୍ତ୍ର ବାହିନୀର ମୁଖ୍ୟ ସମେତ ୨୦ ପ୍ରମୁଖ ଅଧିକାରୀ ଏବଂ ୬ ଜଣ ପରମାଣୁ ବୈଜ୍ଞାନିକ ନିହତ ହୋଇଛନ୍ତି। ଇସ୍ରାଏଲ କେବଳ ୪ଟି ବଡ଼ ପରମାଣୁ କେନ୍ଦ୍ର, ଅସ୍ତ୍ରଶସ୍ତ୍ର ରଖାଯାଇଥିବା କାରଖାନା ଏବଂ ବଡ଼ ସାମରିକ ଅଧିକାରୀ ରହୁଥିବା ରେସିଡେନସିଆଲ କମ୍ପ୍ଲେକ୍ସକୁ ନଷ୍ଟ କରିଦେଇଛି। ତେହରାନରୁ ପ୍ରାୟ୨୫୦ କିମି ଦୂରରେ ରହିଛି ନତାଞ୍ଜ ପରମାଣୁ କେନ୍ଦ୍ର। ୨୦୦୨ରେ ପ୍ରଥମ ଥର ପାଇଁ ଏହାର ଫଟୋ ସାମ୍ନାକୁ ଆସିଥିଲା। ଏହି ସାଇଟରେ ୯ଟି ପରମାଣୁ ବୋମା ପ୍ରସ୍ତୁତି ଲାଗି ୟୁରାନିୟମ ରଖାଯାଇଥିଲା ବୋଲି କୁହାଯାଉଛି। ଏଠାରେ ଆଡଭାନ୍ସ ସେଣ୍ଟ୍ରିଫ୍ୟୁଜ ଲାଗିଥିଲା। ଏହା ମାଧ୍ୟମରେ ୟୁରାନିୟମ-୨୩୫କୁ ସଫା କରାଯାଉଥିଲା। ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତିରେ ବିଶୁଦ୍ଧ ୟୁରାନିୟମ ଜରୁରୀ। ସେଥିପାଇଁ ଏପରି କରାଯାଉଥିଲା। ଗତ ମାର୍ଚ୍ଚ ସୁଦ୍ଧା ଇରାନ ପାଖରେ ୨୭୫ କେଜି ୟୁରାନିୟମ ଥିଲା। ଏହାକୁ ୬୦ ପ୍ରତିଶତ ବିଶୁଦ୍ଧ କରାଯାଇଥିଲା। ଏହି ଦେଶ ଅସ୍ତ୍ରଶସ୍ତ୍ର ନିର୍ମାଣର ନିକଟତର ହୋଇ ଯାଇଥିଲା। ପୂର୍ବରୁ ନେତନ୍ୟାହୁ ଇରାନକୁ ସବୁଠାରୁ ବଡ଼ ପରମାଣୁ ବିପଦ କହିଥିଲେ। ଏଠାରେ ଥିବା ଭୂତଳ ସାଇଟକୁ ଇରାନ ୭.୬ ମିଟରର ମୋଟା କଂକ୍ରିଟ କାନ୍ଥରେ ଢାଙ୍କି ଦେଇଥିଲା। ଏହା ସତ୍ତ୍ୱେ ଇସ୍ରାଏଲ ଆକ୍ରମଣରେ ମୁଖ୍ୟ ଟ୍ରାନ୍ସଫର୍ମର କ୍ଷତି ହୋଇଛି। ତେବେ ଇରାନର ଏହି ପରମାଣୁ କେନ୍ଦ୍ର ଭୂତଳକୁ ୮୦ ମିଟର ଗଭୀରତା ପର୍ଯ୍ୟନ୍ତ ବ୍ୟାପିଛି। ତଳକୁ ୨୬ ମହଲା ପର୍ଯ୍ୟନ୍ତ ଯାଇଛି। ଇରାନର ସିମେଣ୍ଟ ଟେକ୍ନୋଲୋଜି ମଧ୍ୟ ବିଶ୍ୱ ପ୍ରସିଦ୍ଧ। ଏହି ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇ ନ ଥିବା କୁହାଯାଉଛି। ଏହି ପରମାଣୁ କେନ୍ଦ୍ରରୁ କୌଣସି ପ୍ରକାରର ବିକିରଣ ହୋଇନାହିଁ ବୋଲି ଆଇଏଇଏ ପକ୍ଷରୁ ରିପୋର୍ଟ ଜାରି କରାଯାଇଛି।

ସେହିପରି ରାଜଧାନୀରେ ତେହରାନ ନ୍ୟୁକ୍ଲିୟର ରିସର୍ଚ୍ଚ ସେଣ୍ଟର (ଟିଏନଆରସି) ରହିଛି। ୧୯୬୭ରେ ଆମେରିକା ସହାୟତାରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ଏଠାରେ ୬୦୦ ଗ୍ରାମ ପର୍ଯ୍ୟନ୍ତ ପ୍ଲୁଟୋନିୟମ ଉତ୍ପାଦନ କରିହେବ। ଏହା ପରମାଣୁ ଅସ୍ତ୍ରଶସ୍ତ୍ର ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ଏହା ସବୁଠୁ ଅଧିକ ସୁରକ୍ଷିତ ଅଞ୍ଚଳରେ ମଧ୍ୟ ଥିଲା। ଏଠାରେ ଆକ୍ରମଣ କରି ଇସ୍ରାଏଲ ଇରାନକୁ ଚେତାଇ ଦେଇଛି। କୌଣସି କେନ୍ଦ୍ର ସୁରକ୍ଷିତ ନୁହେଁ ବୋଲି ବାର୍ତ୍ତା ଦେଇଛି। ସେହିପରି ଇସଫହାନରେ ୟୁରାନିୟମ କନଭର୍ସନ ଫାସିଲିଟି ରହିଛି। ଏଠାରେ ଅଶୋଧିତ ୟୁରାନିୟମକୁ ଗ୍ୟାସରେ ପରିବର୍ତ୍ତିତ କରାଯାଉଥିଲା। ଏଠାରେ ଅନେକ ଅସ୍ତ୍ରଶସ୍ତ୍ର କେନ୍ଦ୍ର ମଧ୍ୟ ଥିଲା। ତେଣୁ ଇସ୍ରାଏଲ ଏହାକୁ ଧ୍ୱଂସ କରିଦେଇଛି। ଏହା ବ୍ୟତୀତ ଇରାକର ହେଭି ୱାଟର ରିଆକ୍ଟରକୁ ଇସ୍ରାଏଲ ନିଶାଣ କରିଥିଲା। ଏଠାରେ ପ୍ଲୁଟୋନିୟମ ପ୍ରସ୍ତୁତ କରାଯାଉଥିଲା। ଅନୁସନ୍ଧାନ ଏବଂ ରେଡିଓ ଆଇସୋଟପ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଉଥିଲା। ଗବେଷଣାକୁ ରୋକିବା ଲାଗି ଏହାକୁ ଇସ୍ରାଏଲ ଧ୍ୱଂସ କରିଦେଲା।

# ଆମେରିକା ମହିଳା ସାଂସଦ, ସ୍ୱାମୀଙ୍କୁ ହତ୍ୟା

## ଗୁଳିମାଡ଼ରେ ଅନ୍ୟ ଜଣେ ସାଂସଦ ଓ ପତ୍ନୀ ଗୁରୁତର

ୱାଶିଂଟନ, ୧୪।୬ (ଏଜେନ୍ସି): ଆମେରିକାର ଚାଞ୍ଚଲ୍ୟ ଖେଳିଯାଇଛି। ଦେଶରେ ହିଂସା ଜାରି ରହିଥିବାବେଳେ ଶନିବାର ସକାଳେ ମିନେସୋଟା ରାଜ୍ୟରେ ଡେମୋକ୍ରାଟିକ ପାର୍ଟିର ୨ ସାଂସଦଙ୍କ ଘରେ ପଶି ଗୁଳିମାଡ଼ କରାଯାଇଛି। ଏହି ଗୁଳିକାଣ୍ଡରେ ପୂର୍ବତନ ବାଚସ୍ପତି ତଥା ସାଂସଦ ମେଲିସା ହର୍ଟମାନ ଏବଂ ତାଙ୍କ ସ୍ୱାମୀ ମାର୍କ ପ୍ରାଣ ହରାଇଛନ୍ତି। ଷ୍ଟେଟ ସିନେଟର ଜନ୍ ହୋଫମାନ ଏବଂ ତାଙ୍କ ପତ୍ନୀ ୟେଭେଟ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କ ଦେହରେ ଅନେକ ଗୁଳି ବାଜିଛି। ଏବେ ଦୁଇ ଜଣଙ୍କ ଚିକିତ୍ସା ଜାରି ରହିଛି। ଉଭୟଙ୍କ ଅସ୍ତ୍ରୋପଚାର ହୋଇଛି। ଦୁଇ ଜଣଙ୍କ ଜୀବନ ବଞ୍ଚିଯିବ ବୋଲି ଡାକ୍ତର ଆଶାବାଦୀ ଅଛନ୍ତି। ମିନେପୋଲିସର ଉତ୍ତର ଜିଲ୍ଲାରେ ଥିବା ଚେମ୍ପଲିନ ଏବଂ ବ୍ରୁକଲିନରେ ଏହି ଗୁଳିକାଣ୍ଡ ହୋଇଛି। ଆକ୍ରମଣକାରୀ ପୁଲିସ ପୋଷାକ ପିନ୍ଧି ଆସିଥିଲା। ପୋଷାକ ଦେଖି ଯେ କେହି ବି ତାକୁ ପୁଲିସ ଅଧିକାର ଭାବିବ। ସେ ଆସିଥିବା କାର୍‌କୁ ପୁଲିସ ଗିରଫ କରିଛି। ଏହି କାର୍‌ରୁ ଅନେକ ସାଂସଦଙ୍କ ନାମ ତାଲିକା ମିଳିଛି। ଏହି ତାଲିକା ଅନୁଯାୟୀ ଆକ୍ରମଣକାରୀ ସାଂସଦଙ୍କୁ ନିଶାଣ କରୁଛି ବୋଲି କୁହାଯାଉଛି। ତେଣୁ ତାଲିକାରେ ନାମ ଥିବା ସାଂସଦଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି।

ଏବେ ବି ଆକ୍ରମଣକାରୀ ଫେରାର ଅଛି। ଆକ୍ରମଣ ପଛର କାରଣ ଜାଣିବା ଲାଗି ଏବଂ ଆକ୍ରମଣକାରୀକୁ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି। ତାକୁ ଧରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଛି ବୋଲି ଗଭର୍ଣ୍ଣର ଟିମ ୱାଲ୍‌ଜ କହିଛନ୍ତି। ଦୁଇ ସାଂସଦଙ୍କ ଆକ୍ରମଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ ଉଲ୍ଲେଖ କରିଛନ୍ତି। ମେଲିସା ଜଣେ ଭଲ ସାଂସଦ ଥିଲେ। ତାଙ୍କ ସ୍ଥାନ କେହି ନେଇପାରିବେ ନାହିଁ ବୋଲି ୱାଲଜ କହିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଆକ୍ରମଣର ଶିକାର ହୋଇଥିବା ଦୁଇ ସାଂସଦଙ୍କ ଘର ମଧ୍ୟରେ ଦୂରତା ମାତ୍ର ୧୨ କିମି ଥିଲା। ହାଫମାନ ଏବଂ ତାଙ୍କ ପତ୍ନୀ ଚେମ୍ପଲିନରେ ରହୁଥିଲେ। ଭାରତୀୟ ସମୟ ସକାଳ ୧୧ଟା ୩୦ରେ ଉଭୟଙ୍କୁ ଗୁଳିମାଡ଼ କରାଯାଇଥିଲା। ହାଫମାନ ୨ଟି ଏବଂ ୟେଭେଟଙ୍କୁ ତିନୋଟି ଗୁଳି ବାଜିଛି।





# ହିମାଚଳରେ ଭୂସ୍ଖଳନ; ଧସିଗଲା ପାହାଡ଼


ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି): ମୌସୁମୀ ପୁଣି ସକ୍ରିୟ ହୋଇ ଉଠିଛି। ଏହାର ପ୍ରଭାବରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ଚମ୍ବା ଜିଲ୍ଲାର ବସ କୁଣ୍ଡି ସୁନାରା ମାର୍ଗରେ ଥିବା ଏକ ପାହାଡ ସମ୍ପୂର୍ଣ୍ଣ ଧସିଯାଇଛି। ଏହାର ଅବଶେଷ ରାସ୍ତା ଉପରକୁ ଖସି ପଡ଼ିଛି। ତେବେ ସୌଭାଗ୍ୟର ବିଷୟ ଏହି କି ଯେ ଏଥିରେ କେହି ମୃତାହତ ହୋଇନାହାନ୍ତି। କୌଣସି ଗାଡ଼ି ଏହା ସଂସ୍ପର୍ଶରେ ଆସିନାହିଁ। ଲୋକେ ବିପଦ ଦେଖି ଆଗୁଆ ସତର୍କ ହୋଇ ଯାଇଥିଲେ। ଟ୍ରାଫିକକୁ ବନ୍ଦ କରି ଦେଇଥିଲେ। ଏହା ପରେ ଦେଖୁ ଦେଖୁ ସମ୍ପୂର୍ଣ୍ଣ ପାହାଡ ରାସ୍ତାକୁ ଖସି ପଡ଼ିଥିଲା। ୫ ମିନିଟ ପର୍ଯ୍ୟନ୍ତ ଧୂଳି ଧୂଆଁ ଉଡିବାରେ ଲାଗିଥିଲା। ଏହା ସମ୍ପୂର୍ଣ୍ଣ ଅଞ୍ଚଳକୁ ଆଚ୍ଛାଦିତ କରିଦେଇଥିଲା। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ପୁନେରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ପିମ୍ପରି ଚିଞ୍ଚୱାଡ ସହରରେ ବନ୍ୟା ଭ୍ରମ ସୃଷ୍ଟି ହୋଇଛି। ନଳାରେ ୪ରୁ ୫ଟି ଗାଡ଼ି ଭାସି ଯାଇଛି। ସେହିପରି ହରିୟାଣାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସ୍ଥିତିକୁ ଦେଖି ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ମହିଳାଙ୍କୁ ଦ୍ୱିପହରେ ରୋଷେଇ ନ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ଶୋଷ ନ ଲାଗୁଥିଲେ ବି ପାଣି ପିଇବାକୁ କହିଛନ୍ତି।



## ଜଣେ ଥିଲେ ମନୀଷା

ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଅନେକଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି। ଏଥିରେ ୧୨ କ୍ରୁ ସଦସ୍ୟଙ୍କ ସହିତ ୨୨୯ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି କ୍ରୁ ସଦସ୍ୟଙ୍କ ମଧ୍ୟରେ ଥିଲେ ନେପାଳର ମନୀଷା ଥାପା। ବିହାରରେ ପଢ଼ିଥିବା ମନୀଷା ସ୍ୱପ୍ନର ଉଡ଼ାଣ ଭରିଥିଲେ। ଦେଶର ପ୍ରତିଷ୍ଠିତ ଏୟାରଲାଇନ୍ସ ଏୟାର ଇଣ୍ଡିଆରେ ଚାକିରି କରିଥିଲେ। ସେ ଇଣ୍ଡିଗୋ ଏୟାରଲାଇନ୍ସରେ ଗ୍ରାଉଣ୍ଡ ସପୋର୍ଟିଂ ଷ୍ଟାଫ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ଆକାଶା ଏବଂ ଏୟାର ଇଣ୍ଡିଆରେ କ୍ରୁ ସଦସ୍ୟ ଭାବେ ସାମିଲ ହୋଇଥିଲେ। ସେ ଲଣ୍ଡନ ଏବଂ ଅଷ୍ଟ୍ରେଲିଆ ଯାଉଥିବା ବିମାନରେ ସେବା ଦେଉଥିଲେ। ମନୀଷା ପାଠପଢାରେ ଧୂରନ୍ଧର ଥିଲେ। ସେ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ ଦିନରାତି ପରିଶ୍ରମ କରୁଥିଲେ। ସହଯୋଗୀମାନେ ମନୀଷାଙ୍କୁ ପ୍ରେରଣା ଭାବେ ଦେଖୁଥିଲେ। ସେ ନିଜ ବାପାମାଆଙ୍କ ସ୍ୱପ୍ନ ସାକାର କରିବା ପାଇଁ ଚାହୁଁଥିଲେ।

## ନଭେମ୍ବରରେ ହୋଇଥାନ୍ତା ରୋଶନୀଙ୍କ ନିର୍ବନ୍ଧ




ନଭେମ୍ବରରେ ମର୍ଚ୍ଚାଣ୍ଟ ନେଭି ଅଧିକାରୀଙ୍କ ସହ ନିର୍ବନ୍ଧ ହୋଇଥାନ୍ତା। ମାର୍ଚ୍ଚରେ ବିବାହ ଧାର୍ଯ୍ୟ ହୋଇ ସାରିଥିଲା। ଏଥିପାଇଁ ଘର ଲୋକେ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ମାତ୍ର ଏହା ପୂର୍ବରୁ ସବୁ ସ୍ୱପ୍ନ ଛାରଖାର ହୋଇଗଲା। ବିମାନ ଦୁର୍ଘଟଣାରେ ଏୟାର ହୋଷ୍ଟେସ ତଥା ଟ୍ରାଭେଲ ଇନଫ୍ଲୁଏନ୍ସର ରୋଶନୀ ସୋନଘାରେ (୨୬ଙ୍କ ଜୀବନ ଚାଲିଗଲା। କିଛି ମିନିଟ ମଧ୍ୟରେ ସବୁ ଖୁସି ଦୁଃଖରେ ବଦଳି ଗଲା। ଥାନେ ଅନ୍ତର୍ଗତ ଡୋମ୍ବିଭଲିରେ ରହୁଥିବା ସୋନଘାରେ ପରିବାର ଏହା ଗଭୀର ଆଘାତ ଦେଇଛି। ତିନି ଦିନ ତଳେ ଡ୍ୟୁଟିକୁ ଯାଇଥିବା ଝିଅ ଆଉ ଅଫେରା ରାଇଜକୁ ଚାଲିଯାଇଛି।

## ବିବାହର ଦୁଇ ଦିନ ପରେ ଚାଲିଗଲା ଜୀବନ



ଭଦୋଦରାର ୨୬ ବର୍ଷୀୟ ଭାବିକ ମାହେଶ୍ୱରୀ ଲଣ୍ଡନରେ ଚାକିରି କରୁଥିଲେ। ଦୁଇ ସପ୍ତାହ ତଳେ ଭାରତ ଆସିଥିଲେ। ଏହି ସମୟରେ ପରିବାର ତାଙ୍କ ବିବାହ ସ୍ଥିର କରିଥିଲେ। ଗତ ୧୦ ତାରିଖରେ ସେ କୋର୍ଟରେ ବିବାହ କରିଥିଲେ। ବିମାନ ଦୁର୍ଘଟଣା ସବୁ କିଛି ଛଡ଼ାଇ ନେଲା। ନବ ବିବାହିତାଙ୍କ ମଥାର ସିନ୍ଦୂର ଛଡ଼ାଇ ନେଲା। ଭାବିକଙ୍କ ପିତା ଅର୍ଜୁନ ମାହେଶ୍ୱରୀ କହିଛନ୍ତି ଯେ ପୁଅ ଗତ ୧୨ ତାରିଖରେ ବିମାନ ବୁକ୍ କରିଥିଲେ। ବୋହୂ ମଧ୍ୟ ତାଙ୍କୁ ବିଦାୟ ଦେବାକୁ ଅହମଦାବାଦ ବିମାନବନ୍ଦରକୁ ଯାଇଥିଲେ। ବିମାନ ଦୁର୍ଘଟଣାର ଖବର ଆସିବା ପର୍ଯ୍ୟନ୍ତ ବୋହୂ ଘରକୁ ମଧ୍ୟ ଫେରି ନ ଥିଲେ।

## ରୋଜଗାରିଆ ଝିଅକୁ ହରାଇଲା ପରିବାର



ଅହମଦାବାଦ, ୧୪।୬ (ଏଜେନ୍ସି): ଦୁର୍ଘଟଣାରେ ପ୍ରାଣ ହରାଇଥିବା କ୍ରୁ ସଦସ୍ୟଙ୍କ ମଧ୍ୟରେ ମଣିପୁର ହିଂସା ପୀଡ଼ିତ ୨୬ ବର୍ଷୀୟ ଲାମନୁନ୍ଥେମ୍ ସିଙ୍ଗସନ୍ ସାମିଲ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ସେ ଜଣେ ରୋଷେୟା ଥିଲେ। ମଣିପୁରରେ ହିଂସା ଯୋଗୁଁ ତାଙ୍କ ପରିବାରକୁ ଘରୁ ଛାଡ଼ିବାକୁ ପଡିଥିଲା। ସେ ଶେଷ ଥର ପାଇଁ ଗତ ୧୧ ତାରିଖରେ ନିଜ ବିଧବା ମାଆଙ୍କ ସହ କଥା ହୋଇଥିଲେ। ଦୁହେଁ ଫୋନରେ ଏକାଠି ପ୍ରାର୍ଥନା କରିଥିଲେ। ସମ୍ପର୍କୀୟ ଭାଇ ଲୁନ୍ କିପଜେନ୍ କହିଛନ୍ତି ଯେ ସିଙ୍ଗସନ୍‌ଙ୍କ ବଡ଼ ଭାଇ କିଛି କାମ କରୁନାହାନ୍ତି। ସେ ଏକ ଗମ୍ଭୀର ରୋଗରେ ପୀଡିତ। ଆଉ ଦୁଇ ଭାଇ ପାଠ ପଢୁଛନ୍ତି। ସମସ୍ତଙ୍କୁ ଅସହାୟ କରି ଭଉଣୀ ଚାଲି ଯାଇଛି। ଦୁର୍ଘଟଣା ଖବର ମାଆଙ୍କୁ ଗଭୀର ଆଘାତ ଦେଇଛି। ସେ ଖାଇବା ପିଇବା ବନ୍ଦ କରିଦେଇଛନ୍ତି। ଝିଅର ଫେରିବା ବାଟକୁ ଚାହିଁ ରହିଛନ୍ତି।

## ପାଇଲଟଙ୍କ ଶେଷ ବାର୍ତ୍ତା

# ବିମାନ ଉପରକୁ ଉଠୁନି; କେହି ବଞ୍ଚିବୁନି

ଅହମଦାବାଦ, ୧୪।୬ (ଏଜେନ୍ସି): ୨୦୨୫ ଜୁନ୍ ୧୨। ଏହି ଦିନକୁ କେହି ବି ସହଜରେ ଭୁଲି ପାରିବେ ନାହିଁ। ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଗୁରୁବାର ଦ୍ୱିପହର ୧ଟା ୩୯ରେ ଅହମଦାବାଦ ବିମାନବନ୍ଦରରୁ ବ୍ରିଟେନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏହାର କିଛି ସେକେଣ୍ଡ ମଧ୍ୟରେ ବିମାନ ୬୨୫ ଫୁଟ ଉଚ୍ଚତାରେ ପହଞ୍ଚି ଯାଇଥିଲା। ୧୭୪ ନଟ୍ସର ସ୍ପିଡ୍ ହାସଲ କରିଥିଲା। ମାତ୍ର ଏହି ସମୟରେ ଅଚାନକ ସ୍ଥିତି ବଦଳି ଯାଇଥିଲା। ହଠାତ୍ ବିମାନ ଦ୍ରୁତଗତିରେ ତଳକୁ ଖସିବାରେ ଲାଗିଥିଲା। ଏହା ଦେଖି ପାଇଲଟ ସୁମିତ ସଭରୱାଲ ଏବଂ ସହଯୋଗୀ ପାଇଲଟ କ୍ଲାଇଭ କୁନ୍ଦର ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି) କୁ ଏମର୍ଜେନ୍ସି କଲ୍ କରିଥିଲେ। 'ମେଡେ ମେଡେ ମେଡେ' କହିଥିଲେ। ପାଇଲଟ ସୁମିତ ସଭରୱାଲ କହିଥିଲେ ଯେ ଥ୍ରଷ୍ଟ ମିଳୁନାହିଁ। ବିମାନ ଉପରକୁ ଉଠି ପାରୁନାହିଁ। ଏହା ତଳକୁ ଖସିବାରେ ଲାଗିଛି। କେହି ବଞ୍ଚିବୁ ନାହିଁ। ମେଡେ ମେଡେ ମେଡେ। ଏହି ବାର୍ତ୍ତା ପାଇବା ପରେ ଏଟିସି ପକ୍ଷରୁ ବିମାନକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ କୌଣସି ଉତ୍ତର ମିଳିପାରି ନ ଥିଲା। ଏହାର କିଛି ସେକେଣ୍ଡ ମଧ୍ୟରେ ବିମାନବନ୍ଦରରୁ ଦୁଇ କିମି ଦୂର ମେଧାନିନଗର ସ୍ଥିତ ମେଡିକାଲ କଲେଜ ପରିସରରେ ବିମାନ ଖସି ପଡ଼ିଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଶନିବାର ଏହି ସୂଚନା ଦିଆଯାଇଛି।

ଏହି ଦିନଟି ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇ ଯାଇଛି। ଏ ପର୍ଯ୍ୟନ୍ତ ୨୭୫ ମୃତଦେହ ଉଦ୍ଧାର କରାଗଲାଣି।

ବିମାନର ମୁଖ୍ୟ ପାଇଲଟ ସୁମିତଙ୍କ ପାଖରେ ୮, ୨୦୦ ଘଣ୍ଟାରୁ ଅଧିକ ଉଡ଼ାଣ



ଅଭିଜ୍ଞତା ଥିଲା। ସେହିପରି ସହଯୋଗୀ ପାଇଲଟ ପାଖରେ ମଧ୍ୟ ୧୧୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ରହିଥିଲା। ଏହାସତ୍ତ୍ୱେ ଏଭଳି କ'ଣ ହୋଇଥିଲା ଯେ ୨ ମିନିଟରୁ କମ୍ ସମୟ ମଧ୍ୟରେ ଭାରତର ସବୁଠୁ ଭୟାନକ ବିମାନ ଦୁର୍ଘଟଣା ଘଟିଥିଲା ବୋଲି ପ୍ରଶ୍ନ ଉଠୁଛି। ଏହି ବିମାନ ପ୍ୟାରିସ-ଦିଲ୍ଲୀ-ଅହମଦାବାଦର ଉଡ଼ାଣକୁ ସଫଳତାର ସହ ଶେଷ କରିଥିଲା ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ବିମାନ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ୨୭୫ରେ ପହଞ୍ଚି ଯାଇଛି। ମୃତଦେହ ରଖିବା ପାଇଁ ୧୭୦ କଫିନ ଅର୍ଡର କରାଯାଇଛି। ଏୟାର ଇଣ୍ଡିଆର ମ୍ୟାନେଜର ଫୋନ କରି ଏ ନେଇ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହାମଧ୍ୟରେ ଅହମଦାବାଦ ସିଭିଲ ହସ୍ପିଟାଲର ଡେପୁଟି ସିଭିଲ ସୁପରିଟେଣ୍ଡେଣ୍ଟ ରଜନୀଶ ପଟେଲ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୪୮ ମୃତଦେହର ଡିଏନଏ ନମୁନାକୁ ପୁଣିଥରେ ଯାଞ୍ଚ କରାଗଲାଣି। ଏଥିରୁ ୧୧ ଡିଏନ୍‌ଏ ସମ୍ପର୍କୀୟଙ୍କ ସହ ମିଶିଛି। ଆଜି ଜଣେ ମହିଳାଙ୍କ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏବେ ସୁଦ୍ଧା ୯ ମୃତଦେହ ହସ୍ତାନ୍ତର କରାଗଲାଣି। ୮ ଜଣ ଆହତଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହା ପୂର୍ବରୁ ବିଜେ ମେଡିକାଲରେ ଫସିଥିବା ବିମାନର ପଛ ଭାଗ ବାହାର କରାଯାଉଥିବା ବେଳେ ଏକ ମୃତଦେହ ମିଳିଥିଲା। ଏହି ମୃତଦେହ ଏୟାର ହୋଷ୍ଟେସଙ୍କର ହୋଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟଙ୍କ ଅନ୍ତରୀଣ ସହାୟତା ଭାବେ ପ୍ରଥମେ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ତତ୍କାଳ ସହାୟତା ଭାବେ ଆହତ ଏବଂ ମୃତକଙ୍କ ପରିବାରକୁ ଏହି ଅର୍ଥ ପ୍ରଦାନ କରାଯିବ।

### ସରଣ୍ଡାରେ ସର୍ଚ୍ଚ ଅପରେସନ ବେଳେ ଆଇଇଡି ବିସ୍ଫୋରଣ

# ସିଆର୍‌ପିଏଫ୍ ଏଏସ୍‌ଆଇ ସହିଦ

ରାଉରକେଲା,୧୪।୬ (ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି (ଲ୍ୟାଣ୍ଡମାଇନ୍) ବିସ୍ଫୋରଣରେ ଜଣେ ସିଆର୍‌ପିଏଫ୍ ଯବାନ ସହିଦ ହୋଇଛନ୍ତି। ତାଙ୍କ ଦୁଇଗୋଡ଼ ଉଡିଯିବା ସହ ଶରୀର ଖଣ୍ଡଖଣ୍ଡ ହୋଇଯାଇଛି। ସେ ହେଲେ, ସିଆର୍‌ପିଏଫ୍ ଏଏସ୍‌ଆଇ ସତ୍ୟବାନ କୁମାର ସିଂ(୩୪)। ତାଙ୍କ ଘର ଉତ୍ତରପ୍ରଦେଶରେ। ସେ ଝାଡ଼ଖଣ୍ଡରେ ସିଆର୍‌ପିଏଫ୍‌ର ୧୩୪ ବାଟାଲିୟନ୍‌ରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ। ଶନିବାର ସକାଳେ ସୁନ୍ଦରଗଡ଼ ଜିଲ୍ଲାର ଲଙ୍ଗଲକଟା ଅଞ୍ଚଳରେ ଚାଲିଥିବା ସର୍ଚ୍ଚ ଅପରେସନ୍‌ରେ ସେ ସହିଦ ହୋଇଛନ୍ତି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ବାଙ୍କୋ-ଲଙ୍ଗଲକଟା ଅଞ୍ଚଳରେ ସିଆର୍‌ପିଏଫ୍ ଯବାନମାନେ ସର୍ଚ୍ଚ ଅପରେସନ କରୁଥିଲେ। ଭୋର୍ ପ୍ରାୟ ୫ଟା ୪୫ରେ ଲଙ୍ଗଲକଟା ନିକଟ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଏକ ଲ୍ୟାଣ୍ଡମାଇନ୍ ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ସିଆର୍‌ପିଏଫ ଏଏସ୍‌ଆଇ ସତ୍ୟବାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପରେ ସହିଦ ସତ୍ୟବାନଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହ ହସ୍ପିଟାଲରୁ ସ୍ୱତନ୍ତ୍ର ବିମାନରେ ରାଞ୍ଚି ଓ ସେଠାରୁ ତାଙ୍କ ଜନ୍ମମାଟି ଉତ୍ତରପ୍ରଦେଶକୁ ପଠାଯାଇଥିବା ଜଣାଯାଇଛି।



### ଜନ୍ମମାଟି ଉତ୍ତରପ୍ରଦେଶକୁ ଗଲା ମରଶରୀର

ସୂଚନାଯୋଗ୍ୟ ଯେ, ଗତ ମଇ ୨୭ ତାରିଖରେ କେ. ବଲାଙ୍ଗ ଥାନା ବାଙ୍କୋ ପଥର ଖଣି ନିକଟରୁ ୩୦/୪୦ ଜଣ ସଶସ୍ତ୍ର ମାଓବାଦୀ ବଡଗାଁରୁ ଯାଉଥିବା ୫ ଟନ୍ ବିସ୍ଫୋରକ ବୋଝେଇ ଏକ ଭ୍ୟାନକୁ ଲୁଟି ନେଇଥିଲେ। ଏହି ଘଟଣା ପରେ ଓଡ଼ିଶା - ଝାଡ଼ଖଣ୍ଡ ପୁଲିସର ମିଳିତ ସର୍ଚ୍ଚ ଅପରେସନ କରାଯାଇ ତିରିଲପୋଷି ନିକଟରୁ ୩ଟି ପର୍ଯ୍ୟାୟରେ ମାଟି ତଳେ ମାଓବାଦୀମାନେ ପୋତି ଲୁଚାଇ ରଖିଥିବା ୩.୮ ଟନ୍ ବିସ୍ଫୋରକ ଜବତ କରାଯାଇଥିଲା। ତେବେ ଏବେ ବି ୧୨୦୦ କେଜିର ବିସ୍ଫୋରକ ସାମଗ୍ରୀ ମାଓବାଦୀମାନେ କେଉଁଠି ଲୁଚାଇ ରଖିଛନ୍ତି ତାର ଟେର ପାଉନି ପୁଲିସ। ଏବେ ସରଣ୍ଡା ଜଙ୍ଗଲରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି। ଆଜି ସତ୍ୟବାନ ସହିଦ ହେବା ଘଟଣା ଉଭୟ ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଏବେ ସର୍ଚ୍ଚ ଅପରେସନକୁ ସ୍ଥଗିତ ରଖି ପୁଲିସ ନୂଆ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ସମସ୍ତ ଯବାନ ଏବେ ଅପରେସନରୁ ଫେରି ଆସିଥିବା ସୂଚନା ମିଳିଛି।

# ରତ୍ନଭଣ୍ଡାର ମରାମତି ଶୀଘ୍ର ସାରିବାକୁ ଏଏସ୍‌ଆଇକୁ ଚିଠି

ପୁରୀ, ୧୪।୬ (ସମିସ): ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି (ଜୁନ୍ ୨୮ ରୁ ଜୁଲାଇ ୬) ମଧ୍ୟରେ ବାକିଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ ଚିଠିରେ ଦର୍ଶାଇଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍‌ଆଇ ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି।

ଅରୁଣ ସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳାଇବା ଏବଂ ବର୍ତ୍ତମାନ ସୁଦ୍ଧା ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାମ ପାଇଁ

### ଏଏସ୍‌ଆଇ ଡିଜିଙ୍କୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଏଏସ୍‌ଆଇକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହ ୩ଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ ମଧ୍ୟ କରିଛନ୍ତି। ସେଗୁଡ଼ିକ ହେଉଛି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଉତ୍ତରଦ୍ୱାରଠାରେ ରାମ୍ପ୍ ନିର୍ମାଣ ଏଏସ୍‌ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏଏସ୍‌ଆଇର ନିର୍ଦ୍ଦେଶକ (ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏ ସଂକ୍ରାନ୍ତରେ ଏଏସ୍‌ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ଓ ବେଢ଼ାରେ ଥିବା ପାର୍ଶ୍ୱ ମନ୍ଦିରଗୁଡ଼ିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍‌ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର୍ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍‌ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

### ଛୁଆକୁ ଦେଖିବା ଆଗରୁ ଚାଲିଗଲା ବାପାର ଜୀବନ

# ବାଇକ୍‌କୁ ପଛରୁ ପିଟିଲା ଟ୍ରକ୍; ୨ ମୃତ





ନୂଆପଡ଼ା, ୧୪।୬ (ସମିସ): ନିଜର ନବଜାତ ସନ୍ତାନକୁ ଆଖି ପୂରେଇ ଦେଖିବା ଆଗରୁ ଚାଲିଗଲା ବାପାର ଜୀବନ। ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୦ କିଲୋମିଟର ଦୂର ଦଲଦଲି ଗାଁ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ଏକ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି।

### ଡାକ୍ତରଖାନାରେ ଉତ୍ତ୍ୟକ୍ତଲୋକଙ୍କ ଧାରଣା

ମୃତକଦ୍ୱୟ ହେଲେ, ସ୍ଥାନୀୟ ଦିଆମୁଣ୍ଡା ଗାଁର କ୍ଷମାସାଗର ଧରୁଆ (୨୫) ଓ ପୂରନ୍ଦର ଧରୁଆ (୪୫)। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଏହି ଘଟଣାକୁ ନେଇ ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ରୋକିବା ଦିଗରେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବି କରି ଉତ୍ତ୍ୟକ୍ତ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣା ଦେଇଥିଲେ। ତେବେ ପ୍ରଶାସନ ତରଫରୁ ଦୁଇ ପରିବାରକୁ ରେଡ୍‌କ୍ରସ୍ ତରଫରୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାନୁଯାୟୀ, କ୍ଷମାସାଗରଙ୍କ ସ୍ତ୍ରୀ ବୃନ୍ଦା ତରବୋଡ଼ ହସ୍ପିଟାଲରେ ଏକ ସନ୍ତାନ ପ୍ରସବ କରିଥିଲେ। ତାଙ୍କୁ ଭ୍ୟାନ୍ ଯୋଗେ କ୍ଷମାସାଗରଙ୍କ ଶ୍ୱଶୁରଘର ଦଲଦଲିକୁ ନିଆଯାଇଥିଲା। ଗାଡ଼ି ପଛପଛେ କ୍ଷମାସାଗର ନିଜର ସହଯୋଗୀ ପୂରନ୍ଦରଙ୍କ ସହ ଏକ ବାଇକ୍‌ରେ ଦଲଦଲିକୁ ଆସୁଥିଲେ। ତେବେ ଗାଁ ନିକଟରେ ପହଞ୍ଚିବା ବେଳେ ପଛପଟୁ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସକାଳେ ଦୁହିଁଙ୍କ ପରିବାରଲୋକଙ୍କ ସହ ଗ୍ରାମବାସୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଦାବି କରି ଧାରଣା ଦେଇଥିଲେ।

ଧାରଣାରେ ଆଦିବାସୀ କଲ୍ୟାଣ ସଙ୍ଘର ଜିଲ୍ଲା ସଭାପତି ଭାନୁ ପ୍ରତାପ ସିଂ ମାଝୀ, ସାଧାରଣ ସମ୍ପାଦକ ଭକ୍ତ ବନ୍ଧୁ ଧରୁଆ, ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀ ସାମିଲ ହୋଇ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣାର ସ୍ଥାୟୀ ପ୍ରତିକାର କରିବାକୁ ଦାବି କରିଥିଲେ। ଖବର ପାଇ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଧାରଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ପାଣ୍ଠିରୁ ଦୁଇ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୨୦ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱରରେ ରୋଡ୍ ଶୋ, ଜନତା ମଇଦାନରେ ସମ୍ବୋଧନ
■ ଅନ୍ତ୍ୟୋଦୟ ଯୋଜନା ହିତାଧିକାରୀଙ୍କୁ କରିବେ କାର୍ଯ୍ୟାଦେଶ ବଣ୍ଟନ

ଭୁବନେଶ୍ୱର,୧୪।୬(ସମିସ): ରାଜ୍ୟ ବିଜେପି ସରକାରଙ୍କ ଶାସନର ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଏକ ରୋଡ୍ ଶୋରେ ଯୋଗଦେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଶନିବାର ସୂଚନା ଦେଇଛନ୍ତି।

ଶ୍ରୀ ନାଏକ କହିଛନ୍ତି ଯେ ୨୦ ତାରିଖ ଅପରାହ୍ନ ୩ଟାରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ପରେ ପ୍ରଧାନମନ୍ତ୍ରୀ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ସହ ଭୁବନେଶ୍ୱରରୁ ଜନତା ମଇଦାନ ଯାଏଁ ଆୟୋଜିତ ରୋଡ୍ ଶୋ'ରେ ସାମିଲ ହେବେ। ଜନତା ମଇଦାନରେ ଅନୁଷ୍ଠିତ ବିଶାଳ ସମାବେଶରେ ପ୍ରଧାନମନ୍ତ୍ରୀ ଉପସ୍ଥିତ କର୍ମୀ ଏବଂ ରାଜ୍ୟବାସୀଙ୍କୁ ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି।

ମନ୍ତ୍ରୀ ଶ୍ରୀ ନାଏକ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବାଣ୍ଟିବେ। ଏଥିସହିତ ପ୍ରଧାନମନ୍ତ୍ରୀ କିଛି ନୂଆ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି। ବିଶେଷକରି ଏହି ଅବସରରେ ମହାପୁରୁଷ ଆଦର୍ଶ ଗାଁ ଯୋଜନା ଘୋଷଣା ହୋଇପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ କରିବା ପାଇଁ ଉଭୟ ସରକାର ଏବଂ ଦଳୀୟ ସଂଗଠନ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛନ୍ତି। ସାଂଗଠନିକ ସ୍ତରରେ ଏଥିପାଇଁ ଦଳୀୟ ବିଧାୟକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଥିବା ମଧ୍ୟ ଜଣାପଡ଼ିଛି।

### ଲୁଣି ମାଛ ବଜାରରେ ବଢ଼ିବ ଗହଳିଚହଳି

# ଆଜି ମୁହାଣରୁ ବାହାରିବ ଶହଶହ ଟ୍ରଲର୍

ବାଲେଶ୍ୱର, ୧୪।୬(ସମିସ): ଦୀର୍ଘ ଦିନ ଧରି ଶାନ୍ତ ପଡ଼ିଥିବା ବାଲେଶ୍ୱରର ଲୁଣି ମାଛ ବଜାରରେ ପୁଣି ଗହଳିଚହଳି ବଢ଼ିବ। ହାତବାନ୍ଧି ବସିଥିବା ଟ୍ରଲର୍ ମାଲିକ, ମତ୍ସ୍ୟଜୀବୀ, ଛୋଟବଡ଼ ମାଛ ବ୍ୟବସାୟୀ ଚଳଚଞ୍ଚଳ ହେବେ। ଚାଲିବ କୋଟି କୋଟି ଟଙ୍କାର କାରବାର। ଦୁଇ ମାସର କଟକଣା ପରେ ଆସନ୍ତାକାଲି (ରବିବାର) ସମୁଦ୍ରକୁ ମାଛ ମାରିବାକୁ ବାଲେଶ୍ୱର

### ଦୁଇ ମାସର କଟକଣା ପରେ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ

ଜିଲ୍ଲା ପ୍ରମୁଖ ମାଛ ଅବତରଣ କେନ୍ଦ୍ର ବଳରାମଗଡ଼ି, ବାହାବଳପୁର, କଷାଫଳ ଆଦି ମୁହାଣରୁ ଶହଶହ ଟ୍ରଲର୍ ଗଭୀର ସମୁଦ୍ରକୁ ଯିବେ। ଏଥିପାଇଁ ମତ୍ସ୍ୟଜୀବୀ ଓ ଟ୍ରଲର୍ ମାଲିକଙ୍କ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ସରିଛି। ଆଜି ବଳରାମଗଡ଼ିରେ ଟ୍ରଲର୍‌ଗୁଡ଼ିକୁ ପୂଜା କରାଯିବା ସହ ଆବଶ୍ୟକ ସରଞ୍ଜାମ ଭର୍ତ୍ତି କରାଯାଇଛି। ମୁଖ୍ୟତଃ ଟ୍ରଲର ପାଇଁ ତେଲ, ଖାଦ୍ୟ ପଦାର୍ଥ, ଜାଲ, ବରଫ ଇତ୍ୟାଦି ପ୍ରସ୍ତୁତ କରାଯାଇଛି। ଆସନ୍ତାକାଲି ଜୁଆର ସମୟ ସକାଳ ୧୦ରୁ ୧୨ଟା ମଧ୍ୟରେ ସମୁଦ୍ର ମଧ୍ୟକୁ ଟ୍ରଲର୍‌ଗୁଡ଼ିକ



ମାଛ ମାରିବାକୁ ବାହାରିବେ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଏପ୍ରିଲ୍ ୧୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ମାଛମରା ଟ୍ରଲର୍ ନେଇ ସମୁଦ୍ରକୁ ଯିବାକୁ ବାରଣ କରାଯାଇଥାଏ। ଏହି ଦୁଇ ମାସ ସାମୁଦ୍ରିକ ଜୀବ ଓ ମାଛମାନଙ୍କର ପ୍ରଜନନ ସମୟ ହୋଇଥିବାରୁ ସରକାର କଟକଣା ଲଗାଇଥା'ନ୍ତି। ତେବେ ଆସନ୍ତାକାଲି (ରବିବାର) ସକାଳ ୬ଟାରେ ଏହି କଟକଣା ଅବଧି ଶେଷ ହେଉଛି। ତେଣୁ, ମାଛ ମାରିବାକୁ ଯିବା ପାଇଁ ମତ୍ସ୍ୟଜୀବୀମାନେ ଉତ୍ସାହିତ ଅଛନ୍ତି।

ଜଣେ ଟ୍ରଲର୍ ମାଲିକ କହିଛନ୍ତି ଯେ ମୁହାଣରୁ ଟ୍ରଲର୍ ଛାଡ଼ିବା ପରେ ସମୁଦ୍ରରେ ମାଇଲ୍ ମାଇଲ୍ ବାଟ ଘୂରି ବୁଲି ମାଛ ଧରିବେ। ପାଖାପାଖି ୧୫ ଦିନ ଗଭୀର ସମୁଦ୍ରରେ ମାଛ ଧରିବା ପରେ ପୁଣି ଫେରି ଆସିବେ। ଫଳରେ ଖୁବ୍ କମ୍ ଦିନ ଭିତରେ ବାଲେଶ୍ୱରର ପ୍ରମୁଖ ଲୁଣି ମାଛ ମାର୍କେଟ୍‌ଗୁଡ଼ିକ ପୁଣି ଚଳଚଞ୍ଚଳ ହୋଇଉଠିବ। ବଜାରରେ ଇଲିସି, ଫିରିକି, ଚିଙ୍ଗୁଡ଼ି, ଶିଳା ଭଳି ବିଭିନ୍ନ ପ୍ରକାରର ଲୁଣି ମାଛ ଗ୍ରାହକଙ୍କୁ ଶସ୍ତାରେ ମିଳିପାରିବ ଏବଂ ମାଛ ଧରାଳି, ବେପାରୀ ବି ଭଲ ଦି' ପଇସା ରୋଜଗାର କରିପାରିବେ। ଆଗକୁ ଭଲ ମୌସୁମୀ ବର୍ଷା ହେଲେ ଅଧିକ ଇଲିସି ମାଛ ଜାଲରେ ଲାଗିବେ ବୋଲି ସେ ଆଶାବାଦୀ ଅଛନ୍ତି।

ଟ୍ରଲର ଚାଳକ ଦୟାନିଧି ଦାସ, ନନ୍ଦ ମୌଳିକ, ଚାଳକ ଓ ମତ୍ସ୍ୟଜୀବୀ ପ୍ରଭାକର ମୌଳିକ ପ୍ରମୁଖ କହିଛନ୍ତି ଯେ ମାଛର ପ୍ରଜନନ ପାଇଁ ଦୁଇ ମାସ ସମୁଦ୍ରକୁ କଟକଣା ରହିଥିବା ବେଳେ ଏହି ସମୟରେ ଟ୍ରଲର ମାଲିକମାନେ ଟ୍ରଲର୍ ମରାମତି କରିଥା'ନ୍ତି। ସେହିପରି ମତ୍ସ୍ୟଜୀବୀମାନେ ଛୋଟ ବୋଟ ମରାମତି ଓ ଅନ୍ୟାନ୍ୟ ପ୍ରସ୍ତୁତି କରିଦେଇଥା'ନ୍ତି। ଅପରପକ୍ଷେ, ମାଛମରା ବନ୍ଦ ଯୋଗୁଁ ସମୁଦ୍ରରେ ମାଛ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥାଏ। ଏଣୁ ଗୋଟିଏ ଗୋଟିଏ ଟ୍ରଲର ୪୦୦ ରୁ ୫୦୦ ଜାଲି ମାଛ ସଂଗ୍ରହ କରି କୂଳକୁ ଫେରିବେ ବୋଲି ଆଶା ରଖିଛନ୍ତି। ଏଥିପାଇଁ ମତ୍ସ୍ୟଜୀବୀ ମାନଙ୍କୁ ୧୦ ରୁ ୧୫ ଦିନ ସମୁଦ୍ର ମଧ୍ୟରେ ରାତି କାଟିବାକୁ ପଡ଼ିବ। ଏହାରି ମଧ୍ୟରେ ଖାଇବା ଶୋଇବା ସବୁ ହୋଇଥାଏ। ସେପଟେ, ଥରେ ସିଜିନ୍ ଆରମ୍ଭରୁ ଟ୍ରଲର ସମୁଦ୍ରକୁ ଯିବା ପାଇଁ ୫ ରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଲିକ ଖର୍ଚ୍ଚ କରି ସାମଗ୍ରୀ ରଖିଥାନ୍ତି। ଏଣୁ, ଭଲ ମାଛ ଅମଳ ଓ ଦୁଇ ପଇସା ଲାଭ ପାଇଁ ମାଲିକ ବି ଆଶାବାଦୀ ରହିଥା'ନ୍ତି। ସେହିପରି ଦୁଇ ମାସ ହେବ ସମୁଦ୍ର ମାଛ ବଜାରକୁ ଆସୁନଥିବାରୁ ଲୁଣିମାଛର ବଜାର ଦର ଚଢ଼ା ରହିଛି। ଏବେ ପୁଣି ମାଛ ଧରା ଆରମ୍ଭ ହେଉଥିବାରୁ ଏହି ଦର କମ ହେବା ନେଇ ଆଶା କରାଯାଉଛି।

### ଛାତିରେ ଛୁରି ଭୁସି ସାଙ୍ଗକୁ ହତ୍ୟା



ଗଣିଆ,୧୪।୬(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ଅନ୍ତର୍ଗତ କିଶୋରପ୍ରସାଦ ପଞ୍ଚାୟତର ପାଣ୍ଡରାସିଂହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରଜ ମଉଜ ସମୟରେ ସାଙ୍ଗକୁ ଛୁରି ଭୁସି ହତ୍ୟା କରିଛି ସାଙ୍ଗ। ଏହି ଘଟଣା ଗଣିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମିଳିଥିବା ସୂଚନାନୁସାରେ, ଶନିବାର ଅପରାହ୍ନରେ ଖଲିସରା କ୍ଲବ୍ ମଣ୍ଡପ ଉପରେ ପୁରୁଷୋତ୍ତମ ପ୍ରଧାନ (୩୭) ବସିଥିବା ବେଳେ ତାଙ୍କ ସାଙ୍ଗ ତଥା ସେହି ଗ୍ରାମର ଗଙ୍ଗାଧର ରାଉତ ଓରଫ ସୁନିଆ (୪୨) ଅତ୍ୟଧିକ ମଦ୍ୟପାନ କରି କ୍ଲବ୍ ମଣ୍ଡପକୁ ଯାଇଥିଲା। ଦୁଇଜଣଙ୍କ ମଧ୍ୟରେ କୌଣସି କାରଣ ନେଇ କଥା କଟାକଟି ହୋଇଥିଲା। ଏପରିକି, ଉଭୟେ ଉଭୟଙ୍କୁ ଗାଳିଗୁଲଜ କରିବା ସହିତ ମାରପିଟ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗଙ୍ଗାଧର ପାଖରେ ପଡ଼ିଥିବା ଏକ ଠେଙ୍ଗାରେ ପୁରୁଷୋତ୍ତମଙ୍କୁ ପଟିଥିଲା। ପୁରୁଷୋତ୍ତମ ମାଡ଼ ଖାଇ ଗ୍ରାମର ମନୋରଞ୍ଜନ ପ୍ରଧାନଙ୍କୁ ଧରି ଭଦ୍ରଲୋକଙ୍କ ନିକଟକୁ ଯାଇ ଏହାର ସମାଧାନ କରିବାକୁ ଯିବା ପାଇଁ ବାହାରିଥିଲେ। କିନ୍ତୁ ଗଙ୍ଗାଧର ଭଦ୍ରଲୋକଙ୍କ ପାଖକୁ ଗଲେ ଜୀବନରେ ମାରିଦେବ ବୋଲି କହି ନିଜ ଘରକୁ ଦୌଡ଼ିଯାଇ ଗୋଟିଏ ଛୁରି ଆଣି ପୁରୁଷୋତ୍ତମଙ୍କ ଛାତିକୁ ଭୁସି ଦେଇ ଦୌଡ଼ି ପଳାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାକୁ ଗୋଡ଼ାଇ କାବୁ କରିବା ସହ ଗଣିଆ ଥାନାକୁ ଖବର ଦେଇଥିଲେ। ଗ୍ରାମବାସୀମାନେ ସଙ୍ଗେସଙ୍ଗେ ପୁରୁଷୋତ୍ତମଙ୍କୁ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଣିଆ ଥାନା ଅଧିକାରୀ ଶବକୁ ଜବତ କରି ୮୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଅଭିଯୁକ୍ତକୁ ଆଣି ଗଣିଆ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଓ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ବଢୁଛି ନାରୀ-ଶିଶୁ ନିର୍ଯାତନା

# ବର୍ଷକରେ ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ

ଭୁବନେଶ୍ୱର,୧୪।୬(ସମିସ): ପ୍ରତିଦିନ ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଖବର ସାମ୍ନାକୁ ଆସୁଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଯେଉଁ ଜିଲ୍ଲା ଅଧିକ ଶିକ୍ଷିତ ସେଠାରେ ନାରୀ ନିର୍ଯାତନା ଅଧିକ। ଅନ୍ୟପକ୍ଷରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ହାର କମ୍ ରହିଛି। ଗୋଟିଏ ବର୍ଷରେ ପାଖାପାଖି ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ ହୋଇଛନ୍ତି। ଏମାନଙ୍କ ସଂଖ୍ୟା ଯାଜପୁର ଜିଲ୍ଲାରେ ସର୍ବାଧିକ ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଗତବର୍ଷ ରାଜ୍ୟରେ ପାଖପାଖି ୨୮ ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ଏହି ସଂଖ୍ୟା ଦୁଇ ହଜାରରୁ ଅଧିକ ରହିଛି। ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଜିଲ୍ଲାରେ ଏଭଳି ନିର୍ଯାତନା ସଂଖ୍ୟା ହଜାରରୁ ଅଧିକ ରହିଛି। ଏହି ଜିଲ୍ଲାଗୁଡିକରେ ମହିଳାମାନେ ଘରୋଇ ହିଂସା ଓ ଯୌତୁକ ହିଂସାର ଶିକାର ହେଉଥିବା ବେଳେ ଶିଶୁମାନେ ପାଶବିକ ଅତ୍ୟାଚାର ସହିତ ଅପହରଣର ଶିକାର ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ନୂଆପଡା, ମାଲକାନଗିରି, ଗଜପତି, ବୌଦ୍ଧ, କଳାହାଣ୍ଡି

■ ଶିକ୍ଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ଅଧିକ
■ ଆଦିବାସୀ ଅଞ୍ଚଳରେ ନିର୍ଯାତନା ହାର କମ୍

ଆଦି ଜିଲ୍ଲାରେ ଏହି ନିର୍ଯାତନା ହାର ଅପେକ୍ଷାକୃତ କମ୍ ରେକର୍ଡ କରାଯାଇଛି। ଏହିସବୁ ଜିଲ୍ଲାରେ ଅପରାଧ ସଂଖ୍ୟା ୭ଶହ ରହିଛି।

ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ହାର କମାଇବାପାଇଁ ୬ଶହରୁ ଅଧିକ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି। ଏହିସବୁ ଥାନାରେ ମହିଳା ଓ ଶିଶୁମାନଙ୍କ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ସେହିଭଳି ମହିଳାମାନେ ଏଠାକୁ ଆସି ସହଜରେ ମଧ୍ୟ ନିଜର ଅଭିଯୋଗ ଦରଜ କରିପାରିବେ। କିନ୍ତୁ ଏବେ ଏହି ସବୁ ଥାନାରେ ଥିବା ମହିଳା ଶିଶୁ ଡେସ୍କ କାମ କରୁନି। ମନଇଚ୍ଛା ଏହି ଡେସ୍କରେ ପୁରୁଷ ପୁଲିସ ବସୁଛନ୍ତି। ଜଣେ ମହିଳା ନିର୍ଯାତନାର ଶିକାର ହୋଇ ଥାନାକୁ ଗଲେ ସେମାନେ ପୁରୁଷ ପୁଲିସର ସମ୍ମୁଖୀନ ହେଉଛନ୍ତି। ଯାହାଫଳରେ ମହିଳା ଜଣଙ୍କ ଲାଜରେ କିଛିବି ପାଟି ଖୋଲିପାରୁନି। ଅନେକ ସମୟରେ ମହିଳା ଅଭିଯୋଗ ଧରି ଘରକୁ ଫେରି ଆସୁଛନ୍ତି। ବିଶେଷ କରି ସହର ଥାନା ଗୁଡ଼ିକୁ ଛାଡ଼ିଦେଲେ ଗ୍ରାମାଞ୍ଚଳ ଥାନା ମାନଙ୍କରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

ସେହିଭଳି ଓଡ଼ିଶାରେ ୩୪ଟି ଶିଶୁ ବନ୍ଧୁ ପୁଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି। ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ସାଇବର ଅପରାଧର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅଧୀନରେ ଶିଶୁ ଏବଂ ମହିଳା ଅନଲାଇନ୍ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ବିପଦରେ ପଡିଥିବା ମହିଳାମାନଙ୍କୁ ଠିକ୍ ସମୟରେ ତ୍ୱରିତ ଏବଂ ସମ୍ବେଦନଶୀଳ ସହାୟତା ପାଇଁ ଡାଏଲ-୧୧୨ କାର୍ଯ୍ୟ କରୁଛି। ଏହାବାଦ୍ ମହିଳା ଓ ଶିଶୁ ନିର୍ଯାତନା ରୋକିବାପାଇଁ ବିଭିନ୍ନ ଅନୁଷ୍ଠାନ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଉଛନ୍ତି। ଏ ବାବଦରେ ମଧ୍ୟ ରାଜକୋଷରୁ ଅର୍ଥ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନାରେ ସେଭଳି ଉଲ୍ଲେଖନୀୟ ସୁଧାର ଆସୁନାହିଁ। ବିଶେଷ କରି ଶିଶୁ ନିର୍ଯାତନା ପୁଲିସର ମୁଣ୍ଡ ବିନ୍ଧା କାରଣ ପାଲଟିଛି। କାରଣ ଅଧିକାଂଶ ଶିଶୁ ଏବେ ଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି। ଏହା ପଛରେ ପୁଣି ନିଜ ସମ୍ପର୍କୀୟଙ୍କ ହାତ ରହୁଛି।


Vidyadhan
Transforming lives through education
A Shibulal Family Philanthropic Initiative

ଓଡ଼ିଶା ଦଶମ ପାସ୍ ଛାତ୍ର/ଛାତ୍ରୀ ମାନଙ୍କ ପାଇଁ ଛାତ୍ରବୃତ୍ତି - 2025

କୁମାରୀ ଶିବୁଲାଲ ଏବଂ ଏସ୍ ଡି ଶିବୁଲାଲ୍ (ସହ-ପ୍ରତିଷ୍ଠାତା ତଥା ପୂର୍ବତନ ସିଇଓ ଇନଫୋସିସ୍) ଦ୍ୱାରା ସ୍ଥାପିତ ସରୋଜିନୀ ଦାମୋଦରନ୍ ଫାଉଣ୍ଡେସନ୍ ଦ୍ୱାରା ବିଦ୍ୟାଧନ୍ ଏକ ପାନ୍ ଇଣ୍ଡିଆ ଉଚ୍ଚଶିକ୍ଷା ବୃତ୍ତି ଅଟେ | 1999 ରୁ ଏବେ ପର୍ଯ୍ୟନ୍ତ ବିଦ୍ୟାଧନ୍ 63000 ରୁ ଅଧିକ ଛାତ୍ରବୃତ୍ତି ବଣ୍ଟନ କରିସାରିଛନ୍ତି। ବର୍ତ୍ତମାନ ଓଡିଶାର 700 ଜଣ ଛାତ୍ରଙ୍କ ସହ ବିଦ୍ୟାଧନ୍ ରେ 13000 ରୁ ଅଧିକ ବିଦ୍ୱାନ ଅଛନ୍ତି।



BSE & CBSE board both students can apply

ମନୋନୀତ ଛାତ୍ର/ଛାତ୍ରୀ ପ୍ଲସ୍-୨ ପାଇଁ ବାର୍ଷିକ 10,000 / - ଟଙ୍କା ସ୍କଲାରସିପ୍ ପାଇବାକୁ ଯୋଗ୍ୟ ହେବେ | ଯଦି ସେମାନେ ଭଲ ଅଧ୍ୟୟନ ଜାରି ରଖନ୍ତି, ତେବେ ସେମାନଙ୍କ ଆଗ୍ରହର ଯେ କୌଣସି ଡିଗ୍ରୀ ପାଠ୍ୟକ୍ରମ ପାଇଁ ବର୍ଷକୁ 15,000 ରୁ 75,000 ମଧ୍ୟରେ ଛାତ୍ରବୃତ୍ତି ପ୍ରଦାନ କରାଯିବ |

For Inquiries: vidyadhan.odisha@sdfoundationindia.com

Call for Doubt/Inquiries : +91 8068333500/ 08068333500

ଛାତ୍ରମାନେ ସିଧାସଳଖ ୱେବସାଇଟରେ ମାଗଣାରେ ଆବେଦନ କରିପାରିବେ | ଆମ ତରଫରୁ ଛାତ୍ର ଚୟନ କରିବାକୁ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଅନୁମତି ଦିଆଯାଇ ନାହିଁ |

Apply Online: www.vidyadhan.org

Application Start: 15th May 2025 Application Close: 30th June 2025

ଯୋଗ୍ୟତା ମାନଦଣ୍ଡ
- ପରିବାରର ବାର୍ଷିକ ଆୟ 2 ଲକ୍ଷ ରୁ କମ୍
- 2025 ରେ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନେ
- 80% or 8 CGPA ଠାରୁ ଅଧିକ (65% or 6.5 CGPA ଭିନ୍ନକ୍ଷମ ଛାତ୍ରମାନଙ୍କ ପାଇଁ )

ଆବଶ୍ୟକ ଡକ୍ୟୁମେଣ୍ଟ
- ଫଟୋଗ୍ରାଫ୍
- ଦଶମ ମାର୍କସିଟ୍
- ଆୟ ପ୍ରମାଣପତ୍ର

Regn-273/99-2000, 9th Main, 5th Block, Jayanagar, Bangalore
Vidyadhan India

ବଡ଼ ଲୁଟେରା ଗ୍ୟାଙ୍ଗକୁ କାବୁ କଲା ପୁଲିସ

# ୩୫ ମୋବାଇଲ, ଲାପଟପ୍, ସୁନା ମୁଦି ଜବତ; ୮ ଗିରଫ

ବ୍ୟାସନଗର, ୧୪।୬(ସମିସ)

ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ଶନିବାର ଏକ ବଡ଼ ମୋବାଇଲ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିବା ସହିତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛି। ସୂଚନାଯୋଗ୍ୟ ଯେ ଯାଜପୁର ରୋଡ଼ ଏବଂ କୋରେଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲଗାତର ଭାବେ ମୋବାଇଲ ଚୋରି ହେଉଥିବା ନେଇ ଅଭିଯୋଗ ପରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶରେ ଏବଂ ଯାଜପୁର ରୋଡ଼ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଏକ ଟିମ ଗଠନ କରି ଚୋରି ହେଉଥିବା ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ବଢ଼ାଇବା ସହିତ ସନ୍ଦେହରେ ୧୦ ଜଣଙ୍କୁ



ପୁଲିସ ହେପାଜତକୁ ନେଇ ପଚରାଉଚରା କରିଥିଲେ। ଜେରା ପରେ ସେମାନେ ବିଭିନ୍ନ ଅପରାଧରେ ସାମିଲ ଥିବା ମାନିବା ପରେ ପୁଲିସ ସେମାନଙ୍କୁ ଗିରଫ କରିବା ସହିତ ଲୁଟ କରିଥିବା ୩୫ ଗୋଟି ମୋବାଇଲ ଫୋନ, ଏକ ଲାପଟପ୍ ଏବଂ ଏକ ସୁନା ମୁଦି ଜବତ କରିଛି। ତେବେ ଏହି ଚୋରି ସାମଗ୍ରୀ କ୍ରୟ ଅଭିଯୋଗରେ ପୁଲିସ ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଦାନଗଦୀ ଅଞ୍ଚଳରେ ଥିବା ଗାୟତ୍ରୀ କମ୍ୟୁନିକେସନର ମାଲିକ ବନମାଳୀ ବାରିକ(୫୦) ସମେତ ଚୋରିରେ ସାମିଲ ଥିବା ଯାଜପୁର ରୋଡ଼ ଆଦର୍ଶ ଥାନା ଅନ୍ତର୍ଗତ ସୋବରା ଅଞ୍ଚଳରଶି ନାୟକ ଓରଫ ବାଙ୍କା(୨୦), ମୁନିଆ ନାୟକ ଓରଫ ମହେଶ(୨୦), ଫୁକୁନ ମୁଦୁଲି(୨୮), ପାଇକରାପୁର ଅଞ୍ଚଳର ରାଜା ରଣା(୨୦), ବାରିଗୋଧା ଅଞ୍ଚଳର ମହେନ୍ଦ୍ର ଜେନା ଓରଫ୍ ମାହି ଓରଫ ନାରାୟଣ (୨୨), ମହରମ ଛଇ ଅଞ୍ଚଳର ଖକନ ଓରଫ ଏସ୍‌କେ ସବିର ଏବଂ ଲକ୍ଷ୍ମୀନଗର ହୁଡିସାହି ଅଞ୍ଚଳର ମୁନା ଦାସ(୨୭)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଏକ ପ୍ରେସ୍ ମିଟ ମାଧ୍ୟମରେ ସୂଚନା ଦେଇଛନ୍ତି।

## ସଞ୍ଜୁ ଡ୍ୟାନ୍ସ ସ୍କୁଲ ଗ୍ରୁପର ବାର୍ଷିକ ଉତ୍ସବ




କୟାଁଗୋଲା, ୧୪।୬(ସମିସ): ଦଶରଥପୁର ବ୍ଲକ ଥାଲୁକୁଡି ବିଜୁ କଲ୍ୟାଣ ମଣ୍ଡପ ଠାରେ ଥିବା ସଞ୍ଜୁ ଡ୍ୟାନ୍ସ ସ୍କୁଲ ଏବଂ ଗ୍ରୁପ ତାହାର ପ୍ରଥମ ବାର୍ଷିକ ଉତ୍ସବ ପାଳନ କରିଛି। କନିକାପଡ଼ା ସରପଞ୍ଚ ପ୍ରଦୀପ ଯେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ତଥା ଗୀତିକାର ବିପିନ ରାୟ, ସମ୍ମାନିତ ଅତିଥି ଭାବେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଜୟ କୁମାର ଦାସ, ମଞ୍ଚ କଳାକାର ଗୌରାଙ୍ଗ ବାରିକ, କୁନି ରାଇମୋହନ, ଦୀପାଞ୍ଜଳି ପଣ୍ଡା ଏବଂ ପରିବାର ଆଦି ଯୋଗଦେଇଥିଲେ। ସଞ୍ଜୟ କୁମାର ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ନୃତ୍ୟ ଅନୁଷ୍ଠାନକୁ ଆଗେଇ ନେବାରେ ସମାଜସେବୀ ଗାଲେଖ ଚନ୍ଦ୍ର ଦାସ ମୁଖ୍ୟ କର୍ଣ୍ଣଧାର ସାଜିଛନ୍ତି। ଯିଏ କି ଅନେକ ସମୟରେ ପଥପ୍ରାନ୍ତ ଅଭିନୟ କରି ଯମରାଜା, ଚକୁଳିଆ ପଣ୍ଡା, ହୋଲି, ଦୀପାବଳି, ଅଂଶୁଘାତରୁ ରକ୍ଷା ପୂର୍ବକ ସଚେତନ ଆଦିରେ ବେଶ ଲୋକ ପ୍ରିୟତା ହାସଲ କରିଛନ୍ତି। ଏହି ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଦଶରଥପୁର ବ୍ଲକର ଅନେକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା।

## ଡମ୍ଫର ଦୁର୍ଘଟଣାରେ ଜଣେ ମୃତ



ସୁକିନ୍ଦା, ୧୪।୬(ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ତଳସାହି ନିକଟରେ ଏକ ଡମ୍ଫର ଦୁର୍ଘଟଣାରେ ଜଣେ ସାଇକଲ ଆରୋହିଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୁକିନ୍ଦା ଥାନା କାଞ୍ଜିଆପାଳ ଗ୍ରାମ ସୁରେନ୍ଦ୍ର ନାଏକଙ୍କ ପୁଅ କୃଷ୍ଣ ନାଏକ (୪୫) ଶନିବାର ସାଇକଲ ନେଇ ଘରକୁ ଫେରୁଥିବା ସମୟରେ ବନ୍ଧଗାଁ ତଳସାହି ନିକଟରେ ଏକ ଡମ୍ଫର ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କୃଷ୍ଣ ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ କୃଷ୍ଣଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୁଲିସ ପହଞ୍ଚି ଶବ ଜବତ କରି ୧୪୫/୨୫ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଡମ୍ଫର ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

## କବିତା ପୁସ୍ତକ 'ସେବା ସୌରଭ' ଉନ୍ମୋଚିତ

ଧର୍ମଶାଳା, ୧୪।୬(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପଞ୍ଚାୟତ ନାଉପାଳ ଗ୍ରାମର ସମାଜସେବୀ ତଥା ଆଶୁକବି ଗୋଲକ ଚନ୍ଦ୍ର ପଲେଇଙ୍କ ୧୧ତମ ସେବା ମୂଳକ ପୁସ୍ତକ 'ସେବା ସୌରଭ' ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥବଲେ। ହରିଶଙ୍କର ମହାବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶ, କଥାଶିଳ୍ପୀ ଅର୍ଜ୍ଜୁନ ପୃଷ୍ଟି, କବି ବିଜୟ କୁମାର ଦେବତା ଓ ସମ୍ଭବ ସମ୍ପାଦକ ଅଖିଳ କୁମାର



ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ପଲେଇଙ୍କ ସେବା ଓ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ 'ସେବା ସୌରଭ' କବିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଆଶୁକବି ଗୋଲକ ପଲେଇ ତାଙ୍କ ଜୀବନରେ ଅଙ୍ଗେନିଭେଇ ଥିବା ଘଟଣା ଗୁଡିକ ଉପରେ ଆଲୋଚନା କରିଥିଲେ। ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ପଲେଇ ମଞ୍ଚାସିନ ହୋଇଥିଲେ। କବି ପ୍ରେମଲତା ମହାରଣା ସଭା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ସରୋଜିନୀ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଜନ୍ମେଜୟ ପଲେଇ ଧନ୍ୟବାଦ ଦେଇଥିଲେ।

## ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଶାଳା, ୧୪।୬(ସମିସ): ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ପଣ୍ଡୁଆ ଗ୍ରାମରେ ରହୁଥିବା ବ୍ୟବସାୟୀ ପ୍ରଶାନ୍ତ କୁମାର ସାମଲ (ଚୁଗୁଲୀ)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର ହୋଇଛି। ଘର ନିକଟ ଆମ୍ବଗଛ ଡାଳରେ ଏକ ପ୍ଲାଷ୍ଟିକ ରଶିରେ ସେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୬ ବର୍ଷ ହୋଇଥିଲା। ତାଙ୍କର ଗୋଟିଏ ୧୬ ବର୍ଷ ର ଝିଅ ଓ ୯ବର୍ଷର ପୁଅ। ଆଅହତ୍ୟାର ସଠିକ କାରଣ ଜଣାପଡ଼ି ନ ଥିବା ବେଳେ ବ୍ୟବସାୟରେ କ୍ଷତି ଓ ଋଣ ଟଙ୍କା ଶୁଝି ନ ପାରିବାରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

ସୁକିନ୍ଦା, ୧୪।୬(ସମିସ): ସୁକିନ୍ଦା ଅଶୋକଝର ରାସ୍ତାର କବାଟ ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ଏକ ଦମ୍ପତି ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ କବାଟ ରଗଡ଼ାସାହିର ଅଜୟ କୁମାର ମହାନ୍ତ (୩୨) ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ମହାନ୍ତ(୩୦) ଶନିବାର କଳିଙ୍ଗନଗର ସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ ସାରି ଫେରୁଥିବା ସମୟରେ କବାଟ ଗ୍ରାମପାଖ ବୁଲାଣି ରାସ୍ତାରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

## ଚାଷୀଙ୍କୁ ହତ୍ୟା ଅଭିଯୋଗ: ଅଭିଯୁକ୍ତକୁ ଧରିବା ପାଇଁ ରାସ୍ତା ଅବରୋଧ



ବିଞ୍ଝାରପୁର, ୧୪।୬ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁହଁ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ଚାଷୀ ଅଶୋକ ଅଶୋକ କୁମାର ନାୟକଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଆଜି ଅପରାହ୍ନରେ ଥାନା ସମ୍ମୁଖରେ ମୃତଦେହ ରଖି ରାସ୍ତା ଅବରୋଧ କରିବା ସହ ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତକୁ ଧରିବା ପାଇଁ ଗ୍ରାମବାସୀ ସମେତ ନଇକୂଳିଆ ଅଞ୍ଚଳବାସୀ ଦାବି କରିଛନ୍ତି। ରାସ୍ତା ଅବରୋଧ ଫଳରେ ସିଂହପୁର- ଯାଜପୁର ମୁଖ୍ୟରାସ୍ତାରେ ଗାଡ଼ି ମଟର ଯାତାୟାତ ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ମଧ ହୋଇଥିଲା। ଘଟଣାସ୍ଥଳରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଥାନା ଅଧିକାରୀ ବାମଦେବ ନନ୍ଦ, ଅତିରିକ୍ତ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପହଞ୍ଚି ଉତ୍ତ୍ୟକ୍ତ ଜନସାଧାରଣଙ୍କୁ ବୁଝାଇବାକୁ ଚେଷ୍ଟା କରି ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଧରା ଯିବା ସହ ଘଟଣାକୁ ଉପଯୁକ୍ତ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାର ପ୍ରତିଶ୍ରୁତି ପ୍ରଦାନ କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ଖବର ମୁତାବକ ଜଗନ୍ନାଥପୁର ଗ୍ରାମର ଚାଷୀ ଅଶୋକ କୁମାର ନାୟକ ଶୁକ୍ରବାର ନିଜ ଘରଠାରୁ ମାତ୍ର ୧କିମି ଦୂରରେ ଅବସ୍ଥିତ ନିଜେ ପାଳକୁ ପନିପରିବା ତୋଳିବା ପାଇଁ ଯାଇଥିଲେ। ସେଠାରୁ ପନିପରିବା ତୋଳି ପୁଅ ଅକ୍ଷୟ ନାୟକଙ୍କୁ ଦେଇ ହାଟକୁ ପଠାଇ ଥିଲେ। ପୂର୍ବାହ୍ନରେ ପତ୍ନୀ ରେଖା ଖାଇବା ନେଇ ପାଳକୁ ଯାଇଥିଲେ ସେଠାରେ ଅଶୋକ ଖାଇ ପାଳ ଜଗିବା ପାଇଁ କହି ପାଳରେ ରହିଥିଲେ। ମାତ୍ର ମଧ୍ୟାହ୍ନ ଭୋଜନ ପାଇଁ ଅଶୋକ ଘରକୁ ଆସିବାରେ ବିଳମ୍ବ ହେବାରୁ ଓ ସେ ଫୋନ ନ ଉଠାଇବାରୁ ପୁଅ ଅକ୍ଷୟ ପାଳକୁ ଯାଇ ସେଠାରେ ବାପାଙ୍କ କ୍ଷତ ବିକ୍ଷତ ମୃତ ଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମୃତ ଅଶୋକ ଅନେକ ଲୋକଙ୍କ ଠାରୁ ଧାରକରଜ କରିଥିଲେ। ଏହି ଧାରକରଜକୁ ନେଇ ଅଶୋକଙ୍କ ନିକଟକୁ ଏକ ଧମକପୂର୍ଣ୍ଣ ଫୋନ ଆସିଥିବା ପତ୍ନୀ ରେଖା ପ୍ରକାଶ କରିଛନ୍ତି।

## ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର

ଯାଜପୁର, ୧୪।୬(ସମିସ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ସ୍ତରର ୧୧୫ ଜଣ ଅଧିକାରୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପଞ୍ଚାୟତ ଅଗ୍ରଗତି ସୂଚକ ବିଷୟରେ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ସବିଶେଷ ଜ୍ଞାନ ପ୍ରଦାନ କରିଥିଲେ। ପଞ୍ଚାୟତମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ସ୍ଥାନୀୟ ସ୍ୱୟଂଶାସନ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା



ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ତେଣୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପରିପ୍ରେକ୍ଷୀରେ ସ୍ଥିରୀକୃତ ୯ ଟି ବିଷୟ ଭିତ୍ତିକ କ୍ଷେତ୍ର ଉପରେ ପଞ୍ଚାୟତର ସ୍ଥିତି କିପରି ଅଛି ସମସ୍ୟା ସବୁ କଣ ରହିଛି ଓ ଏହାର କିପରି ସୁସମାଧାନ କରାଯାଇପାରିବ, ସେ ବିଷୟରେ ଆଲୋକପାତ କରିଥିଲେ। ତେଣୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଯାଜପୁର ଜିଲ୍ଲାର ପଞ୍ଚାୟତ ଗୁଡିକ ଆଗାମୀ ଦିନରେ ଅଧିକ ସଶକ୍ତ ଓ ସୁଦୃଢ ହେବା ସହ ସମଗ୍ର ଓଡ଼ିଶାରେ ସାମୂହିକ ଅଭିବୃଦ୍ଧି ଓ ସମାବେଶୀ ବିକାଶରେ ବ୍ୟାପକ ଯୋଗଦାନ ପୂର୍ବକ ବିକଶିତ ଗାଁ ବିକଶିତ ଓଡ଼ିଶା ଗଠନ ଦିଗରେ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ପ୍ରକଳ୍ପ ପରିଚାଳକ ଦକ୍ଷତା ବିକାଶ ମଧୁମିତା ପୃଷ୍ଟି ଓ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ପିଲା ଦିନର ସ୍ମୃତିକୁ ମନେ ପକାଏ ରଜ

ବରୀ, ୧୪।୬(ସମିସ): ଓରିଶାର ଗଣପର୍ବ ରଜ ବରୀ ବ୍ଲକ ଅନ୍ତର୍ଗତ ଧାରପୁର ପଞ୍ଚାୟତର କେନ୍ଦୁଆଠାରେ ଥିବା ଓଁକାର ମଣ୍ଡପ ନିକଟରେ ମହାସମାରୋହରେ ପାଳିତ ହୋଇଯାଇଛି। ଧାରପୁର ରଜ କମିଟି ପକ୍ଷରୁ ତିନି ଦିନ ଧରି ପାଳିତ ହେବାକୁ ଥିବା ରଜ ମହୋତ୍ସବକୁ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଧାରପୁର ଗ୍ରାମରେ ସମ୍ପୂର୍ଣ୍ଣ ହୋଇଥିବା ଦୁଇ ଗୋଟି ଗୋଷ୍ଠୀ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଅପରାହ୍ନରେ ବିଧାୟକ ଶ୍ରୀ ମଲ୍ଲିକ ଧାରପୁର ଗାଁ ମୁଣ୍ଡରେ ଥିବା ଲୋକନାଥେଶ୍ୱର ମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ବିରାଟ ଶୋଭାଯାତ୍ରାରେ ମହୋତ୍ସବ ସ୍ଥଳକୁ ପାଛୋଟି ନିଆଯାଇଥିଲା। ପହିଲି ରଜ ସଂଧ୍ୟାରେ ଓଁକାର ମଣ୍ଡପରେ ଅନୁଷ୍ଠିତ ଏହି ପାରମ୍ପାରିକ ଉତ୍ସବକୁ ବିଧାୟକ ଶ୍ରୀ



ମଲ୍ଲିକ ଉଦ୍‌ଘାଟନ କରି କହିଲେ ଯେ ରଜ ପିଲାଦିନର ଅନେକ ସ୍ମୃତିକୁ ଆଖି ସାମ୍ନାକୁ ଟାଣିଆଣେ। ପିଲାଦିନେ ଗୁଡି ଉଡା, ଗାଁ ଦାଣ୍ଡରେ ବଡ଼ ଲୋକମାନଙ୍କର ତାସ୍ ଓ ପସା ଖେଳ, ଝିଅମାନଙ୍କର ରଜ ଦୋଳି, ପାନ, ଅନେକ ପ୍ରକାର ପିଠାପଣାର ସ୍ମୃତି କେବେ ବି ଭୁଲିବାର ନୁହେଁ। ଏହା ଆମ ପରମ୍ପରାକୁ ସବୁ ଦିନେ ମନେ ପକାଇ ଦେଇଥାଏ। ଧାରପୁର ପଞ୍ଚାୟତ ପକ୍ଷରୁ ନିଆରା ଢଙ୍ଗରେ ଯେଉଁ ରଜ ମହୋତ୍ସବ ପାଳନ କରାଯାଉଛି ତାହା ବେଶ୍ ଚିତ୍ତାକର୍ଷକ ଓ ମନୋମୁଗ୍ଧକର ବୋଲି ଶ୍ରୀ ମଲ୍ଲିକ କହିଥିଲେ। ଯୁବନେତା ତଥା ୨୧ ନଂ. ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରଜ ମହୋତ୍ସବରେ ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ି, ଉପାଧକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଦିଲୀପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ, ସମାଜସେବୀ ଅରବିନ୍ଦ ମହାନ୍ତି, ଯୁବନେତା ବୁଲୁ ଯାଦବ, ପ୍ରସନ୍ନ ସାମଲ, ଧାରପୁର ସରପଞ୍ଚ କୁନା ମଲିକ, ସମିତିସଭ୍ୟ ଶ୍ରୀଧର ସେଠୀ, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା, ପୂର୍ବତନ ସଭ୍ୟ ସୁରେଶ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ରଜ ମହୋତ୍ସବରେ ସ୍ୱୟଂ ସହାୟିକା ଗୋଷ୍ଠୀର ମାଆମାନଙ୍କ ଦ୍ୱାରା ପୋଡ଼ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଧାୟକ ଶ୍ରୀ ମଲ୍ଲିକ ରଜ ଦୋଳି ଖେଳିବା ସହ ପିଲାମାନଙ୍କ ମଧ୍ୟରେ ରଜର ମଜା ନେଉଥିବା ଦେଖିବାକୁ ମିଳିଥିଲା। ଯୁବନେତା ବସନ୍ତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଝସକେତନ ସାହୁ, କିଶୋର ଚନ୍ଦ୍ର ଦାସ, ଦିପକ ପାଣି, ଅର୍ପିତା ରଥଙ୍କ ସମେତ ରଜ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବିଧାୟକଙ୍କୁ ଧାରପୁର ଗ୍ରାମ ପଞ୍ଚାୟତ ତରଫରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଆର୍ଦଶ ବିଦ୍ୟାଳୟ ଓ ନବୋଦୟ ବୃତ୍ତି ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ହୋଇଥିବାରୁ ଧାରପୁର ପଞ୍ଚାୟତର ସାଇବ୍ରତ ମଲିକଙ୍କୁ ଏକ ହଜାର ଟଙ୍କା, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ମଙ୍ଗଳପୁର ଅଞ୍ଚଳରେ ରଜ ପର୍ବ ପାଳିତ



ମଙ୍ଗଳପୁର, ୧୪।୬(ସମିସ): ଓଡ଼ିଶାର ଗଣପର୍ବ ରଜ ସାରା ରାଜ୍ୟରେ ଧୂମଧାମରେ ପାଳିତ ହେଉଥିବା ବେଳେ ଦଶରଥପୁର ବ୍ଲକ ମଙ୍ଗଳପୁର ଅଞ୍ଚଳରେ ବିଭିନ୍ନ ଗାଁରେ ମହାଆଡମ୍ବରରେ ରଜପର୍ବ ପାଳନ ହେଉଛି। ଗତକାଲି ରଜ ସଜବାଜ ଥିବାବେଳେ ଆଜି ପହିଲି ରଜ ପାଳୁଛନ୍ତି ମଙ୍ଗଳପୁର ବାସୀ। ରଜ ପର୍ବ ଖାସ କରି ଝିଅ ମାନଙ୍କ ପର୍ବ ହୋଇଥିବାରୁ ବିଭିନ୍ନ ପ୍ରକାର ଡ୍ରେସ ଶାଢ଼ି ପିନ୍ଧି ଝିଅମାନେ ସଜେଇ ହୋଇ ଦୋଳି ଓ ଲୁଡୁ ଖେଳିବାରେ ଲାଗିଛନ୍ତି। ପାଦରେ ଅଳତା ସାଙ୍ଗକୁ ପାନ ଖାଇ ଲାଲ ରଙ୍ଗରେ ରଙ୍ଗୀନ ହେଉଛନ୍ତି। ସେହିପରି ପଛରେ ପଡ଼ିଯାଇନାହାନ୍ତି ଯୁବକ ଓ ବୟସ୍କ ମାନେ। ଯୁବକ ମାନଙ୍କର କବାଡ଼ି ଖେଳ ମନ ମୋହୁଥିବାବେଳେ ବୟସ୍କ ମାନଙ୍କ ତାସ ଖେଳର ଆସର ଜମି ରହିଛି। ପହିଲି ରଜରେ ସାଧାରଣତଃ ଚୁଲି ଜଳୁ ନ ଥିବାରୁ ସଜବାଜରେ ପ୍ରସ୍ତୁତି ମଣ୍ଡା, ଆରିସା କାକରା, ପୋଡ଼ ପିଠା, ଇଟିଲି, ଘୁଗୁନି ଇତ୍ୟାଦି ଘରେ ଘରେ ହୋଇଛି।

## ମାଧପୁର ଗାଁରେ ରଜପର୍ବ

ଷଠିପୁର, ୧୪।୬(ସମିସ): ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ମାଧପୁର ଗାଁରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ରଜପର୍ବ ଧୁମଧାମରେ ପାଳିତ ହୋଇଛି। ଆଜିର ପ୍ରଥମ ରଜରେ ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ବିଶେଷ କରି ଯୁବତୀ ମାନେ ଏକତ୍ରିତ ହୋଇ ଦୋଳି ଖେଳିଛନ୍ତି। ବିଭିନ୍ନ ପ୍ରକାର ଦୋଳି ଲଗାଯାଇଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସବୁ ବର୍ଗର ଲୋକେ ଦୋଳି ଖେଳିବା ପାଇଁ ଏଠାରେ ଭିଡ ଜମାଉଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହିତ ରଜ ପର୍ବ ପାଳନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବର୍ଷ ଏଭଳି ନିଆରା ଉଦ୍ୟମ ଜାରି ରହିଛି। ଚଳିତ ବର୍ଷ ଏହି ପର୍ବରେ ଅଶୋକ



ଦାସ ଫାଉଣ୍ଡେସନର ମହାସଚିବ ଭବ ପ୍ରସାଦ ଦାସ ଯୋଗ ଦେଇ ସମସ୍ତଙ୍କୁ ରଜ ପର୍ବର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏଥ?ସହିତ ଗ୍ରାମବାସୀଙ୍କ ପକ୍ଷରୁ ଅଞ୍ଜନ ଜେନା, ସନାତନ ପ୍ରଧାନ, କାଳିଆ ପରିଡ଼ା, ହଗୁରି ତରାଇ, ବୃନ୍ଦାବନ ପ୍ରଧାନ ସଦାନନ୍ଦ ସାହୁ, ଉପେନ୍ଦ୍ର ଜେନା, ଅଶୋକ ଦାସ ପ୍ରମୁଖ ଏହି ରଜ ପର୍ବ ଆୟୋଜନରେ ମୁଖ୍ୟ ଭୁମିକା ଗ୍ରହଣ କରିଛନ୍ତି। ଏହା ଆସନ୍ତା ୩ ଦିନ ଧରି ଚାଲିବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ।

## ରଜ ପାଇଁ ବ୍ରହ୍ମବରଦା ଉତ୍ସବ ମୁଖର

ବ୍ରହ୍ମବରଦା, ୧୪।୬(ସମିସ)

ଓଡ଼ିଶାର ଗଣପର୍ବ 'ରଜ' ଉପଲକ୍ଷେ ରସୁଲପୁର ବ୍ଲକ ବ୍ରହ୍ମବରଦା ଢିଅସାହି ମେଳଣ ପଡ଼ିଆ ଠାରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଆଜି ୧୦ମ ବାର୍ଷିକ ରଜ ଉତ୍ସବ ପାଳନ କରାଯାଉଛି। କୁଆଁରି କନ୍ୟାମାନେ ନୂତନ ବସ୍ତ୍ର ପରିଧାନ କରି ରଜପାନରେ ଓଠ ନାଲି କରି ପହିଲି ରଜର ମଜ୍ଜା ଉଠାଇଛନ୍ତି। ତରୁଣ ବାଳକମାନେ ପୋଡ ପିଠା ସହିତ କାକରା, ଚକୁଳି ରଜପାନ ଖାଇ, ରଙ୍ଗ ବେରଙ୍ଗର ଭଳିଭଳିକା ଗୁଡି ଉଡାଇ ରଜ ଉତ୍ସବରୁ ଆନନ୍ଦ ଉଠାଇଛନ୍ତି। ଏହି ଅବସରରେ



ଉତ୍ସବକୁ ଆକର୍ଷଣ କରିବା ପାଇଁ ପିଲା ମାନଙ୍କ ମଧ୍ୟରେ ପୁଚି, ଦଉଡିଡିଆଁ, ରସିଦୋଳି, ପଟ୍ଟାଦୋଳି, ଲୁଡୁ, ଚେସ୍, ପ୍ରଶ୍ନଉତ୍ତର ପ୍ରତିଯୋଗିତା ମେଳଣ ପଡ଼ିଆକୁ ଆକର୍ଷଣୀୟ କରିଥିଲା। ଉତ୍ସବ ୩ଦିନ ଧରି ଚାଲିବ। ଶେଷ ଦିବସରେ ରାଜ୍ୟସ୍ତରୀୟ ମହିଳା ପ୍ରତିଯୋଗିମାନଙ୍କୁ ନେଇ ଏକ କବାଡି ପ୍ରତିଯୋଗିତା ହେବା ନେଇ କ୍ଲବର ସଭାପତି ଦୀପକ ସାହୁ ସୂଚନା ଦେଇଥିବା ବେଳେ ସଭ୍ୟ ଦିଲ୍ଲିପ ବିଶ୍ୱାଳ, ସୌମ୍ୟରଞ୍ଜନ ବାରିକ, ଅନିଲ କୁମାର ଘଡାଇ, ଦିବାକର ଘଡାଇ, ରାକେଶ ବେହେରା, ଅକ୍ଷୟ ବେହେରା, ସିଦ୍ଧାନ୍ତ ଜେନା, ରାଜା ଦାସ, ବଣ୍ଟି ଦାସ, ନାରାୟଣ ବାରିକ, ପ୍ରକାଶ ଘଡାଇ, ମୁନା ସେଠୀ, ନିତିନ ରାଉତ, ଆଶୁତୋଷ ଦେଓ, ବିଜୟଶ୍ରୀ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଡାଇରିଆ ନିୟନ୍ତ୍ରଣ ଉଦ୍ୟମ

# ହୋଟେଲ୍ ଓ ସୁଇଟ୍ସ ଷ୍ଟଲ୍ ଉପରେ ଚଢ଼ଉ

ଏକାଧିକ ହୋଟେଲ ଓ ରେଷ୍ଟୁରାଣ୍ଟ ସିଲ



**ଯାଜପୁର, ୧୪।୬(ସମିସ):** ଯାଜପୁର ଜିଲ୍ଲାରେ ବ୍ୟାପୁଥିବା ଡାଇରିଆ ସଂକ୍ରମଣ ଯୋଗୁଁ ଆଜି ଯାଜପୁର ପୌରପାଳିକା ପକ୍ଷରୁ ନିମ୍ନମାନର ଖାଦ୍ୟ ବିକ୍ରୟ କରୁଥିବା ହୋଟେଲ ରୁଚିକା ଉପରେ ଚଢ଼ଉ କରାଯାଇଛି । ଚଢ଼ଉ ସମୟରେ ସ୍ୱାସ୍ଥ୍ୟ ଅଧିକାରୀ, ଯାଜପୁର ପୌରପାଳିକା ଡା. ପ୍ରଦୀପ କୁମାର ଖୁଣ୍ଟିଆ କହିଥିଲେ ଯାଜପୁରରେ ଦୀର୍ଘ କିଛି ଦିନରୁ ଡାଇରିଆ ସଂକ୍ରମଣ ବଢୁଥିବାରୁ ବାହାର ଖାଦ୍ୟ ତଥା ନିମ୍ନମାନର ଖାଦ୍ୟ ବିକ୍ରୟ କରିବା ପାଇଁ ସମସ୍ତ ଦୋକାନୀ, ହୋଟେଲକୁ ବାରଣ କରାଯାଇଥିଲା । ୩ ଦିନ ପୂର୍ବରୁ ରଚିକା ହୋଟେଲରେ ନିମ୍ନମାନର ଖାଦ୍ୟ ବିକ୍ରୟ କରାଯାଉଥିବାର ଯାଞ୍ଚ କରାଯାଇ ନିମ୍ନମାନର ଖାଦ୍ୟ ତଥା ସମସ୍ତ ବାସିଖାଦ୍ୟକୁ ଫୋପାଡି ଦିଆ ଯାଇଥିଲା । ତାଙ୍କୁ ନିମ୍ନମାନର ତଥା କୌଣସି ବାସି ଖାଦ୍ୟ ବିକ୍ରୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁନର୍ବାର ତୃତୀୟ ପର୍ଯ୍ୟାୟ ଯାଞ୍ଚ ବେଳେ ଜଣା ପଡ଼ିଲା ରଚିକା ହୋଟେଲରେ ପୁନଶ୍ଚ ନିମ୍ନମାନର ଖାଦ୍ୟ ତଥା ବାସି ଖାଦ୍ୟ ବିକ୍ରୟ କରାଯାଉଥିଲା । ହୋଟେଲ ଲାଇସେନ୍ସର ଅବଧି ଶେଷ ହୋଇଥିବା ସତ୍ତ୍ୱେ ଏହାର ନବୀକରଣ କରାଯାଇନଥିଲା । ହୋଟେଲର ପରିମଳ ବ୍ୟବସ୍ଥା ବଜାୟ ରଖାଯାଉନାହିଁ । ବାସି ମାଛ, ବାସି ଚାଉମିନ ଇତ୍ୟାଦି ବିକ୍ରୟ କରାଯାଉଥିଲା । ତାଗିଦ କରାଯିବା ସତ୍ତ୍ୱେ ପୁନଶ୍ଚ ନିମ୍ନମାନର ଖାଦ୍ୟ ତଥା ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରୟ କରାଯାଉଥିବାରୁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ହୋଟେଲ ରୁଚିକା ଉପରେ ଚଢ଼ଉ କରାଯାଇ ଏହାକୁ ସିଲ୍ କରାଯାଇଛି । ବାସି ମିଠା ବିକ୍ରୟ ଏବଂ ବ୍ୟବସାୟ ଲାଇସେନ୍ସ ନଥିବାରୁ ନନ୍ଦିଘୋଷ ହୋଟେଲ ଉପରେ ମଧ୍ୟ ଚଢ଼ଉ କରାଯାଇ ସିଲ୍ କରାଯାଇଛି । ବାସି ଚିକେନ, ବାସି ଚିଙ୍ଗୁଡ଼ି ବିକ୍ରୟ ଏବଂ ବ୍ୟବସାୟ ଲାଇସେନ୍ସ ନଥିବାରୁ ହୋଟେଲ ଫ୍ଲେମନ୍‌କୁ ଚଢ଼ଉ କରାଯାଇ ସିଲ୍ କରାଯାଇଛି । କୌଣସି ବ୍ୟବସାୟ ଲାଇସେନ୍ସ କିମ୍ବା ଅନ୍ୟ ଲାଇସେନ୍ସ ନଥିବା ହେତୁ ଅନନ୍ତ ବିଳାସ ସୁଇଟ ଷ୍ଟଲକୁ ମଧ୍ୟ ଚଢ଼ଉ କରାଯାଇ ସିଲ୍ କରାଯାଇଛି । ବାସି ଚିକେନ ରନ୍ଧା ବିକ୍ରୟ, ଏବଂ କୌଣସି ବ୍ୟବସାୟ ଲାଇସେନ୍ସ ନଥିବାରୁ ଦାଦି ମା' ହୋଟେଲକୁ ମଧ୍ୟ ଚଢ଼ଉ କରାଯାଇ ସିଲ୍ କରାଯାଇଛି ।

ଦାନଗଦିରେ ଅଣାୟତ୍ତ

## ୨୪ ଘଣ୍ଟାରେ ଆଉ ୪୬ ଆକ୍ରାନ୍ତ; ଜଣେ ମୃତ

**ଦାନଗଦି:** ଦାନଗଦି ବ୍ଲକରେ ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି । ଗତ ୨୪ ଘଣ୍ଟା ଭିତରେ ଆଉ ୪୬ ଜଣ ନୂଆ ରୋଗୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଉଛବାଳି ପଞ୍ଚାୟତ ତାରାଇଲୋ ଗାଁରେ ଆଜି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ଗେଲେ୍ହଇ ପାତ୍ର (୭୫) ବୋଲି ଜଣାପଡ଼ିଛି । ତରାଇଲୋ ଗାଁରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । ଆଡମିଟ ରୋଗୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଜିଲ୍ଲାପାଳ, ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭିଡିଓ କନଫରେନ୍ସ ମାଧ୍ୟମରେ ତଦାରଖ କରିଛନ୍ତି । ଗତ ରାତି ୧୨ଟାରୁ ଆଜି ରାତି ୮ଟା ଭିତରେ ୪୬ ଜଣ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସନ୍ଧ୍ୟାରେ ୧୩ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି । ତେବେ ଏବେବି ୩୧ ଜଣ ଆଡମିଟ ହୋଇ ଅଛନ୍ତି ।

## ବ୍ୟାସନଗରର ୨ ହୋଟେଲରେ ତାଲା



**ବ୍ୟାସନଗର:** ବ୍ୟାସନଗର ସହରରେ ବ୍ୟାପକ ଭାବେ ଡାଇରିଆ ଆତଙ୍କ ଖେଳାଇଥିବା ବେଳେ ଏଥିରେ ସହରର ୨ ଜଣ ଏଯାବତ୍ ମୃତ୍ୟୁବରଣ କରିଥିଲାବେଳେ ଏହାକୁ ନେଇ ଜିଲ୍ଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ବିଷାକ୍ତ ଖାଦ୍ୟ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗୁଁ ଏଭଳି ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ଅବଗତ ହେବା ପରେ ଶୁକ୍ରବାର ପରେ ଶନିବାର ବ୍ୟାସନଗର ସହରର ବିଭିନ୍ନ ବଡ଼ ବଡ଼ ହୋଟେଲ ଉପରେ ଚଢ଼ଉ କରିବା ସହିତ ସେମାନଙ୍କ ରୋଷଶାଳାରେ ପ୍ରବେଶ କରି ଖାଦ୍ୟର ମାନ ଦେଖିବା ସହିତ ଖାଦ୍ୟର ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତି । ତେବେ ଶନିବାର ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ବ୍ୟାସନଗର ସହରର ହୋଟେଲ ବ୍ରାହ୍ମଣୀ, ନଟରାଜ ରୟାଲ, ରୟାଲ କଳିଙ୍ଗ ଏବଂ ଓଡି ୩୪ ଉପରେ ଚଢ଼ଉ କରାଯାଇଥିଲା । ତେବେ ରୟାଲ କଳିଙ୍ଗ ଏବଂ ଓଡି ୩୪ରେ ବାସି ଖାଦ୍ୟ ପରିବେଷଣ କରାଯାଉଥିବା ଦେଖିବା ପରେ ତ୍ୱରିତ ପଦକ୍ଷେପ ସ୍ୱରୂପ ଉକ୍ତ ହୋଟେଲ ଦ୍ୱୟ ସିଲ୍ କରିଥିଲେ । ତେବେ ନଟରାଜ ରୟାଲ ଏବଂ ହୋଟେଲ ବ୍ରାହ୍ମଣୀରେ ପରସା ଯାଉଥିବା ଖାଦ୍ୟ ସଠିକ୍ ରହିଥିବା ଜିଲ୍ଲା ପ୍ରଶାସନ ଅବଗତ ହେବା ପରେ ସମସ୍ତ ୪ ହୋଟେଲର ଖାଦ୍ୟର ନମୁନା ପରୀକ୍ଷା ନିମନ୍ତେ ପଠାଇଛନ୍ତି । ତେବେ ଖାଦ୍ୟ ପରୀକ୍ଷା ରିପୋର୍ଟ ଆସିବାପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ପୁହାଣ ସୂଚନା ଦେଇଛନ୍ତି । ଏହି ଚଢାଉ ସମୟରେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ସମେତ ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ, ଯାଜପୁର ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, କଟକ ମ୍ୟୁନସିପାଲ କର୍ପୋରେସନର ଖାଦ୍ୟ ସୁରକ୍ଷା ଅଧିକାରୀ ଲିଟୁନ ସାହା, ବ୍ୟାସନଗର ପୌର ପରିଷଦ ସାନିଟାରୀ ଇନ୍ସପେକ୍ଟର ମାଣିକ ରଞ୍ଜନ ନାୟକ, ବ୍ୟାସନଗର ପୌର ପରିଷଦ କର୍ମଚାରୀ ଏବଂ ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ପ୍ରମୁଖ ଉପସ୍ଥିତ ରହିଥିଲେ ।

ବିଶୋଧନ ହେଲା ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳ

## ଲୋକଙ୍କ ପାଇଁ ଜାରିହେଲା ମାର୍ଗଦର୍ଶିକା

**ଭଣ୍ଡାରିପୋଖରୀ/ବାରିକପୁର:** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଝାଡାବାନ୍ତି ଆକ୍ରାନ୍ତ ଅଞ୍ଚଳ ଦାଣ୍ଡକୂଳ, ତିଖିଲିଆ, ମଣିନାଥପୁର, ଜଳହରୀ, ସାରଣା, ଚତୁର୍ଭୁଜପୁର ଆଦି ଗ୍ରାମର ପାନୀୟ ଜଳଉତ୍ସଗୁଡିକୁ ଶନିବାର ବିଶୋଧନ କରାଯାଇଛି । ବ୍ଲକ ପାନୀୟଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଦିବାକର ସାହୁଙ୍କ ନେତୃତ୍ୱରେ ମୁଖ୍ୟତଃ ନଳକୂପଗୁଡିକୁ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧନ କରାଯାଇଛି । ବିଶୋଧନର ୪୮ ଘଣ୍ଟା ପରେ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଦାଣ୍ଡକୂଳ ଓ ତିଖିଲିଆର ଝାଡାବାନ୍ତି ଆକ୍ରାନ୍ତ ୧୩ ଜଣ ବ୍ୟକ୍ତି ମେଡିକାଲରୁ ଘରକୁ ଫେରିଥିବା ଜଣାଯାଇଛି । ସେହିପରି ସାରଣା ଗ୍ରାମର ଜଣେ ଆକ୍ରାନ୍ତ ଚିକିତ୍ସିତ ହୋଇ ମେଡିକାଲରୁ ଫେରିଛନ୍ତି । ମାତ୍ର ମଣିନାଥପୁର ଗ୍ରାମର ୩ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ ଚିକିତ୍ସିତ ହୋଇ ମେଡିକାଲରୁ ଘରକୁ



ଫେରିଥିବା ବେଳେ ଚତୁର୍ଭୁଜପୁର ଗ୍ରାମର ୩ ଜଣ ଆକ୍ରାନ୍ତ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ପାର୍ଥସାରଥି ମିଶ୍ର ଏହି ସମସ୍ତ ଅଞ୍ଚଳର ଆକ୍ରାନ୍ତଙ୍କ ଠାରେ ପରୀକ୍ଷାରୁ କଲେରା (ହଇଜା) ଜୀବାଣୁ ମିଳିନଥିବା ସ୍ପଷ୍ଟ କରିଛନ୍ତି । ଏଥିସହ ପ୍ରଶାସନ ପକ୍ଷରୁ ଗ୍ରାମରାସ୍ତାରେ ବ୍ଲିଚିଂ ପାଉଡର ସିଞ୍ଚନ ଆଦି ବ୍ୟବସ୍ଥା ଗ୍ରହଣ କରିବା ସହ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଥିବା ଜଣାଯାଇଛି । ଜନସାଧାରଣ ଭଲଭାବେ ହାତଧୁଆ ପ୍ରତି ଧ୍ୟାନଦେବା, ଓଆର୍‌ଏସ୍ ଦ୍ରବଣ ଗ୍ରହଣ କରିବା, ହାଲୋଜିନ ବଟିକା ବ୍ୟବହାର କରିବା, ଭୋଜିଭାତକୁ ଏଡାଇବା, ବାସିଖାଦ୍ୟ ଗ୍ରହଣ ନକରିବା, ଝାଡାବାନ୍ତି ଆକ୍ରାନ୍ତ ଖବର ତୁରନ୍ତ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ଝାଡାବାନ୍ତିର କାରଣ ଏବେ ବି ଅସ୍ପଷ୍ଟ ରହିଛି ।

## ବିଞ୍ଝାରପୁରରେ ବଢ଼ିଲାଣି ଡାଇରିଆ



**ବିଞ୍ଝାରପୁର:** ଯାଜପୁର ଜିଲ୍ଲାରେ ଡାଇରିଆକୁ ନେଇ ସଙ୍ଗିନୀ ସ୍ଥିତି ରହିଥିବା ବେଳେ ଏବେ ଏହି ଜିଲ୍ଲାର ବିଞ୍ଝାରପୁର ଅଞ୍ଚଳକୁ ଡାଇରିଆ ଆତଙ୍କ ଘାରିଛି । ବ୍ଲକର ବିଭିନ୍ନ ଅଞ୍ଚଳରୁ ଏବେ ଦୈନିକ ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି । ଯାହାକୁ ଦୃଷ୍ଟିରେ ରଖି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ରୋଗ ନିରାକରଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଉଛି । ମୁଖ୍ୟତଃ ପିଇବା ପାଣି ଯୋଗୁଁ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ପାଇବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଇଛି । ତେବେ ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠା ଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. କ୍ଷିତୀଶ ନାୟକ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ବିଞ୍ଝାରପୁର ସ୍ଥିତି କିଭଳି ରହିଛି ସେଥିନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାଇ ଏଡିଏମ୍ ବିଞ୍ଝାରପୁର ବ୍ଲକରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ଏହି

### ସ୍ଥିତି ସମୀକ୍ଷା କଲେ ଏଡିଏମ୍

ବୈଠକରେ ଏଡିଏମ୍‌ଙ୍କ ସମେତ ବିଡିଓ, ତହସିଲଦାର, ଆଇଆଇସି, ସିଡିପିଓ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ପାନୀୟଜଳ ଓ ପରିମଳ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ । ମୁଖ୍ୟତଃ ଏବେ ରଜ ପର୍ବର ସମୟ ହୋଇଥିବାରୁ ଲୋକେ ବାହାରେ ବୁଲାବୁଲି ସହିତ ହୋଟେଲ ରେଷ୍ଟୋରାଁଣ୍ଟ ଖାଦ୍ୟ ଓ ଗୁପଚୁପ ଆଦି ଫାଷ୍ଟଫୁଡ ଖାଇବାର ଅଧିକ ସମ୍ଭାବନା ରହିଛି । ତେଣୁ ଡାଇରିଆ ମଧ୍ୟ ବଢ଼ିବା ଆଶଙ୍କା ଅଧିକ ରହିଛି । ଥାନା ଅଧିକାରୀ, ତହସିଲଦାର, ସ୍ୱାସ୍ଥ୍ୟ ବିଭାଗ ଆଜି ବ୍ଲକର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟଫୁଡ ଆଦି ଦୋକାନରେ ଚଢ଼ଉ କରି ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବା ଦୋକାନୀମାନଙ୍କୁ ତାଗିଦ କରିବା ସହିତ ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଦୋକାନ ବନ୍ଦ ରଖିବାକୁ ପରାମର୍ଶ ଦେଇଥିଲେ । ସେହିପରି ଝାଡା ବାନ୍ତି ବ୍ୟାପୁଥିବା ଅଞ୍ଚଳରେ ଆଶା ଅଙ୍ଗନବାଡି କର୍ମୀମାନେ ଘର ଘର ବୁଲି ଓଆରଏସ, ହାଲିଜିନ ବଟିକା, ଜିଙ୍କ୍ ବାଟିଆ ଆଦି ବଣ୍ଟନ କରୁଛନ୍ତି । ଏହି ସମୟରେ ଛୋଟ ପିଲା ମାନଙ୍କର ସ୍ୱତନ୍ତ୍ର ଭାବେ ଯତ୍ନ ନେବାକୁ ଡାକ୍ତର ମାନେ ପରାମର୍ଶ ଦେଇଛନ୍ତି ।

## ଧର୍ମଶାଳାରେ ଏବେ ବି ସ୍ଥିତି ଗମ୍ଭୀର

**ଧର୍ମଶାଳା:** ଧର୍ମଶାଳା ବ୍ଲକରେ ଗତ ୫ ଦିନ ହେଲା ଲାଗିରହିଥିବା ଝାଡାବାନ୍ତି ରୋଗରେ କିଛିଟା ସୁଧାର ଆସିଥିବା ବେଳେ ଏବେ ବି ସ୍ଥିତି ଗମ୍ଭୀର ରହିଛି । ବ୍ଲକର ବିଭିନ୍ନ ଗ୍ରାମରେ ଆଜି ସୁଦ୍ଧା ୨୫୧ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ବେଳେ ଅନେକ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବର୍ତ୍ତମାନ ସୁଦ୍ଧା ୫୦ଜଣ ଝାଡ଼ାବାନ୍ତି ରୋଗୀ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ କିଛି ଦିନ ହେଲା ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଗତକାଲି ଠାରୁ କିଛିଟା କମିଥିବା ଦେଖିବାକୁ ମିଳିଛି । ଧର୍ମଶାଳା ବିଡିଓ, ତହସିଲଦାର ଓ ମେଡିକାଲ ଅଫିସର ମିଳିତ ଭାବେ ସ୍ଥିତି ଉପରେ ଧ୍ୟାନ ରଖିଥିବା ବେଳେ ଲୋକମାନେ ଭୟଭୀତ ନ ହେବା ପାଇଁ ଅନୁରୋଧ କରିଛନ୍ତି । ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ଝାଡାବାନ୍ତି ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିବା ବେଳେ ଜିଲ୍ଲାରେ ୧୧ଜଣ କଲେରା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ଧର୍ମଶାଳା ବ୍ଲକରେ କିଛି ରହିଥିବା ଜଣାପଡ଼ିଛି । ଏହି ଘଟଣା ଏବେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏହାର ପ୍ରକୃତ କାରଣ ଅଧାବଧି ସାମନାକୁ ଆସିପାରି ନାହିଁ । କାରଣ ଅନୁସନ୍ଧାନ ନିମନ୍ତେ ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡି ବୃନ୍ଦା ଧର୍ମଶାଳା ମେଡିକାଲରେ ପହଞ୍ଚି ସ୍ଥିତି ପରଖିଛନ୍ତି । ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ବଳ ମେଡିକାଲରେ ରହି ଚିକିତ୍ସା ତଦାରଖ କରିଛନ୍ତି । ଜିଲ୍ଲାପ୍ରଶାସନ ପକ୍ଷରୁ ସଂକ୍ରମିତ ବ୍ଲକର ବିଭିନ୍ନ ଗ୍ରାମରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇ ସଚେତନ କରାଯାଉଛି । ଏଥିସହ ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନୱାଡୀ କର୍ମୀମାନେ ଘରକୁ ଘର ବୁଲି ସଚେତନ କରିବା ସହିତ ହାଲୋଜିନ ବଟିକା ବ୍ୟବହାର କରିବା ଏବଂ ଘରେ ଗରମ ଖାଦ୍ୟ ଖାଇବା ଓ ଗରମ ପାଣି ଥଣ୍ଡା କରି ପିଇବାକୁ ପରାମର୍ଶ ଦେଉଛନ୍ତି । ସେହିପରି ଜନସ୍ୱାସ୍ଥ୍ୟ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ ଥିବା ନଳକୂପ ଓ କୂପ ଗୁଡ଼ିକୁ ବ୍ଲିଚିଂ କରାଯାଇ ବିଶୋଧନ କରାଯାଉଛି । ଦୂଷିତ ଜଳ ଓ ଭୋଜି ଖିଆରୁ ଏହି ଝାଡାବାନ୍ତି ବ୍ୟାପିଥିବା କୁହାଯାଉଥିବା ବେଳେ ଏହାର ପ୍ରକୃତ କାରଣ ଜଣାପଡ଼ି ନାହିଁ । ତେଣେ ରଜ ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ଭୋଜି ଭାତ କରିବାକୁ ବାରଣ କରାଯାଇଛି । ତେବେ କଲେରା କୁ ନେଇ ଲୋକେ ଭୟଭିତ ନହେବା ଲାଗି ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ପୂର୍ବାପେକ୍ଷା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ବେଳେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଅଧିକାରୀ ଡା. ପ୍ରକାଶ ବଳ ସୂଚନା ଦେଇ କହିଛନ୍ତି ।

ଖଣ୍ଡିତର ସର୍ବଭାରତୀୟ କବାଡ଼ି

## ରାଜ୍ୟ ବାହାର ଦଳର ସଫଳତା



**ରସୁଲପୁର, ୧୪।୬ (ସମିସ):** ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଖଣ୍ଡିତର ଠାରେ ଚାଲିଥିବା ୭୦ତମ ସର୍ବଭାରତୀୟ ଦିବାରାତ୍ର କବାଡି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୧୦ମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ରାଜ୍ୟ ବାହାରର ଦଳମାନେ ଭଲ ପ୍ରଦର୍ଶନ କରିଛନ୍ତି । ଆଜି ସକାଳେ ପୁରୁଷ ବିଭାଗ ପୁଲ ବି'ର ମ୍ୟାଚ୍‌ରେ କିଶୋର କ୍ଲବ୍ ଭୁବନେଶ୍ୱର ଭୋପାଳ (ଏମପି)କୁ କଡ଼ା ମୁକାବିଲାରେ ୩୯-୩୬ ପଏଣ୍ଟରେ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଯାଇଥିଲା । ସେହିପରି ମହିଳା ବିଭାଗର ପ୍ରଥମ ମ୍ୟାଚ୍‌ରେ କିଟ୍ ଓ କିଶୋର କ୍ଲବ୍ ମୁହାଁମୁହିଁ ହୋଇଥିଲେ । କିଟ୍ ୩୨-୧୫ ପଏଣ୍ଟରେ କିଶୋର କ୍ଲବ୍‌କୁ ହରାଇଥିଲା । ପୁରୁଷ ବିଭାଗର ୩ୟ ମ୍ୟାଚ୍‌ରେ କଟକ ୩୩-୧୪ରେ ରେନ୍‌ବୋ ବାରଙ୍ଗକୁ ହରାଇ ପ୍ରଥମ ବିଜୟ ହାସଲ କରିଥିଲା । ମହିଳା ବିଭାଗର ଦ୍ୱିତୀୟ ମ୍ୟାଚ୍‌ରେ ପଶ୍ଚିମବଙ୍ଗର ଅଶୋକ ସଂଘ ଏକତରଫା ଭାବେ କଳିଙ୍ଗ କବାଡି ଏକାଡେମୀକୁ ୫୦-୧୩ ପଏଣ୍ଟରେ ହରାଇଥିଲା । ମଧ୍ୟାହ୍ନ ବିରତି ସୁଦ୍ଧା ମହିଳା ବିଭାଗରେ ଦକ୍ଷିଣ ପୂର୍ବ ରେଳବାଇ, ପୂର୍ବତଟ ରେଳବାଇ ସେମାନଙ୍କର ପ୍ରଥମ ମ୍ୟାଚ୍ ଜିତିଥିବା ବେଳେ ୫ମ ମ୍ୟାଚ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ ଯାଜପୁର ମହିଳା ଦଳକୁ ଏକତରଫା ଭାବେ ୫୨-୦୯ ପଏଣ୍ଟରେ ହରାଇଥିଲା । ଅପରାହ୍ନ ୪ଟାରେ ଖେଳ ଆରମ୍ଭ ହୋଇଥିଲା । ଅପରାହ୍ନର ପୁରୁଷ ବିଭାଗର ପ୍ରଥମ ମ୍ୟାଚ୍ କଡା ମୁକାବିଲା ମଧ୍ୟରେ ପୂର୍ବତଟ ରେଳବାଇ ଓ କଟକ ମଧ୍ୟରେ ଟାଇ ହୋଇଥିଲା । ଉଭୟ ଦଳ ୨୫ ପଏ୍ ଲେଖାଏ ପାଇଥିଲେ । ଓମ୍ ପ୍ରକାଶ ଜୟସ୍ୱାଲ୍, ବନମାଳି ଦାଶ, ପ୍ରକାଶ କୁମାର ସାହୁ, କେ. ମାଧବ ରାଓ, ବିଭୁ ଭୂଷଣ ପାଲ୍, ଦିଲ୍ଲୀପ କୁମାର ନାୟକ, ପୁଷ୍ପଲତା ଜେନା, ମଧୁସ୍ମିତା ସ୍ୱାଇଁ, କରୁଣାକର ମାଝୀ, ସସ୍ମିତା ଦାସ ପ୍ରଭୃତି ଅଫିସିଆଲ୍‌ମାନେ ଖେଳ ପରିଚାଳନା କରିଥିଲେ । ଦକ୍ଷିଣ ପୂର୍ବ ରେଳବାଇ ମହିଳା ଦଳରେ ଖେଳୁଥିବା ଅନ୍ତର୍ଜାତୀୟ ଖେଳାଳି ପାୟଲ, କେଭିଏମ ଦୁର୍ଗା, ମନିସା ପ୍ରଭୃତି ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ ।

## ଆକ୍ରାନ୍ତଙ୍କୁ ଭେଟିଲେ ପିସିସି ସଭାପତି





**ଯାଜପୁର ଟାଉନ୍/ଧର୍ମଶାଳା:** ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ମହାମାରୀର ଉଗ୍ର ରୂପ ନେଉଥିବା ବେଳେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଯାଜପୁର ଗସ୍ତରେ ଆସି ପ୍ରଥମେ ବଡ଼ଚଣା ଏବଂ ପରେ ପରେ ଧର୍ମଶାଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଝାଡ଼ାବାନ୍ତି ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ବୁଝିବା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଶତାଧିକ ରୋଗୀଙ୍କୁ ଭେଟି ରୋଗୀଙ୍କ ସେବା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ମୁଖ୍ୟ ଚିକିତ୍ସାଧିକାରୀ ତଥା ଦାୟିତ୍ୱରେ ଥିବା ଚିକିତ୍ସାଧିକାରୀଙ୍କୁ ଭେଟି ରୋଗୀମାନଙ୍କୁ କିପରି ସେବା ଦିଆଯାଉଛି ସେ ନେଇ ଆଲୋଚନା କରିଥିଲେ । ଏହି ଟିମ୍ ଧର୍ମଶାଳା ମେଡିକାଲରେ ଚିକିତ୍ସିତ ହେଉଥିବା ଝାଡାବାନ୍ତି ଆକ୍ରାନ୍ତଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ସମ୍ପର୍କିୟମାନଙ୍କ ସହିତ ଆଲୋଚନା କରି ଚିକିତ୍ସା ସମ୍ପର୍କରେ ଅବଗତ ହୋଇଥିଲେ । ପରେ ମେଡିକାଲ ଅଧିକାରୀ ସୁଧିର କୁମାର ସାହୁଙ୍କ ସହିତ ଆଲୋଚନା କରି ସମସ୍ତ ବିଷୟରେ ଅବଗତ ହୋଇଥିଲେ । ଜିଲ୍ଲାରେ ସମସ୍ତ ପାନୀୟ ଜଳ ଉତ୍ସ ଗୁଡିକରେ ଫିଲଟରିଙ୍ଗ ପ୍ଲାଣ୍ଟ ବସାଯିବାର ଆବଶ୍ୟକତା ରହିଛି ବୋଲି ପିସିସି ସଭାପତି ସାମ୍ବାଦିକମାନଙ୍କୁ କହିଥିଲେ । ଏହି ଟିମ୍ ଜିଲ୍ଲାର ସ୍ଥିତି ବୁଝିବା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମ୍ବୋଧିତ କରି ଜିଲ୍ଲାରେ ଏପରି ଭୟଙ୍କର ସ୍ଥିତିରେ ଜିଲ୍ଲାବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାରେ ଜିଲ୍ଲା ପ୍ରଶାସନ ଏବଂ ସରକାର ଅସମର୍ଥ ହୋଇଥିବା ବେଳେ ସଠିକ୍ ରୋଗର ସେବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଔଷଧ ରୋଗୀମାନଙ୍କୁ ଯୋଗାଇ ଦିଆଯାଇ ପାରି ନାହିଁ । ତତ୍ ସହିତ ଡାକ୍ତରମାନଙ୍କ ସଂଖ୍ୟା ଅଭାବରୁ ଏକାଧିକ ରୋଗୀଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି । ତତ୍‌ପରେ ସହରସ୍ଥ ସର୍କିଟ୍ ହାଉସ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ରୋଗୀଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ ।

ପିସିସି ସଭାପତିଙ୍କ ଏହି ଗସ୍ତରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା କିଶାନ ପଣ୍ଡା, ପିସିସି ଉପସଭାପତି ସସ୍ମିତା ବେହେରା, ଜିଲ୍ଲା ସଭାପତି ମନୋଜ ରାଉତ, ପୂର୍ବତନ ରାଜ୍ୟ ମହିଳା ସଭାପତି ବନ୍ଦିତା ପରିଡ଼ା, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଆରତି ଦେଓ, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ର, ପୂର୍ବତନ ସମ୍ପାଦକ ମାନସ ରଞ୍ଜନ କର, ଜିତେନ୍ଦ୍ର ପଣ୍ଡା, ନାରୀନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟ, କୃଷକ ନେତା ବସନ୍ତ ପରିଡ଼ା, ମୋହନ ହେମ୍ବ୍ରମ୍, ସୁଧାଂଶୁ ଦେଓ, ପ୍ରଦୀପ ମହାପାତ୍ର, ପୂର୍ବତନ ସମ୍ପାଦକ ସୁଶାନ୍ତ ତ୍ରିପାଠୀ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ସୁଦିପ୍ କୁମାର କର, ବିଷ୍ଣୁ ରାଉତ, ଦୁର୍ଯ୍ୟୋଧନ ବେହେରା, ଅଞ୍ଜଳ ଦାସ, ଅର୍ଜିତ ନାୟକ, ମାନସ ପଣ୍ଡା, ନାରାୟଣ ଚନ୍ଦ୍ର ସାମନ୍ତ, ଅଜୟ ସାମଲ ପ୍ରମୁଖ ସାମିଲ ହୋଇଥିଲେ ।



## ସ୍ଥିତି ପରଖିଲେ ବିଜେଡି ନେତା

**ବଡଚଣା:** ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ବ୍ୟାପିବାରେ ଲାଗିଲାଣି କଲେରା ରୋଗ । ଝାଡ଼ା ବାନ୍ତିରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ଦୁଇ ଜଣଙ୍କ ଜୀବନ ମଧ୍ୟ ଗଲାଣି । ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର କଲେରା ରୋଗରେ ମୃତ୍ୟୁବରଣ କରିଥିବା ଶାଳପଡ଼ା ପଞ୍ଚାୟତ ତିଳପଦା ଗ୍ରାମର ବିରଞ୍ଚି ମଳିକଙ୍କ ପରିବାରକୁ ଭେଟିବା ସହିତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀ ମାନଙ୍କ ସହ ଆଲୋଚନା କରିଛନ୍ତି । ସେ ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀକାନ୍ତ ଜେନା, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ବିଜୟ ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ଧୁଳେଶ୍ୱର ଦାସ, ପ୍ରଦୀପ୍ତ କୁମାର ମହାନ୍ତି, ସଞ୍ଜୀବ ସାମଲ, ସତ୍ୟବ୍ରତ ସାମଲ, ଦିଲ୍ଲିପ କୁମାର ବେହେରା, ମହମ୍ମଦ ଇମ୍ରାନ, ପ୍ରଭୁଦତ୍ତ ଜେନା, ମାନସ ପଣ୍ଡାଙ୍କ ସମେତ ଅନେକ ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ସୃଜନିକା
ସକାଳ
THE SAKALA
www.sakalaepaper.com

# ଛେଉଣ୍ଡ





**ଅନୀଲ କୁମାର ପଣ୍ଡା**

ଆଖିରୁ ବହି ଆସୁଥିବା ଲୁହକୁ ତରବରରେ ପୋଛି ଦେଉଥାଏ ବବୁଲ । କାଳେ କିଏ ଦେଖି ଦବ ଭାବି, ବାଥରୁମ୍‌ରେ ପଶିଗଲା । ତା' କାନ୍ଦିବାର ଶବ୍ଦକୁ କିନ୍ତୁ ସେ ନିଜ ଭିତରେ ଚାପି ରଖୁଛି । ମନରେ ଭୟ କାଳେ କିଏ ଜାଣି ଦେବ ।

ହେତୁ ପାଇବା ବେଳକୁ ଯାହାକୁ ବୋଉ ବୋଲି ଡାକୁଥିଲା, ପ୍ରକୃତରେ ସେ ହେଉଛି ତା'ର ପିଉସୀ । ତାଙ୍କରି କୋଳରେ ବବୁଲ ବଡ଼ ହେଉଥିଲା । ବବୁଲକୁ ଦେଖିବାକୁ ଜଣେ କଳା ଓ ଡେଙ୍ଗା ମଣିଷ ପ୍ରତ୍ୟେକ ସପ୍ତାହରେ ଆସନ୍ତି । ସେ ହିଁ ବବୁଲର ବାପା । ବାପା ଶବ୍ଦର ଅର୍ଥ ବୁଝିବାର ସାମର୍ଥ୍ୟ ତା'ପାଖରେ ନଥିଲା । ମୁହଁରେ ହସ ନଥିବା ଗୋଟେ ମଣିଷ । ସବୁବେଳେ ଆଖି ଦୁଇଟି ଲାଲ । ସେ ଆସନ୍ତି, ପିଉସୀ ସହ କଥାବାର୍ତ୍ତା ହୁଅନ୍ତି, ଆଉ ଚାଲି ଯାଆନ୍ତି । ବାପା କେତେବେଳେ ତାକୁ ଗେଲ କରିବାର ସେ ଜାଣି ନାହିଁ । କେତେବେଳେ କୋଳେଇ ନେବାର ତା'ର ମନେ ନାହିଁ । ତଥାପି ବାପା ଶବ୍ଦର ମାଧୁର୍ଯ୍ୟ ତାକୁ ବାନ୍ଧି ପକାଉଥାଏ । ବାପାଙ୍କୁ ସବୁବେଳେ ଦେଖୁଥିବା ବବୁଲ ଟିକେ ବଡ଼ ହେବା ପରେ ମାଆକୁ ଖୋଜିଲା । ପିଉସୀଙ୍କୁ ପଚାରିଲା । ବାପାଙ୍କୁ ପଚାରିଲା । ଉତ୍ତର ପାଇନଥିଲା ।

ପିଉସୀର ବାରଣ ସତ୍ତ୍ୱେ ବବୁଲ ବାପାଙ୍କ ସହ ଯିବା ପାଇଁ ଜିଦ୍ କଲା । ବାଧ୍ୟରେ ବାପା ତାକୁ ନେଇ ଚାଲି ଆସିଲେ । ତା' ପାଇଁ ଗୋଟେ ନୂଆ ଗାଁ, ତା' ଭିତରେ ଗୋଟେ ପୁରୁଣା ଘର । ଦାଣ୍ଡ କବାଟ ଖୋଲି ଭିତରକୁ ପଶିବା ବେଳକୁ ଖାଲି ଅନ୍ଧାର । ଅଗଣାରେ ପଡୁଥିବା ସୂର୍ଯ୍ୟ କିରଣରେ ସେ ଝାପ୍‌ସା ଭାବେ ଦେଖୁଥିଲା କୋଠରିଗୁଡ଼ିକକୁ । ସବୁ ଖାଲି ଖାଲି । ବାପାଙ୍କ ଛଡ଼ା ଆଉ କେହି ନାହାନ୍ତି । ପିଉସୀ ଘରେ ସେ କେତେଲୋକଙ୍କ ସହ ମିଶିଥିଲା । ସେଠି ପିଉସା ଥିଲେ, ଭାଇ ଥିଲେ, ଭାଉଜ ଥିଲେ, ଜଣେ ଅପା ବି ଥିଲା । ସବୁଦିନ ଭାଇ ଆଉ ଅପା ତାକୁ ଗେଲ କରୁଥିଲେ ।

ଘର ଭିତରେ ବାପା ତାଙ୍କ ଜାମା ଖୋଲି ଏକ ଗାମୁଛା ପିନ୍ଧିଲେ । ଅଗଣାକୁ ଯାଇ ମୁହଁ ହାତ ଧୋଇଲେ । ଆସି ଦାଣ୍ଡ ଦୁଆରେ ବସିଲେ । ସେ ଘର ଭିତରେ ବସି ବସି ସନ୍ଧ୍ୟା ହେବାକୁ ବସିଲା । ନାଁ ବାପା ବବୁଲକୁ କିଛି କହୁଥିଲେ । ନାଁ ବବୁଲ ବାପାଙ୍କୁ କିଛି କହୁଥିଲା । ରାତି ଘଡ଼ିଏ ବେଳକୁ ଦାଣ୍ଡରୁ ଉଠି ଆସି ବାପା ଗୋଟେ ବେଲାରେ କିଛି ଚୂଡ଼ା ଓ ଚିନି ବଢ଼େଇ ଦେଇ କହିଲେ, ନେ ଖାଇକି ଶୋଇପଡ଼େ । ବବୁଲ ବାପାଙ୍କ କଥାମାନି ଖାଇ ଶୋଇପଡ଼ିଲା । ଗୋଟେ ପଟା ଖଟ ଉପରେ ଶୋଇଥାଏ ବବୁଲ । ବାପା ତା'ର ଚଟାଣରେ ଆସି ଗଡ଼ି ପଡ଼ିଲେ ।

ଧୀରେ ଧୀରେ ଦିନ ବିତିଲା । କେତେବେଳେ ଚୂଡ଼ା ତ ପୁଣି କେତେବେଳେ ଭାତ ସହିତ କିଛି ପରିବା ସିଝା । ପିଉସୀ ଘରୁ ଚାଲି ଆସିବା ପରେ ଅଳ୍ପ କିଛି ପାଠ ପଢ଼ିଥିବା ବବୁଲର ପାଠ ପଢ଼ାରେ ଡୋରି ବନ୍ଧା ହେଲା ।

ବାପା ତାକୁ ପୁଣିଥରେ ପିଉସୀ ଘରେ ଛାଡ଼ିବା ପାଇଁ ବାଧ୍ୟ କଲେ । ସେ ଆଉ ଫେରିବାକୁ ପ୍ରସ୍ତୁତ ନଥିଲା । ବାପାଙ୍କ ଭଳି ସେ ମଧ୍ୟ ହସ ଖୁସି ଅବସ୍ଥାରୁ ନୀରବ ହୋଇଗଲା । ବେଳେ ବେଳେ ବାପା ତାକୁ ବାଧ୍ୟ କରନ୍ତି, ବାହାରକୁ ଯାଇ ପିଲାଙ୍କ ସହ ଖେଳିବା ପାଇଁ । ସେ ଯାଇ ପାରେନି । ତାକୁ ଭାରି ଅଖାଡୁଆ ଲାଗେ । ଗାଁ ପିଲା ତାକୁ କଟାସ ଭଳି ଲାଗନ୍ତି ।

ବବୁଲ ବଡ଼ ହେଉଥିଲା । ବାପା ସବୁଦିନ ସକାଳୁ ବାହାରି ଯାଆନ୍ତି, ସଂଜ କି ବେଳ ବୁଡ଼ିଲେ ଫେରନ୍ତି । ବବୁଲ ସେମିତି ଘରେ ବସିଥାଏ । ଘରକୁ ବେଳେ ବେଳେ କୁଣିଆ ଆସନ୍ତି । ବବୁଲ ସେମାନଙ୍କୁ ଚିହ୍ନି ନଥାଏ । ସେମାନେ ଆସି ବାପାଙ୍କ ସହ କିଛି କଥାବାର୍ତ୍ତା ହୁଅନ୍ତି, ପୁଣି ଚାଲି ଯାଆନ୍ତି । ବାପା ବେଳେ ବେଳେ ତାକୁ ପିଉସୀ ଘରକୁ ନେଇ ବୁଲି ଯାଆନ୍ତି । ମାତ୍ର ବାପାଙ୍କ ପାଖରେ ଅନ୍ୟ ପିଲାମାନଙ୍କ ଭଳି ବବୁଲ କିଛି ଅଳି କରି ପାରେନି । କାରଣ ବାପା ସବୁବେଳେ ନୀରବ ।

ଏବେ ବେଶ୍ ବଡ଼ ହୋଇ ସାରିଥାଏ । ଭଲ ମନ୍ଦ ବୁଝିବାର ବୟସ । ବାପା ଓ ଘରର ଦାୟିତ୍ୱ ନେଇଥିଲା । ସକାଳୁ ଉଠିବା ପରେ ଘର ସଫା ସୁତରା କରିବା, ଠାକୁର ପୂଜା କରିବା, ସକାଳୁ ଜଳଖିଆ ପ୍ରସ୍ତୁତ କରି ବାପାଙ୍କୁ ଦେବା, ନିଜେ ଖାଇବା ।

ଧୀରେ ଧୀରେ ନିଜକୁ ପରିବର୍ତ୍ତନ କଲା ବବୁଲ । ଗାଁ ପିଲାଙ୍କ ସହ ଖେଳକୁଦ କଲା । ବାପା ଶୋଇଥିବା ବେଳେ ତାଙ୍କ ସ୍କୁଟିକୁ ନେଇ ଦୁଇ ଚାରି ଘେରା ବୁଲି ଆସିଲା । ରାତିରେ ଦୋଳ ବୁଲିବା ସମୟରେ ଗାଁ ପିଲାଙ୍କ ସହ ନଦୀ ପଠାରେ ପଇଡ଼ ପିଇବା । ନିଜେ ଶାଳ ଭିଡ଼ି ଆଖୁ ପେଡ଼ିବା । ଏମିତି ଅନେକ କିଛି ନଟଖଟ କାମରେ ସେ ସିଦ୍ଧହସ୍ତ ହୋଇ ଯାଇଥିଲା । ବାପା ହିଁ ତା ପାଇଁ ପାଲଟି ଯାଇଥିଲେ ସର୍ବସ୍ୱ । ପୁଅର ଏଭଳି ଆଚରଣ ବାପା ପ୍ରଭଞ୍ଜନଙ୍କୁ ମଧ୍ୟ ବେଶ୍ ଭଲ ଲାଗୁଥିଲା । ପରିସ୍ଥିତି ତାଙ୍କଠାରୁ ସବୁ ଛଡ଼େଇ ନେଇଥିଲେ ବି, ସୁନାମୁଣ୍ଡା ଭଳି ପୁଅଟେ ପାଇଛନ୍ତି । ପାଠ ନପଢ଼ିଲେ ବି ବେଶ ନମ୍ର ଓ ଭଦ୍ର ଭାବେ ବଢ଼ିଥିଲା ବବୁଲ । ପିତୃପୁରୁଷରୁ ଥିବା ସମ୍ପତ୍ତିକୁ ଭୋଗ କରି ପୁଅ ଜୀବନ ସାରା ଚଳିଯିବାର ଆଶା ରଖିଥିଲେ ପ୍ରଭଞ୍ଜନ ।

କରୋନା ମହାମାରୀ କାରଣରୁ ତାଙ୍କ ଅଫିସ୍ ବନ୍ଦ ଥିଲା । ପ୍ରାୟ ଅଧିକାଂଶ ଦିନ ତାଙ୍କର ଘର ଭିତରେ ବିତିଲା । ହଠାତ୍ ତାଙ୍କର ଦେହ ଅସୁସ୍ଥ ହେବାକୁ ଲାଗିଲା । ପରିସ୍ରା ହଳଦିଆ ହେଲା, ଲାଲ ଆଖି ଗୁଡ଼ିକ ଶେତା ଦେଖାଗଲା । ବବୁଲର ବାରମ୍ବାର ତାଗିଦା ପରେ ପ୍ରଭଞ୍ଜନ ଡାକ୍ତରଖାନାକୁ ଗଲେ । ପରୀକ୍ଷାରୁ ଜଣାପଡ଼ିଲା । ତାଙ୍କୁ ଜଣ୍ଡିସ୍ ହୋଇଛି । ଘରେ ରହି ଚିକିତ୍ସା କଲେ । ହେଲେ ଜଣ୍ଡିସ୍ କମିବା ପରିବର୍ତ୍ତେ ଜ୍ୱର ଧରିଲା । ଦୁଇ ମାସ ବିତିଲା । ରୋଗ କମିବ କ'ଣ ବଢ଼ିଲା । ଏବେ ଡାକ୍ତରଖାନା ବେଡ୍‌ରେ ।

ତାଙ୍କର ଅବସ୍ଥା ଦେଖି ବବୁଲ ବାଥରୁମ୍ ଭିତରେ ଲୁଚି ଲୁଚି କାନ୍ଦୁଥିଲା । ବେଶି ସମୟ କାନ୍ଦିବା ପରେ ବବୁଲ ମୁହଁ ଧୋଇ ବାହାରକୁ ଆସିଲା । ବେଡ୍ ଉପରେ ବାପା, ପାଖରେ ଆସି ବସିଛନ୍ତି ପିଉସୀ । ପିଉସୀ ତାଙ୍କ ଭାଇର ଅବସ୍ଥା ଦେଖି ବାହୁନି କାନ୍ଦୁଥିଲେ ।

ପିଉସୀଙ୍କୁ ଦେଖି ବବୁଲ ଆଖିରେ ବି ଲୁହ ଆସି ଯାଇଥିଲା । ତଥାପି ସେ ନିଜକୁ ରୋକି ପିଉସୀକୁ ବୋଧ ଦେଲା । ବାପାଙ୍କ ପାଇଁ କ୍ଷୀର ଓ ପାଉରୁଟି ଆଣିବାକୁ ବାହାରକୁ ଚାଲିଗଲା । ଫେରିବା ବେଳକୁ ପିଉସୀ ପାଖ ବେଡ୍‌ରେ ଥିବା ଅନ୍ୟ ଜଣେ ରୋଗୀଙ୍କ ସହ କଥା ହେଉଥିଲେ । ବବୁଲ କବାଟ ପାଖରେ ଅଟକି କାନ ଡେରିଲା ।

"ମୋ ଭାଇ ଚାକିରି କରିବା ପରେ ନୂଆ ନୂଆ ବାହାଘର ହୋଇଥାଏ । ବାହାଘର ପରେ ତାଙ୍କ ସଂସାର ବେଶ୍ ଖୁସିରେ ଚାଲିଥିଲା । କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ଜନ୍ମ ହୋଇଥିଲା । ଏନ୍ତୁଡ଼ି ନଉଠୁଣୁ, କଅଁଳା ପିଲାକୁ କାଳ ନେଇଗଲା । ଏନ୍ତୁଡ଼ିରେ ମା' ପିଲା ଶୋଇଥିବା ସମୟରେ ସାପ କାମୁଡ଼ି ଦେଲା । ଏଇଠୁ ପ୍ରଭଞ୍ଜନ ଜୀବନର ମୋଡ଼ ବଦଳିଲା । ପୁଅକୁ ଝୁରି ତା' ସ୍ତ୍ରୀ ରୋଗିଣା ହୋଇଗଲା । ମୁଣ୍ଡ କାମ କଲାନି । ଡାକ୍ତର କହିଲେ, ସେ ପାଗଳୀ ହୋଇଯାଇଛି । ଘରେ ଅନ୍ୟ କେହି ଦେଖାରେଖା କରିବାର ସୁବିଧା ନଥିବାରୁ ସ୍ତ୍ରୀକୁ ନେଇ ବାପା ଘରେ ଛାଡ଼ି ଆସିଲା । ମାସ କେତେଟା ବିତିନି ଶୁଣିବାକୁ ପାଇଲୁ, ତା ପାଗଳୀ ସ୍ତ୍ରୀ ଆଉ ନାହିଁ । ଅନେକ ଦିନ ସ୍ତ୍ରୀ ଓ ପୁଅକୁ ଝୁରି ଦୁଃଖରେ ରହିଲା । ବନ୍ଧୁବାନ୍ଧବଙ୍କ କଥାରେ ପୁଣିଥରେ ବାହା ହେବାକୁ ରାଜି ହେଲା । ପ୍ରଭଞ୍ଜନ ଦ୍ୱିତୀୟ ବିବାହ କଲା । ପୁଣିଥରେ ସଂସାର ଚାଲିଲା । ତା' ସ୍ତ୍ରୀ ଗର୍ଭବତୀ ହେଲା । ବବୁଲ ଜନ୍ମ ନେଲା । ସେ ପିଲାଟିକୁ ଡାକ୍ତରଖାନା ବେଡ୍‌ରେ ଛାଡ଼ି କେଉଁ ଆଡ଼େ ଚାଲିଗଲା । ସେଦିନଠାରୁ ବବୁଲକୁ ବଞ୍ଚାଇବା ସେ ଅନେକ କଷ୍ଟ କରିଛି ।"

ନଶୁଣିବା ଭଳି ଭିତରକୁ ଚାଲି ଆସିଲା ବବୁଲ । ପିଉସୀ ଅଟକି ଗଲେ । ବବୁଲ ଭାବିଲା, ତା' ଭୋଗିବାଠାରୁ ବାପାଙ୍କ ଭୋଗିବା କେତେ ଭୟଙ୍କର । ତା' ଆଖିରୁ ଲୁହ ଶୁଖିଗଲା । କଥା ବନ୍ଦ ହୋଇଗଲା । କିଛି ସମୟ ପୂର୍ବରୁ ଡାକ୍ତର କହି ଦେଇ ଯାଇଥିଲେ, ସେ ଆଉ ବେଶୀ ଦିନ ନୁହେଁ ।

ସେଇଆ ହିଁ ଘଟିଲା, ଚାରି ଦିନ ବିତିଲାନି । ବାପା ଆରପାରିକୁ ଚାଲିଗଲେ ।

କୋକେଇ ବନ୍ଧା ହେଲା । ଖଇ କଉଡ଼ି ପଡ଼ିଲା । ଗାଁ ମୁଣ୍ଡେ ଭାତହାଣ୍ଡି ଥୁଆହେଲା । ଶବ ଯାଇ ଶ୍ମଶାନରେ ପହଞ୍ଚିଲା । ବବୁଲ କଇଁ କଇଁ କାନ୍ଦୁଥିଲା । ପୁରୋହିତ ମାଠିଆଟି ବବୁଲ ହାତକୁ ବଢ଼ାଇ ଦେଲେ । ନଈର ଅଣତୁଠରେ ଗାଧୋଇ ପାଣି ଆଣିବାକୁ ପଠାଇଲେ ।

ଅଣତୁଠରେ ବବୁଲ ନଦୀକୁ ଗଡ଼ିବା ବେଳକୁ ନଈଗଡ଼ାରେ ପିଉସୀ କାହା ସହିତ କଥା ହେଉଥିଲେ । "ତୁ ପୋଡ଼ାମୁହିଁ, ଆଜି କୁଆଡ଼େ ଆସିଛୁ । ସେଦିନ ପିଲାକୁ ଗଡ଼େଇ ଦେଇ ଚାଲିଗଲା ବେଳେ ତୋ ଛାତି ଫାଟି ଗଲାନି ।"

କାନ୍ଦ କାନ୍ଦ ସ୍ୱରରେ ସ୍ତ୍ରୀ ଲୋକ ଜଣକ କହିଲେ, "ବିଶ୍ୱାସ କର ଅପା । ମୋ ଲିଭି ଯାଇଥିବା ସିନ୍ଦୂର ରାଣ; କେବଳ ତାଙ୍କୁ ସମ୍ମାନ ଦେବାକୁ ଯାଇ ଛାତିରେ ପଥର ରଖି ସେଠୁ ଚାଲିଗଲି । ତମ ଭାଇ ସର୍ତ୍ତ ରଖିଥିଲେ, ମୋ ବଂଶ ରକ୍ଷା ପାଇଁ ମୁଁ ବାହା ହେଉଛି ।" ଛୁଆ ଜନ୍ମ ହେବା ପରେ କହିଲେ, "ତୋ କାମ ସରିଲା । ତୁ ଚାଲି ଯା ।"

କାନ୍ଧରେ ପାଣି ମାଠିଆ ଧରି, ବବୁଲ ନଈଗଡ଼ାକୁ ଚାହିଁବା ବେଳକୁ ସେ ସ୍ତ୍ରୀ ଲୋକ ଜଣକ ଫେରି ଯାଉଥିଲେ । ବବୁଲ ବାପାଙ୍କ ଶବ ନିକଟକୁ ଯେତିକି ଯେତିକି ଆସୁଥିଲା, ସ୍ତ୍ରୀ ଲୋକ ଜଣକ ସେତିକି ସେତିକି ଦୂରେଇ ଯାଉଥିଲେ ।


ମୁଖାଗ୍ନି ଦେଇ ବବୁଲ ଆକାଶକୁ ଚାହିଁ ଭାବୁଥିଲା, ମୋ ଛେଉଣ୍ଡ ପାଇଁ କିଏ ଦାୟୀ? ଜୁଇରେ ଜଳୁଥିବା ବାପା; ନା, ପଛ କରିଦେଇଥିବା ମା' । ■

କ୍ରିଦାଶପୁର, ନୟାଗଡ଼
ମୋ: ୭୩୭୭୭୧୦୦୯୭

## ପୁସ୍ତକ ପରିଚୟ

### ଏକଶହ ଭାରାକ୍ରାନ୍ତ ଜହ୍ନରାତି

**ରବିପ୍ରିୟ ଦାଶ**





ରବିପ୍ରିୟ ଦାଶ
ନରଣଗଡ଼, ଖୋର୍ଦ୍ଧା
ପିନ୍: ୭୫୨୦୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

'ଅଧାବାଟରେ/ ଜହ୍ନରାତିର ଗାଲିଚାକୁ/ ଅକ୍ତିଆର କରିନେଇଥିଲେ/ ଦଳେ କଳାମଚମଚ/ ବାଦଲ,/ ଦିଶୁ ନ ଥିଲା ରାସ୍ତାଘାଟ କି/ ଆକାଶରେ/ ଛାଇ ଅନ୍ଧକାରର/ ଲୁଚକାଳି ଖେଳ ।"(ଭାରାକ୍ରାନ୍ତ ଜହ୍ନରାତି-୬୮) ସତରେ ଜହ୍ନର ଆକର୍ଷଣ ନିଆରା । ମତୁଆଲା କରିଦିଏ ଜହ୍ନରାତି । କବିର କଲମ ମୁନରେ ଜହ୍ନରାତି ହୋଇଉଠେ ଆହୁରି ମନୋରମ । ଉଦାସ ମନକୁ ବି ସରସ କରିଦିଏ ଏହାର ଆଲୋକ । ଜହ୍ନରାତିକୁ ନେଇ କବି ରବିପ୍ରିୟ ଦାଶଙ୍କ ରଚିତ ୧୦୦ଟି କବିତାକୁ ନେଇ ପ୍ରକାଶ ପାଇଛି 'ଏକଶହ ଭାରାକ୍ରାନ୍ତ ଜହ୍ନରାତି' ପୁସ୍ତକ । ଏହି ପୁସ୍ତକର ପ୍ରତିଟି କବିତାରେ ଜହ୍ନରାତିର ନିବିଡ଼ ଅନୁଭବ ଓ ଅଭୁଲା ସ୍ମୃତି ପ୍ରସ୍ଫୁଟିତ ହୋଇଉଠିଛି । ଜୀବନକୁ ଭଲ ପାଉଥିବା, ମଣିଷକୁ ଭଲ ପାଉଥିବା କବିଙ୍କ କବିତାରେ ହିଁ ଜହ୍ନରାତି ଏତେ ଜୀବନ୍ତ ଓ ମାର୍ମିକ ହୋଇପାରେ । ଏଠାରେ ଜହ୍ନରାତିକୁ କବି ପ୍ରତୀକାତ୍ମକ ଭାବେ ନେଇଛନ୍ତି । ସମୟର ଅଙ୍କାବଙ୍କା ରେଖା ଭିତରେ କବି ମଣିଷ ଜୀବନର ବାସ୍ତବତା ଚିତ୍ର ପ୍ରଦାନ କରିଛନ୍ତି । ଜହ୍ନ କେତେବେଳେ ପ୍ରେମ ସାଗର ତ କେତେବେଳେ କୂଳ ଲଂଘୁଥିବା ନଈ । ପୁଣି କେବେ ମନେ ହୁଏ ପ୍ରେମ ବିନା ଭାରାକ୍ରାନ୍ତ ଥିବା ରୂପସୀର ମନ । ଜୀବନର ଗଭୀର ଉପଲବ୍ଧି, ସାମାଜିକ ବାସ୍ତବତା, ନିବିଡ଼ ଅନୁଭୂତିର ପ୍ରତୀକାତ୍ମକ ପରିପ୍ରକାଶ ହେଉଛି 'ଭାରାକ୍ରାନ୍ତ ଜହ୍ନରାତି'ର କବିତାଗୁଡ଼ିକ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଖଣ୍ଡଗିରି-ଉଦୟଗିରି ଗୁମ୍ଫା ପରିଚୟ

**ଇନ୍ଦ୍ରମଣି ଜେନା**




ଇନ୍ଦ୍ରମଣି ଜେନା
ଢୁମୁଢୁମା, ଖଣ୍ଡଗିରି, ଭୁବନେଶ୍ୱର
ପିନ୍: ୭୫୧୦୩୦
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଭୁବନେଶ୍ୱରର ଖଣ୍ଡଗିରି-ଉଦୟଗିରି ଦୁଇଟି ଐତିହାସିକ ପାହାଡ଼ । ଏହି ପାହାଡ଼ ଉପରେ ରହିଛି ବହୁ ପ୍ରାଚୀନ ଗୁମ୍ଫା । ଏହି ଗୁମ୍ଫାଗୁଡ଼ିକକୁ ନେଇ ପ୍ରକାଶ ପାଇଛି ଇନ୍ଦ୍ରମଣି ଜେନାଙ୍କ 'ଖଣ୍ଡଗିରି-ଉଦୟଗିରି: ଗୁମ୍ଫା ପରିଚୟ' ପୁସ୍ତକ । ଏହି ପୁସ୍ତକରେ ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ଥିବା ଐତିହାସିକ ଗୁମ୍ଫାଗୁଡ଼ିକ ସଂପର୍କରେ ସମ୍ୟକ ଆଲୋଚନା କରାଯାଇଛି । ଉଦୟଗିରି ପାହାଡ଼ରେ ଥିବା ଜୟାବିଜୟା ଗୁମ୍ଫା, ଅଳକାପୁରୀ ଗୁମ୍ଫା, ରାଣୀ ଗୁମ୍ଫା, ଗଣେଶ ଗୁମ୍ଫା, ଜମ୍ବେଶ୍ୱର ଗୁମ୍ଫା, ବାଘ ଗୁମ୍ଫା, ସାପ ଗୁମ୍ଫା, ହାତୀ ଗୁମ୍ଫା, ଜଗନ୍ନାଥ ଗୁମ୍ଫା, ମଞ୍ଚପୁରୀ ଗୁମ୍ଫା, ପାତାଳପୁରୀ ଗୁମ୍ଫା, ପଣସ ଗୁମ୍ଫା, ଠାକୁରାଣୀ ଗୁମ୍ଫା, ଧନଘର ଗୁମ୍ଫା ଆଦି ଗୁମ୍ଫା ଗୁଡିକର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଛି । ଗୁମ୍ଫାଗୁଡ଼ିକର ଅବସ୍ଥିତି, ନିର୍ମାଣ, ତାତ୍ପର୍ଯ୍ୟ, ଗୁମ୍ଫାରେ ଥିବା ଚିତ୍ରର ବିବରଣୀ, ପ୍ରାଚୀନତା ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ସେହିପରି ଖଣ୍ଡିଗିରି ପାହାଡ଼ରେ ତାତୁଆ ଗୁମ୍ଫା, ଅନନ୍ତ ଗୁମ୍ଫା, ଖଣ୍ଡଗିରି ଗୁମ୍ଫା, ଧ୍ୟାନ ଗୁମ୍ଫା, ନବମୁନି ଗୁମ୍ଫା, ତ୍ରିଶୂଳ ଗୁମ୍ଫା, ଅମ୍ବିକା ଗୁମ୍ଫା ଆଦି ବହୁ ପ୍ରାଚୀନ ଓ ଐତିହାସିକ ଗୁମ୍ଫା ଅବସ୍ଥିତ । ଏହି ସବୁ ଗୁମ୍ଫାଗୁଡ଼ିକରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ଶିଳାଲିପିର ଆଭାସ ମିଳିଥାଏ । ପର୍ଯ୍ୟଟକମାନଙ୍କ ଅବଗତ ପାଇଁ ଗୁମ୍ଫାଗୁଡ଼ିକର ଚିତ୍ର ପ୍ରଦାନ ସହିତ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଏହି ପୁସ୍ତକ ରଚିତ । ଖଣ୍ଡଗିରି-ଉଦୟଗିରିର ଗୁମ୍ଫାଗୁଡ଼ିକ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

## ମହାକାବ୍ୟ



**ବିପିନ୍ ନାୟକ**

ଅଥୟତାର ମୁହଁରେ
ଅନ୍ନର ଉଲ୍ଲାସରେ
ଲମ୍ବି ଆସୁଥିବା
ହାତର ହୃଦୟରେ
ଭଙ୍ଗା ଭଙ୍ଗା
ପକ୍ଷୀର ଡେଣାରେ କେବେକେବେ
କଅଁଳି ଆସେ ମହାକାବ୍ୟ,

ଟିକେ ମରଣ
ଟିକେ ଦହନ
ଗୋଟେ ବ୍ୟାଧ
ଟିକେ ବିଷାଦ ହିଁ ଯଥେଷ୍ଟ ତାକୁ ଲେଖିବା ପାଇଁ,
ସେଠି ସବୁ ମୁହୂର୍ତ୍ତ ମନ୍ୱନ୍ତର
ସବୁ ମୌନତା ମଧୁର
ସବୁ କୋଳାହଳ କାକୁସ୍ଥ ଆଉ ସବୁ ନୀରବତା ମୁଖର । ■



ନିର୍ବିକଳ୍ପ
ବାଞ୍ଛାନିଧି ନଗର, ବ୍ରହ୍ମପୁର-୧୦
ମୋ: ୯୩୪୮୪୭୯୭୨୭

## ପ୍ରାଣପକ୍ଷୀ



**ପିନାକୀ ମିଶ୍ର**

ବନ୍ଧନରେ ପଡ଼ିଛୁ
ଫୁଲ, ନେତ, ନୀଳନଭ, ନଈଧାର
ଏମାନେ ଶୁଣନ୍ତି ତୋ ବାଇଗଣୀ ରତୁର ଗୀତ ।

ପ୍ରେମରେ ପଡ଼ିଛୁ
କ୍ଷତର ରକ୍ତରେ ବିଗଳିତ
କୁଟୁମ୍ବ କଳିରେ ଆହତ
ସମ୍ବେଦନ ପାଉନଥିବା ଖୁଣ୍ଟବନ୍ଧା ଛେଳି ପାଖରେ
ତୋ ହାତ ରିକ୍ତ, ତୁ ଅନୁତପ୍ତ ।

ଯତନରେ ସଜଉଛୁ ଘର
ରଜା ବି ତପସ୍ୱୀ ହେବାର ନଜିର୍ ଅଛିରେ,
ଆଗତ ଝଡ଼କୁ - ଯଥେଷ୍ଟ ତୋ ଛାତି
ମେଘ ଆଷେଇ ପଡ଼ିଲେ – ବଢ଼େ ତୋ ତାତି
ପିଲାପିଲିଙ୍କ ପାଇଁ - ତୋ ତାଳଗଛ ଦମ୍ଭ,
କାଠ ପରି ଜଳୁଥା, ତବତ ଫୁଟୁଥାଉ ।

କେତେ କୁଆଡ଼େ ଧାଇଁଛୁ
ବୋହିଆଣିଛୁ ଡେଣାଗୋଡ଼ ଛାଟି

ଭେଦିଛୁ କାଳିଅନ୍ଧାର
ସହିଛୁ କଟୁ କୁଟିଳ ତିରସ୍କାର
ଦୁନିଆଁ ଦର୍ପଣରେ ନିଜ ସ୍ଥିତି ପରଖୁଛୁ ।

ତୋ' ଆଲୁଅରେ ପାପ
ତୋ' ଛାଇରେ ପୁଣ୍ୟ
ତୋ' ମେଲାଆଖିରେ କେତେ ଆକର୍ଷଣ,
ତୋ' ନିବୁଜ ମନରେ ଭବିଷ୍ୟତର ଶୂନ୍ୟଘର ପାଇଁ
ନୀରବ ଆୟୋଜନ,
ଭାବୁଛୁ କି ? ଘଟ ଛାଡ଼ିଲେ କୁଆଡ଼େ ଯିବୁ ?

ନିଜ ଠିକଣା ଜାଣିନଥିବା ପ୍ରାଣପକ୍ଷୀ
ଉଡୁଉଡୁ ମଝି ଆକାଶରେ ଯାଉଛି ଅଟକି ? ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର-୧
ମୋ: ୯୪୩୮୧୧୮୩୯୭

## 'ବିଦଗ୍ଧ ଚିନ୍ତାମଣି'ରେ ବାତ୍ସଲ୍ୟ ରସ




**ଡକ୍ଟର ଅଭିମନ୍ୟୁ ବରାଳ**

ମଧ୍ୟଯୁଗ ବା ରୀତି ଯୁଗୀୟ ଓଡ଼ିଆ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କ ପୁଞ୍ଜର ଅଭ୍ୟୁଦୟ ଘଟିଥିଲା, ସେହି ଜ୍ୟୋତିଷ୍କମାନଙ୍କ ମଧ୍ୟରୁ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର ହେଉଛନ୍ତି ଅନ୍ୟତମ । ତତ୍ ପ୍ରଣୀତ କାବ୍ୟ-କବିତା ରାଜି ଉତ୍କଳ ସାହିତ୍ୟ ନନ୍ଦନ ବନରେ ଏକ ମନୋରମ ପାରିଜାତ ପୁଷ୍ପ । ସେହି ଦେବ ଭୋଗ୍ୟ ପୁଷ୍ପର ଅପୂର୍ବ ତଥା ପବିତ୍ର ସୌରଭରେ ଉତ୍କଳ ସାହିତ୍ୟ ବାଣୀ ଭଣ୍ଡାର ଅତ୍ୟନ୍ତ ସୁଗନ୍ଧିତ ଏବଂ ଅତ୍ୟନ୍ତ ସମୃଦ୍ଧ । ସେହି ପ୍ରଥିତଯଶା ମହାକବି 'ବିଦଗ୍ଧ ଚିନ୍ତାମଣି', 'ବାଘଗୀତି', 'ଗୋବରା ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ', 'ପ୍ରେମକଳା', 'ରସବତୀ', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଭଳି ଅନେକ କାବ୍ୟ ରଚନା କରିଥିଲେ । ସେଥିମଧ୍ୟରୁ ତାଙ୍କର ଅନବଦ୍ୟ ସୃଷ୍ଟି ହେଉଛି 'ବିଦଗ୍ଧ ଚିନ୍ତାମଣି' । ଏହି କାବ୍ୟରେ ଅଳଙ୍କାର ଶାସ୍ତ୍ର ବର୍ଣ୍ଣିତ ସମସ୍ତ ରସ ପରିପୂର୍ଣ୍ଣ ହୋଇ ରହିଛି ।

ବିଦଗ୍ଧ କବି ଅଭିମନ୍ୟୁ ୧୭୬୦ଖ୍ରୀ.ଅ.ରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଆ ଗ୍ରାମରେ ପ୍ରସିଦ୍ଧ ଜମିଦାର ଇନ୍ଦ୍ରଜିତ ସାମନ୍ତସିଂହାର ଓ ତୁଳସୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ମାତା ତୁଳସୀ ଦେବୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା, ଭକ୍ତିମତି, ଆଉ ପତିବ୍ରତା ନାରୀ । କବିଙ୍କ ସୁଯୋଗ୍ୟ ପିତା ଇନ୍ଦ୍ରଜିତ ସମାନ୍ତସିଂହାର ଥିଲେ ଏକାଧାରାରେ ଅସୀମ ପରାକ୍ରମଶାଳୀ ଯୋଦ୍ଧା, ରସିକ, ବିବେକୀ ଆଉ ଧାର୍ମିକ । ଏକଥା ଅଭିମନ୍ୟୁ ସ୍ୱୀୟ ବାଘ ଗୀତରେ ଉଲ୍ଲେଖ କରି କହିଛନ୍ତି – "ବାଲିଆ ବୋଲି ଯେ ଏକ ନଗର । ତହିଁ ନୃପତି ସାମନ୍ତସିଂହାର । ରସିକ, ବିବେକୀ ବଡ଼ ଧାର୍ମିକ । ପ୍ରଶଂସା କରନ୍ତି ବହୁତ ଲୋକ ।"

ବାଲ୍ୟଶିକ୍ଷା ପରେ ଅଭିମନ୍ୟୁ ମାତ୍ର ଚତୁର୍ଦ୍ଦଶ ବର୍ଷ ବୟସରେ କେନ୍ଦ୍ରପଡ଼ାର ପ୍ରସିଦ୍ଧ ଜମିଦାର ରାଧାଶ୍ୟାମ ନରେନ୍ଦ୍ରଙ୍କ ପିଉସୀ ବିମଳା ଦେବୀଙ୍କୁ ବିବାହ କରିଥିଲେ । ବିମଳା ଦେବୀ ଥିଲେ, ଅତ୍ୟନ୍ତ କୃଷ୍ଣଭକ୍ତି ପରାୟଣା ତଥା ବିଦୂଷୀ ମହିଳା । ବିମଳା ଦେବୀଙ୍କ ପାଣିଗ୍ରହଣ କରି ତାଙ୍କ ସାଂସାରିକ ଜୀବନ ପରିପୂର୍ଣ୍ଣତା ଲାଭ କରିଥିଲା । ଅଭିମନ୍ୟୁ ମାତ୍ର ଊନବିଂଶ ବର୍ଷ ବୟସରେ ତାଙ୍କ ପିତୃ ବିୟୋଗ ଘଟିବାରୁ ସେ ବାଧ୍ୟ ହୋଇ ବାଲିଆ ରାଜ୍ୟର ଭାର ଗ୍ରହଣ କରିଥିଲେ । ଏତେ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ ସେ ବାଣୀ ଆରାଧନା ତଥା ସାରସ୍ୱତ ସାଧନାରୁ ବିରତ ହୋଇ ନଥିଲେ । କିଛି ଦିନ ସଂସାର କରିବା ପରେ କବିଙ୍କର ପତ୍ନୀ ବିୟୋଗ ଘଟିଥିଲା । ପତ୍ନୀ ବିୟୋଗ ପରେ ସଂସାର ବିମୁଖ ହୋଇ କବି ଅଭିମନ୍ୟୁ 'ବିଦଗ୍ଧ ଚିନ୍ତାମଣି' କାବ୍ୟ ରଚନା କରିଥିଲେ ।




ଅଳଙ୍କାର ଶାସ୍ତ୍ରରେ ନବରସ ମଧ୍ୟରେ ବାତ୍ସଲ୍ୟ ରସକୁ ଗ୍ରହଣ କରାଯାଇଛି । ବୈଷ୍ଣବ ତତ୍ତ୍ୱବିତ୍ ପଣ୍ଡିତମାନଙ୍କ ମତରେ ବାତ୍ସଲ୍ୟ ରସ ବିଭିନ୍ନ ରସ ମଧ୍ୟରେ ଅନ୍ୟତମ । ପ୍ରାଚୀନ ଆଳଙ୍କାରିକମାନେ ଏହାକୁ ସ୍ୱତନ୍ତ୍ର ଏକ ରସ ଭାବରେ ଗ୍ରହଣ କରି ନାହାଁନ୍ତି । ଏହାକୁ ଶୃଙ୍ଗାର ରସ ମଧ୍ୟରେ ଅଙ୍ଗୀଭୂତ କରି ଅଛନ୍ତି । ସେମାନଙ୍କ ମତରେ ବାତ୍ସଲ୍ୟ ରସ ହିଁ ଶୁଦ୍ଧ ଶୃଙ୍ଗାର ବା ସାତ୍ତ୍ୱିକ ଶୃଙ୍ଗାର । ଜନକ ଜନନୀଙ୍କ ହୃଦୟରେ ଉଦ୍ରେକ ବାତ୍ସଲ୍ୟ ପ୍ରେମ ଏହି ରସର ପ୍ରାଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷତଃ ଜନନୀର ସନ୍ତାନ ମମତା ହିଁ ବାତ୍ସଲ୍ୟ ରସର ମୁଖ୍ୟ ଉପଜୀବ୍ୟ । ଏହା ହିଁ ବାତ୍ସଲ୍ୟଭାବ, ବୈଷ୍ଣବ କବିମାନଙ୍କ ପ୍ରଣୀତ ସାହିତ୍ୟରେ ଶ୍ରୀକୃଷ୍ଣଙ୍କ ପ୍ରତି ଜନନୀ ଯଶୋଦା ମାତାଙ୍କର ଗଭୀର ମମତା ବାତ୍ସଲ୍ୟ ରସ ଭାବରେ ପ୍ରକାଶିତ । ଯେତେବେଳେ ଶ୍ରୀକୃଷ୍ଣ ସଖାମାନଙ୍କ ସହିତ ଗୋ ଚାରଣ ପାଇଁ ବନକୁ ଚାଲିଯାନ୍ତି , ଫେରୁ ଫେରୁ ସନ୍ଧ୍ୟା ହୋଇଯାଏ । ସେତେବେଳେ ମାତା ଯଶୋଦାଙ୍କ ପ୍ରାଣରେ ଗଭୀର ଦୁଃଖ ଜାତ ହୁଏ । ସେହି ପୁତ୍ର ବିରହ ବେଦନା ହିଁ ବାତ୍ସଲ୍ୟ ମମତାର ଅପୂର୍ବ ପରିପ୍ରକାଶ । ଶ୍ରୀକୃଷ୍ଣଙ୍କ ଅଦର୍ଶନରେ ପୁତ୍ର ବିରହ ବିଧୂରା ଯଶୋଦା କ୍ଷତମୃଗୀ ଭଳି ଦାଣ୍ଡକୁ ବାରୀ ବୁଲି ବୁଲି ପୁତ୍ରର ଅପେକ୍ଷା କରିଥାନ୍ତି । କବିଙ୍କ ଭାଷାରେ:-

"ନିଧନ ସଙ୍ଖାଳି ମୋର ଦରିଦ୍ର ପସରା,/ଅନ୍ଧ ଲଉଡ଼ି ବାବୁରେ ହୃଦ ରତ୍ନହାର । ମୋ କଳାମାଣିକରେ ।"

ପୁନଶ୍ଚ-

"ବୃଦ୍ଧ କାଳେ ତୁ ମୋହର ଏକଇ ନନ୍ଦନ,/ହୃଦତାପ ବିନାଶନେ ତୁ ହରିଚନ୍ଦନ । ମୋ କଳାମାଣିକରେ ।"

ଶ୍ରୀକୃଷ୍ଣ ଭୁଲିଯାଇ କଠଉ ଛତା ଛାଡ଼ି ଯାଇଛନ୍ତି । ଯଶୋଦାଙ୍କ ଦୃଷ୍ଟି ପଡ଼ିଯାଇଛି । କହିଛନ୍ତି ମାତା:-

"ନେଲୁ ନାହିଁ କାହିଁ ପାଇଁରେ ତୋ କଠଉ ଛତା,/ ବନେ କଣ୍ଟା ଲାଗି ହୁଏ ମୃଦୁପାଦ ଚିନ୍ତା । ମୋ କଳା ମାଣିକରେ ।"

'ବିଦଗ୍ଧ ଚିନ୍ତାମଣି'ର ୬୭ ଛାନ୍ଦରେ ବାତ୍ସଲ୍ୟ ମମତାର ପ୍ରାବଲ୍ୟ ସୁସ୍ପଷ୍ଟ । ଏହି ଛାନ୍ଦରୁ ପୁତ୍ର ସ୍ନେହ ବତ୍ସଳା ଜନନୀ ହୃଦୟର ଶାଶ୍ୱତ ଭାବ ପ୍ରକାଶିତ ହୋଇଥାଏ ।

ଶ୍ରୀକୃଷ୍ଣଙ୍କ ପ୍ରତି ମାତା ଯଶୋଦାଙ୍କର କେତେ ସ୍ନେହ କେତେ ମମତା ତାଙ୍କର ସ୍ୱନକ୍ଷତ୍ର ପାଳନ ଉତ୍ସବରେ ମାତା ଯଶୋଦା କେତେ ସୁମିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଇଛନ୍ତି । ପ୍ରଭାତରୁ ଶୀଘ୍ର ସ୍ନାନ ଶେଷ କରି ସଖାମାନଙ୍କ ସହିତ ଭୋଜନ କରିବାକୁ ମାତା ଶ୍ରୀକୃଷ୍ଣଙ୍କୁ କହିଲେ । ଏହି ସମୟରେ ଶ୍ରୀକୃଷ୍ଣ ପହଞ୍ଚିବା ପରେ ଯଶୋଦା ତାଙ୍କ ମୁଖ ଚୁମ୍ବନ କରି କହିଛନ୍ତି-

"ପ୍ରବେଶ ଏ ସମୟ ସଙ୍ଗେ ସଖା ନିଚୟେ ମୁଖଚୁମ୍ବି ଜନନୀ ଭାଷେ ।/ ଆରେ ଦୁଃଖ ପାଶୋରା ମୋର ସୁଖ ପଶରା ଦେହ କେଡ଼େ ଦୁର୍ବଳ ଦିଶେରେ ।/ ଗୋ କୁଳେତ । ତୋ ବିନା ସାର ନାହିଁ ଆଉ ।/ ଗୋ କୁଳେତ । ଶରଧା କରି ରଖି ଯାଉ ।/ ଅନ୍ଧ ଲଉଡ଼ି ମୋର, ଦୁଃଖ ସଙ୍ଖାଳିବର ନଖାଇ କିଆ ବୁଲୁ ଥାଉରେ ।" (ବିଦଗ୍ଧ ଚିନ୍ତାମଣି: ୬୩/୧୬

ବୃନ୍ଦାବନରେ ରାସମଣ୍ଡଳରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ମଧୁର ମିଳନ ଘଟିଛି । ତତ୍‌ପରେ ଶ୍ରୀକୃଷ୍ଣ ଗୃହକୁ ଆସି, ଶୟନ କରିଛନ୍ତି ଏବଂ ଶଯ୍ୟା ତ୍ୟାଗ କରୁ କରୁ ବିଳମ୍ବ ହୋଇଯାଇଛି । ଯଶୋଦା ସ୍ନେହରେ ଉଠାଇଛନ୍ତି-

"ଡାକନ୍ତିରେ ଘନଶ୍ୟାମ, ରଙ୍କୁଣୀ ରତନ ଆନନ୍ଦ ଧାମରେ ।/ କଳା କାହ୍ନୁ । ଉଠ ଉଠ ଭାଙ୍ଗି ଶ୍ରମରେ ।/ ଦେଖିଦେ ଶ୍ରୀମୁଖ ଚାନ୍ଦ । ନୟନ-ଚକୋର ହେବ ଆନନ୍ଦରେ ।/ କଳାକାହ୍ନୁ । ଶେଷ ମୋ ହୃଦ କୁମୁଦରେ ।" (ବିଦଗ୍ଧ ଚିନ୍ତାମଣି: ୮୮/୧୫-୧୬)

'ବିଦଗ୍ଧ ଚିନ୍ତାମଣି'ର ଛନ୍ଦେ ଛନ୍ଦେ ବିଭିନ୍ନ ଛାନ୍ଦରୁ ମାତା ଯଶୋଦାଙ୍କ ହୃଦୟର ବିମଳ ବାତ୍ସଲ୍ୟ ରସ ବା ବାତ୍ସଲ୍ୟ ମମତାର ଅବାରିତ ପ୍ରବାହ ଦେଖିବାକୁ ମିଳିଥାଏ । ଏହି ରସ ମଧ୍ୟରେ ସ୍ନେହ ସ୍ଥାୟୀ ଭାବ ରୂପେ ବିଦ୍ୟମାନ । ଏହା ମଧ୍ୟ ବାତ୍ସଲ୍ୟ ଶୃଙ୍ଗାରର ଭାବ ବହନ କରି ଅନାବିଳ ଦ୍ୟୁତି ପ୍ରକାଶ କରିଅଛି ଏବଂ ଚିତ୍ତକୁ ଅଲୌକିକ ଆନନ୍ଦ ପ୍ରଦାନ କରିଛି । ବାତ୍ସଲ୍ୟ ରସର ଚମତ୍କାର ରୂପାୟନରେ ବିଦଗ୍ଧ କବି ଅଭିମନ୍ୟୁ ରୀତି ଯୁଗୀୟ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଅଟନ୍ତି । ■

ବକ୍ଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

## ଦଇତାପତି-ଶ୍ରୀମନ୍ଦିର ପ୍ରଶାସନ ବୈଠକ

# ଶୃଙ୍ଖଳିତ ପହଣ୍ଡିକୁ ଗୁରୁତ୍ୱ

**ରଥ ଉପରକୁ ମୋବାଇଲ୍ ଫୋନ୍ ମନା**

**ଅଣସେବକ ଚଢ଼ିଲେ ରୁଜୁ ହେବ ଫୌଜଦାରୀ ମାମଲା**

**ଏଥର ଗୋଟିଏ ଦିନରେ ନେତ୍ରୋତ୍ସବ ଓ ନବ ଯୌବନ ଦର୍ଶନ**

ପୁରୀ, ୧୪।୬(ସମିସ): ଆସୁଛି ରଥଯାତ୍ରା। ପରେ ପରେ ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ରହିଛି। ତେଣୁ ଏହିସବୁ ପର୍ବପର୍ବାଣୀ ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେନେଇ ଶନିବାର ଦଇତାପତି ସେବକଙ୍କ ସହିତ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଦଇତାପତି ନିଯୋଗ ସଭାପତି, ସମ୍ପାଦକଙ୍କ ସହ ବାଡ଼ଗ୍ରାହୀ ଓ ଯୁବ ଦଇତାପତି ଯୋଗ ଦେଇଥିଲେ। ଚଳିତବର୍ଷ ଗୋଟିଏ ଦିନରେ ନବଯୌବନ ଓ ନେତ୍ରୋତ୍ସବ ଥିବାରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଗତବର୍ଷ ଆଡ଼ପ ପହଣ୍ଡି ବେଳେ ବଡ଼ଠାକୁର ବଳଭଦ୍ର ପଡ଼ିଯାଇଥିଲେ। ଏବର୍ଷ ଯେପରି ପହଣ୍ଡି ସମୟରେ କୌଣସି ପ୍ରକାର ଅଘଟଣ ନ ଘଟିବ, ତା' ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଭଳି ଅଘଟଣକୁ ଏଡ଼ାଇବା ପାଇଁ ସମ୍ପୃକ୍ତ ସେବକଙ୍କୁ ନେଇ ଗଠିତ ହୋଇଛି ପହଣ୍ଡି ଟିମ୍। ତିନିଜଣିଆ କମିଟିର ପରାମର୍ଶ ଅନୁଯାୟୀ ହେବ ପହଣ୍ଡି କାର୍ଯ୍ୟ। ରଥ ଉପରେ ଓ ପହଣ୍ଡି ସମୟରେ ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ ହେବ। ନୀତି ଶୃଙ୍ଖଳା ଓ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତି ସେବକମାନେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।



ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶୃଙ୍ଖଳିତ ପହଣ୍ଡି ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଗତବର୍ଷ ପହଣ୍ଡି ଅଘଟଣର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ତିନିଜଣିଆ କମିଟିର ଯେଉଁ ପରାମର୍ଶ ଆସିଛି ତାକୁ ମାନିବା ପାଇଁ କୁହାଯାଇଛି। ପହଣ୍ଡିରେ ପ୍ରାଧିକୃତ ସେବକ ହିଁ ରହିବେ। ରଥ ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯିବ, ଯେଉଁମାନେ ତଦାରଖ କରିବେ। ସେହିପରି କୌଣସି ସେବକ ରଥ ଉପରେ ମୋବାଇଲ୍ ଫୋନ୍ ବ୍ୟବହାର କରିପାରିବେ ନାହିଁ। ସହାୟକମାନେ କେବଳ ଆବଶ୍ୟକ ସମୟରେ ହିଁ ରଥ ଉପରକୁ ଯିବେ। ଅନ୍ୟ ସମୟରେ ଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥ ଉପରକୁ ଛଦ୍ମବେଶୀ ଚଢ଼ିଲେ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ହେବ। ସ୍ନାନପୂର୍ଣ୍ଣିମାରେ ଭକ୍ତମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁବା ଘଟଣାର ତଦନ୍ତ ଚାଲିଛି। ଭିଡିଓ ଫୁଟେଜ୍‌ର ଯାଞ୍ଚ ପରେ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା ପାଇଁ ଉତ୍ତର ଦ୍ୱାର ଦେଇ ରାମ୍ପ ନିର୍ମାଣ ଶେଷ ହୋଇଛି। ନୀଳାଦ୍ରିବିଜେ ପରେ ସମ୍ପୃକ୍ତ ସେବାୟତଙ୍କ ସହ ଏ ବିଷୟରେ ଆଲୋଚନା କରାଯିବ। ଯେପରି କୌଣସି ପରମ୍ପରା ବିରୋଧୀ କାର୍ଯ୍ୟ ନ ହେବ ତାକୁ ବିଚାର କରି ଏହି ବ୍ୟବସ୍ଥା ଆରମ୍ଭ ହେବ ବୋଲି ଡ. ପାଢ଼ୀ କହିଛନ୍ତି।

ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଆମ ନିଯୋଗ ତରଫରୁ ପହଣ୍ଡିରେ ନିୟୋଜିତ ସେବକଙ୍କ ତାଲିକା କରିସାରିଛୁ। ବରିଷ୍ଠ ଓ ଯୁବକମାନେ କିଏ କେଉଁ ଦଳରେ ରହିବେ ଖସଡ଼ା ପ୍ରସ୍ତୁତ କରିଛୁ। ମୋବାଇଲ୍ ପ୍ରବେଶ କଟକଣା ସହ ଅଣସେବାୟତ କିପରି ନ ଚଢ଼ିବେ ତାକୁ ଗୁରୁତ୍ୱ ଦେବୁ। ଯୁବ ଦଇତାପତି ଅମିତ ଦାସମହାପାତ୍ର କହିଛନ୍ତି, ୧୫୦ ଜଣ ପହଣ୍ଡିରେ ସାମିଲ୍ ହେବେ। ଗୋଟିପହଣ୍ଡି ଥିବାରୁ ଦଇତାପତି ସେବକଙ୍କୁ ଚାରି ଦଳରେ ବିଭକ୍ତ କରାଯାଇଛି। ପହଣ୍ଡିବେଳେ ଅତିରିକ୍ତ ସୁରକ୍ଷାବଳୟ ସହ ଶୃଙ୍ଖଳିତ ପହଣ୍ଡିକୁ ଗୁରୁତ୍ୱ ଦିଆଯିବ।

# ଏଟିଏମ୍ ଆଗରେ କଟିଲା ରଜ

**ଲକ୍ଷେ ଟଙ୍କା ଜମା କରି ଜଗି ରହିଲେ**

ବ୍ରହ୍ମପୁର, ୧୪।୬(ସମିସ): ଛୁଟି ଦିନରେ କେହି କାହାକୁ ସହଯୋଗର ହାତ ବଢାଇବା କ୍ୱଚିତ ଦେଖିବାକୁ ମିଳେ। ସମସ୍ତେ ଛୁଟି କାଟିବାରେ ବ୍ୟସ୍ତ। ଏପରିକି ଛୁଟି ଦିନରେ ମହାପୁରୁଷଙ୍କ ଜୟନ୍ତୀ ଅଥବା ଶ୍ରାଦ୍ଧଦିବସ ପାଳନ କରିବାରେ ମଧ୍ୟ ଆମେ ପଛଘୁଞ୍ଚା ଦେଉଥିବା ନଜିର ରହିଛି। ଏଭଳି ପରିସ୍ଥିତିରେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜର ଗ୍ରାହକଙ୍କୁ ସହଯୋଗର ହାତ ନବଢ଼ାଇବା କିଛି ନୂଆ କଥା ମଧ୍ୟ ନୁହେଁ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବ୍ରହ୍ମପୁର ସହରରେ। ସହରର ଏକ ଏଟିଏମ୍ କେନ୍ଦ୍ରରେ ଜଣେ ବ୍ୟକ୍ତି ଦୀର୍ଘ ସମୟ ଧରି ଅଟକି ରହିଥିଲେ। କାରଣ ପଚାରିବାରେ ସେ ଯେଉଁ ଉତ୍ତର ଦେଇଥିଲେ ତାକୁ ଶୁଣି ଚକିତ ହୋଇଯାଇଥିଲେ ଆମ ପ୍ରତିନିଧି। ସ୍ଥାନୀୟ ଏକ ବ୍ୟାଙ୍କର 'ଏଟିଏମ' କେନ୍ଦ୍ରରେ ଜଣେ ବ୍ୟକ୍ତି ନିଜ କମ୍ପାନୀର ନଗଦ ୧ଲକ୍ଷ ଟଙ୍କାକୁ କାର୍ଡଲେସ୍ ଭାବେ ମେସିନରେ ଜମା କରିଥିଲେ। କିନ୍ତୁ ତାହା ସେଥିମଧ୍ୟରେ ଅଟକି ରହିଯାଇଥିଲା। କୌଣସି ଟ୍ରାଞ୍ଜାକ୍ସନ ସମ୍ପର୍କିତ ତଥ୍ୟ ମଧ୍ୟ ମେସିନରୁ ମିଳିନଥିଲା। ବରଂ ଏଟିଏମ୍ ମେସିନ ଅଚଳ ହୋଇଯାଇଥିଲା। ଫଳରେ ସ୍ୱଳ୍ପବେତନଭୋଗୀ କର୍ମଚାରୀଜଣକ ନିଜ ମାଲିକଙ୍କୁ କି ଉତ୍ତର ଦେବେ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ଏଟିଏମ ଭିତରେ ଲାଗିଥିବା ବିଭିନ୍ନ ପୋଷ୍ଟରରେ ଲେଖା ଥିବା ଟୋଲ ଫ୍ରି ନମ୍ବର ଏପରିକି ବ୍ୟାଙ୍କର କର୍ମଚାରୀଙ୍କ ନମ୍ବରରେ ମଧ୍ୟ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ କୌଣସି ଫଳ ମିଳିନଥିଲା। ଅପରାହ୍ନ ପ୍ରାୟ ୧୨ଟା ୨୭ମିନିଟରୁ ଏଭଳି ପରିସ୍ଥିତିରେ ପଡ଼ିଥିବା ବ୍ୟକ୍ତି ଜଣକ ବାଧ ହୋଇ ଅଖିଆପିଆ ଏଟିଏମ ଭିତରେ ସନ୍ଧ୍ୟା ପର୍ଯ୍ୟନ୍ତ ଦୀର୍ଘ ୪ରୁ୫ଘଣ୍ଟା ପର୍ଯ୍ୟନ୍ତ ମେସିନକୁ ଜଗି ରହିଥିଲେ।

ତାଙ୍କରି ମନରେ ଗୋଟିଏ ଭୟ କାଳେ ସେହି ଟଙ୍କାକୁ ଆଉ କେହି ନେଇଯିବ ଓ ତାଙ୍କୁ ତାଙ୍କ ମାଲିକଙ୍କ ନିକଟରେ ଉତ୍ତରଦାୟୀ ହେବାକୁ ପଡିବ।

■ **ରଥଖଳାରୁ...**

## ଉଠିଲା ତୃତୀୟ ଭୂଇଁ

ପୁରୀ, ୧୪।୬ (ସମିସ): ଆଉ ମାତ୍ର ୧୨ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଚତୁର୍ଦ୍ଧା ବିଗ୍ରହଙ୍କ ଏହି ନବଦିନାତ୍ମକ ଯାତ୍ରା ଲାଗି ପ୍ରସ୍ତୁତି ଜୋରଦାର ଚାଲିଛି। ରଥଖଳାରେ ରଥ କାମ ମଧ୍ୟ ସରି ସରି ଆସୁଛି। ମହାରଣା, ଭୋଇ, ରୂପକାର, ଚିତ୍ରକର, କମାର ସେବକ ନିଜ ନିଜ କାମରେ ଲାଗି ପଡ଼ିଛନ୍ତି। ଶନିବାର ସୁଦ୍ଧା ପ୍ରତ୍ୟେକ ରଥରେ ଦୁଇଟି ଲେଖାଏଁ ଡମକ ଉଠି କଣ୍ଟା ବାଡ଼ାଯିବା ପରେ ତୃତୀୟ ଭୂଇଁ ସଂଯୋଗ କରାଯାଇଛି। ଏହାପରେ ପୋଟଳ ଖମ୍ବା, ପୋଟଳ ପାରେଣୀ ଓ ପୋଟଳ ଓରା ଖଞ୍ଜାଯାଇଛି। ସେହିପରି ତିନି ରଥର ୨ଟି ଲେଖାଏଁ କତରା (ଆଗ ଓ ପଛ) ନିର୍ମାଣ ସରିଛି। ରଥଖଳାରେ ମୂଳ କଇଁଚି ନିର୍ମାଣ ଚାଲିଛି। ଏତଦ୍‌ବ୍ୟତୀତ ଶନିବାର ପ୍ରତ୍ୟେକ ରଥରେ ତାଗ ବାଡ଼ିଆ ମଧ୍ୟ ଆରମ୍ଭ କରାଯାଇଛି। ଚାରପରିଛା ଗୋଟିଏ ଲେଖାଏଁ କାମ ହୋଇଛି। ସେହିପରି ରୂପକାର ସେବକମାନେ ଧୂଳିଦଣ୍ଡା ନିର୍ମାଣ ଶେଷ କରି ଯୋଗାଇ ଦେଇଛନ୍ତି। ଚିତ୍ରକର ସେବକମାନେ ସଫା ହୋଇ ରହିଥିବା ତିନିରଥ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ସଖୀ, ଓଲଟ ଶୁଆ ଏବଂ ଦେବଦେବୀ ଆସ୍ଥାନ ଫ୍ରେମ୍‌ଗୁଡ଼ିକରେ ରଙ୍ଗ ଦେଉଛନ୍ତି। ପ୍ରତ୍ୟେକ ରଥର ଦଣ୍ଡା ଏବଂ ଗୁଜଗୁଡ଼ିକରେ ରଙ୍ଗ ହେବା ପୂର୍ବରୁ ଧଳା ପ୍ରାଇମର ଦେଇଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପୋଟଳ ପାଇଁ ପୋଟଳ ନଦା କଣ୍ଟା ତିଆରି କରୁଛନ୍ତି।

**ପତ୍ରା ହଜିଯାଇଛି**

ମୁଁ ଆଦମ ଖାନ, ବୟସ ୫୦ ବର୍ଷ, ପିତା-ଦିଦାର ଖାନ, ଜା-ମୁସଲମାନ,ସା-ଛିଟ ମହଲ୍ଲା, ପୋଷ୍ଟ /ଥାନା- ପୁରୁଣା ବଜାର, ଜିଲ୍ଲା- ଭଦ୍ରକ, ଖାତା ନମ୍ବର-705 / 340 ର ଅରିଜିନାଲ ପତ୍ରା ଟି ଘରୁ ପୁରୁଣା ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ସତଚେଷ୍ଟା କରିସାରିବା ପରେ ମଧ୍ୟ ଉପର ଲିଖିତ ପତ୍ରା କୁ ଖୋଜି ପାଇବାରେ ସକ୍ଷମ ହୋଇନାହିଁ । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନ ଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

ମୌଜା-ଚେଦା

ଫୋନ-9937127176 –9090224511

**BEFORE THE HON'BLE MOTOR ACCIDENT CLAIMS TRIBUNAL (SCCH-15) AT BENGALURU**

**M.V.C. No. 5199/2024**

Between: Smt. Rupa P ...Petitioner
And: Utility Transport Co and two others ...Respondents

**Notice to Respondent No.2**

**Ranjith Kumar Jha** S/o Santhosh Kumar Jha Aged about 32 years, R/at: Belapahara Village, Near ITI college, Jarasagudha Jarasagudha, Orissa-768217

Whereas, the petitioner Smt. Rupa, has filed the above petition under Section 166 of IMV Act against the respondent No.1 to 3 seeking compensation of Rs.10,00,00,000/- with cost and interest for the injuries suffered by her in Road Traffic Accident that occurred on 04/05/2023 at 09:10 PM on Doddaballapura Main Road, Near Yelahanka Traffic Police Station, Yelahanka, Bangalore-560064. You, Mr. Ranjith Kumar Jha being the driver of the offending vehicle lorry bearing number NL-01-Q-6019 arrayed as respondent No.2, is hereby summoned to appear in person or through pleader before this Hon'ble Court at **11 am on 17th July 2025** to answer the same, failing which the petition will be heard and decided ex-parte in your absence.

Given under my hand and seal of the court, this 12th day of June 2025.

By Order of the Court
Sd/- Assistant Registrar
Court of Small Causes, Bangalore

"Avadhuthara Krupa Law Associates".
No.30/1, 2nd Floor, Sundar Industrial Compound, N.T.Y Layout, Mysore Road, B'lore-26.
Ph: 9900600555

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଶାନ୍ତ ସିଂହଙ୍କୁ...

ନେଇ ତାଙ୍କ ବାପା ଅଭିଯୋଗ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସିବିଆଇ ଏହି ରିପୋର୍ଟ ଦାଖଲ କରିଛି।

ଏହି ମାମଲାରେ ଅଭିନେତାଙ୍କ ପୂର୍ବତନ ବାନ୍ଧବୀ ରିଆ ଚକ୍ରବର୍ତ୍ତୀଙ୍କୁ ୨୭ ଦିନ ପାଇଁ ଜେଲ୍‌ରେ ରହିବାକୁ ପଡ଼ିଥିଲା। ଏହି ରିପୋର୍ଟ ଆସିବା ପରେ ରିଆଙ୍କ ଓକିଲ ସତୀଶ ମାନସିନ୍ଦେ କହିଛନ୍ତି ଯେ ଏହି ମାମଲାକୁ ନେଇ ମିଥ୍ୟା କାହାଣୀ ପ୍ରସ୍ତୁତ କରାଯାଇଥିଲା। ଏହା ସତ୍ତ୍ୱେ ରିଆଙ୍କ ପରିବାର ଚୁପ୍ ହୋଇ ସବୁ ସହିଥିଲା। ସୁଶାନ୍ତଙ୍କ ପିତା କେକେ ସିଂହ ଏହି ମାମଲାକୁ ନେଇ ରିଆଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଥିରେ ଆତ୍ମହତ୍ୟା ପାଇଁ ଉସୁକାଇବା, ଠକେଇ ଏବଂ ଟଙ୍କା ହେରଫେରର ଅଭିଯୋଗ କରାଯାଇଥିଲା। ସେହିପରି ରିଆ ସୁଶାନ୍ତଙ୍କ ପରିବାର ବିରୋଧରେ ମାନସିକ ଉତ୍ପୀଡନ ଅଭିଯୋଗ ଲଗାଇ ଥିଲେ। ସିବିଆଇ ଏହି ଦୁଇ ମାମଲାର ଯାଞ୍ଚ କରୁଥିଲା।

ସୁଶାନ୍ତଙ୍କ ମୃତ୍ୟୁର କିଛି ଦିନ ତଳେ ୨୦୨୦ ଜୁନ୍ ୮ ରେ ମୁମ୍ବାଇର ସାଲାଡ ସ୍ଥିତ କୋଠାର ୧୪ ମହଲାରୁ ଡେଇଁ ଦିଶା ସାଲିୟାନଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁଇ ମୃତ୍ୟୁ ମାମଲା ପରସ୍ପର ସହ ଯୋଡ଼ି ଦେଖାଯାଉଥିଲା। ଦିଶାଙ୍କ ବାପା ସତୀଶ ସାଲିଆନ ଅଭିଯୋଗ କରିଛନ୍ତି ଯେ ଗଣଦୁଷ୍କର୍ମ ପରେ ଝିଅକୁ ହତ୍ୟା କରାଯାଇଥିଲା। କିନ୍ତୁ ରାଜନୈତିକ ଚାପ ଆଗରେ ମାମଲାକୁ ଚପାଇ ଦିଆଗଲା। ପ୍ରଥମେ ମୁମ୍ବାଇ ପୁଲିସର ଯାଞ୍ଚ ଉପରେ ଦିଶାଙ୍କ ବାପା ଭରସା କରିଥିଲ। କିନ୍ତୁ ପରେ ସେ ଚାପରେ ପଡ଼ି ଏପରି କହିଥିବା ଉଲ୍ଲେଖ କରିଥିଲେ। ଗତ ମାର୍ଚ୍ଚ ୨୦ରେ ସେ ପୁଣିଥରେ ମାମଲାର ଯାଞ୍ଚ ପାଇଁ ବମ୍ବେ ହାଇକୋର୍ଟରେ ଆବେଦନ ଦାଏର କରିଥିଲେ। ଏଥିରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ମାମଲା ସିବିଆଇକୁ ପ୍ରଦାନ କରିବା ପାଇଁ ନିବେଦନ କରାଯାଇଥିଲା।

### ବର୍ଷପୂର୍ତ୍ତିରେ ମହାନଦୀ...

ବିଶେଷଜ୍ଞ। ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାକୁ ଜଷ୍ଟିସ ବେଲା ଏମ୍. ତ୍ରିବେଦୀଙ୍କୁ ୬ ମାସ ପୂରିଲାଣି; ମାତ୍ର ଏଯାବତ୍ ଜଳ ବିବାଦକୁ ନେଇ ସ୍ଥଗିତ ରହିଥିବା ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ। ଓଡ଼ିଶା ଏଥିଯୋଗୁଁ ସର୍ବାଧିକ କ୍ଷତି ସହୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏପରିସ୍ଥଳେ ମହାନଦୀର ବୈଷୟିକ ମୂଲ୍ୟାଙ୍କନ ଓ ସର୍ଭେ କେଉଁ କାମରେ ଲାଗିବ ବୋଲି ବିଶେଷଜ୍ଞ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶାର ଜୀବନରେଖା ଭାବେ ପରିଚିତ ମହାନଦୀ ଛତିଶଗଡ଼ ଓ ଓଡ଼ିଶାର ଜଳବିବାଦ ମଧ୍ୟରେ ସଙ୍କୁଚିତ ହୋଇଛି। ଛତିଶଗଡ଼ର ମନମାନୀ ଯୋଗୁଁ ଓଡ଼ିଶାକୁ ମହାନଦୀରେ ଜଳପ୍ରବାହ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏପରିକି ମୌସୁମୀରେ ମଧ୍ୟ ମହାନଦୀ ଏକପ୍ରକାର ଶୁଖିଲା ପଡ଼ିଛି। ଜଳ ବିବାଦର ସମାଧାନ ନେଇ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଓଡ଼ିଶା-ଛତିଶଗଡ଼-କେନ୍ଦ୍ରର ଟ୍ରିପଲ୍ ଇଞ୍ଜିନ୍ ସରକାର ଏହାକୁ ଗୁରୁତର ସହ ବିଚାର କରି ସମସ୍ୟାର ଆଶୁ ସମାଧାନ ପ୍ରଦାନ ନେଇ ତତ୍ପରତା ଦେଖାନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ତେବେ ଏନେଇ ପ୍ରତିକ୍ରିୟା ରଖି ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହାକ ସୁଦର୍ଶନ ଛୋଟରାୟ କହିଛନ୍ତି, ଆଗାମୀ ମୌସୁମୀକୁ ଆଖି ଆଗରେ ରଖି ସରକାର ତରବରିଆ ଭାବେ ଏହି ମୂଲ୍ୟାଙ୍କନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବୈଷୟିକ ମୂଲ୍ୟାଙ୍କନ ବହୁ ଆଗରୁ କରିବାର ଥିଲା। ରାଜ୍ୟରେ ନୂଆ ସରକାରଙ୍କୁ ବର୍ଷେ ପୂରିଲାଣି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ନିଯୁକ୍ତି ହେବାକୁ ମଧ୍ୟ ୬ ମାସ ଅତିକ୍ରାନ୍ତ ହେଲାଣି। ମାତ୍ର ମହାନଦୀ ବିବାଦ ମାମଲାରେ ନୂଆ ଅଧ୍ୟକ୍ଷ ନିଯୁକ୍ତି ପରଠାରୁ ଶୁଣାଣି ହୋଇପାରିଲା ନାହିଁ। ରାଜ୍ୟ ସରକାର ମହାନଦୀ ବିବାଦର ସ୍ଥାୟୀ ସମାଧାନ ପାଇଁ କାହିଁକି ତତ୍ପରତା ପ୍ରକାଶ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଭୟ ଛତିଶଗଡ଼ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ ଆଲୋଚନା ଦ୍ୱାରା ସମ୍ଭବ ବୋଲି କହୁଛନ୍ତି। ତା'ହେଲେ ଉଭୟଙ୍କୁ ଏଥିପାଇଁ କିଏ ରୋକିଛି? କେନ୍ଦ୍ର ସହ ଛତିଶଗଡ଼ ଏବଂ ଓଡ଼ିଶାରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ବିବାଦରେ ଯାହା କାଗଜପତ୍ର ଦାଖଲ କରିବା କଥା ତାହା ଉଭୟ ରାଜ୍ୟ କରି ସାରିଛନ୍ତି। ରାଜ୍ୟ ସରକାର ଟ୍ରିବ୍ୟୁନାଲରେ ଶୁଣାଣି ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାନ୍ତୁ। ଯାହାଫଳରେ ଟ୍ରିବ୍ୟୁନାଲରେ ତ୍ୱରିତ୍ ଶୁଣାଣି ହେଉ ବୋଲି ଶ୍ରୀ ଛୋଟରାୟ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ ଗତ ଶୁକ୍ରବାର ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ଭୁବନେଶ୍ୱରଠାରେ ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ନଦୀ ଗୁଡ଼ିକର ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ ଓ ସେଗୁଡ଼ିକର ସୁରକ୍ଷା ପାଇଁ ଏଥିରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ରାଜ୍ୟର ନଦୀ ସଂକ୍ରାନ୍ତରେ ଏକ ଶ୍ୱେତପତ୍ର ପ୍ରକାଶ ଓ ରାଜ୍ୟ ପାଇଁ ଏକ ନଦୀ ନୀତି ପ୍ରଣୟନ ପାଇଁ ସମ୍ମିଳନୀ ସରକାରଙ୍କଠାରେ ଦୃଢ଼ ଦାବି କରିଛି।

### ରାଜସ୍ଥାନର ମହେଶ...

ଉତ୍କର୍ଷ ଆୱାଦିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ମହାରାଷ୍ଟ୍ରର ତ୍ରିସଙ୍ଗ ଯୋଶୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ସ୍ନେହାଶିଷ ଦାଶ ୯୯.୯୯ ପର୍ସେଣ୍ଟାଇଲ୍ ସ୍କୋର ରଖି ଓଡ଼ିଶାରୁ ପ୍ରଥମ ହୋଇଥିବା ବେଳେ ଦେଶର ୬୦ ର୍‍ୟାଙ୍କରେ ରହିଛନ୍ତି। ଚଳିତବର୍ଷ ଓଡ଼ିଆ ଭାଷାରେ ୮୧୨ ଜଣ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିଲେ। ଓଡ଼ିଶାରୁ ୬୧ ହଜାର ୧୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିଲା ବେଳେ ୫୯ ହଜାର ୨୩୮ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧ ହଜାର ୬୭୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗତବର୍ଷ ତୁଳନାରେ ଏଥର ଓଡ଼ିଶାର ପିଲାମାନଙ୍କ ପ୍ରଦର୍ଶନ ହ୍ରାସ ପାଇଛି। ୨୦୨୪ରେ ୬୪ ହଜାର ୩୨୫ ଜଣ ପରୀକ୍ଷା ଦେଇଥିବାବେଳେ ୩୨ ହଜାର ୫୫୭ ଜଣ ପାସ କରିଥିଲେ।

### ଚର୍ମ କର୍କଟ ରୋକିବ...

ପାରିବ ବୋଲି ଗବେଷଣାରୁ ଜଣାପଡ଼ିଛି। ଚିଲିକା ହ୍ରଦର ଜୈବବିବିଧତା ଏହି ସାମୁଦ୍ରିକ ଶୈବାଳର ବୃଦ୍ଧି ପାଇଁ ପ୍ରକୃଷ୍ଟ ପରିବେଶ। ମଧୁର ଏବଂ ଲୁଣିଆ ପାଣିର ମିଶ୍ରଣ ଏବଂ ପୁଷ୍ଟିସାରର ପ୍ରଚୁରତା ହିଁ ଏହାର ସ୍ୱତନ୍ତ୍ରତା। ଏଠାରେ ଏପର୍ଯ୍ୟନ୍ତ ୧୪ ପ୍ରଜାତିର ମାକ୍ରୋ ଶୈବାଳ ଚିହ୍ନଟ କରାଯାଇଛି। ଏ ସମ୍ପର୍କରେ ବୈଜ୍ଞାନିକ ତଥା ଗବେଷକ କହିଛନ୍ତି, ଏହା ସନ୍‌ସ୍କ୍ରିନ୍‌ର ବିକଳ୍ପ ଭାବେ ଆମେ ବ୍ୟବହାର କରିପାରିବା। ଏହାକୁ ଆମ ତ୍ୱଚାରେ ବ୍ୟବହାର କଲେ, ଅତି ବାଇଗଣୀ ରଶ୍ମି ତ୍ୱଚା ଭିତରକୁ ପ୍ରବେଶ କରିପାରିବ ନାହିଁ। ଏହା ଦୀର୍ଘ ବର୍ଷର ଗବେଷଣା ପରେ ଆବିଷ୍କାର ହୋଇଛି ବୋଲି ସେ କହିଛନ୍ତି।

### ଛେଳିଚୋରକୁ ପିଟିପିଟି...

ପପୁ ପାତ୍ର (୨୪) ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ଦେବର୍ଷିଙ୍କ ଏକ ଛେଳିକୁ ଗତ ଗୁରୁବାର ବିପିନ ଚୋରି କରିନେଇଥିଲା। ଏହା ଜାଣିବା ପରେ ଦେବର୍ଷି, ବୀଣାପାଣି ଓ ପପୁ ଗତ ରାତି ପ୍ରାୟ ୯ଟାରେ ବିପିନକୁ ଗାଁ ମୁଣ୍ଡରେ ଏକୁଟିଆ ପାଇ ମାଡ଼ି ବସିଥିଲେ। ସେଠାରେ ତାଙ୍କୁ ଏକ ଗଛରେ ବାନ୍ଧି ନିସ୍ଠୁକ ପିଟିଥିଲେ। ଏଥିରେ ପଦ୍ମିନୀ ମଧ୍ୟ ସାମିଲ ହୋଇଥିଲେ। ତେବେ ଏଥିରେ ବିପିନଙ୍କ ମୃତ୍ୟୁ ହୋଇଯିବାରୁ ସେମାନେ ଶବକୁ ଶଙ୍ଖୁଆ ଗୋରାଣ୍ଡିଯୋଡ଼ି ରାସ୍ତାର ହାଇସ୍କୁଲ ନିକଟ ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଆଜି ସକାଳୁ କିଛି ଗ୍ରାମବାସୀ ମୃତଦେହ ଦେଖି ପୁଲିସ୍‌କୁ ସୂଚନା ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତ ବିପିନଙ୍କ ପତ୍ନୀ ତିଲୋତ୍ତମାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ମାନସ ମହାକୁଡ଼ ସୂଚନା ଦେଇଛନ୍ତି।

### ଭୋଜିଭାତ ଉପରେ...

ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ଡାଇରିଆର ପ୍ରକୃତ ଉତ୍ସ ଓ କାରଣ ଜଣାପଡ଼ିନାହିଁ।

ଅନ୍ୟପକ୍ଷରେ ପ୍ରତିଦିନ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଜିଲ୍ଲାରେ ପହଞ୍ଚି ସମୀକ୍ଷା ବୈଠକ କରିବା ସହ ଆକ୍ରାନ୍ତଙ୍କୁ ଭେଟୁଛନ୍ତି। ଏହି କ୍ରମରେ ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. ଓ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ। ଏହି ଅବସରରେ ଝାଡ଼ାବାନ୍ତି ତଥା ଡାଇରିଆରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ।

ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. କହିଲେ ଯେତେ ବି ଝାଡ଼ାବାନ୍ତି ସଂକ୍ରମିତ ହେଉଛନ୍ତି, ସବୁର ତାଲିକା କରାଯିବ। ପରବର୍ତ୍ତୀ ସମୟରେ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ତାଙ୍କର ଓ ତାଙ୍କ ପରିବାରର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବେ। ଆର୍‌ବିଏସ୍‌କେ ମୋବାଇଲ ହେଲଥ୍ ଟିମ୍ ପ୍ରତ୍ୟେକ ଦିନ ଗାଁ ପରିଦର୍ଶନ କରିବେ। ଯେଉଁ ଗ୍ରାମରେ ଅଧିକ ରୋଗୀ ଚିହ୍ନଟ ହେବେ, ସେଇ ଗ୍ରାମକୁ ଆଗ ପରିଦର୍ଶନ କରାଯିବ ଏବଂ ଆଉଟ୍‌ରିଚ୍ ଗ୍ରାମଗୁଡ଼ିକୁ ମଧ୍ୟ ଭିଜିଟ୍ କରାଯିବ। ପାଣି ପାଉଚ୍ ଓ ବୋତଲ ମ୍ୟାନୁଫ୍ୟାକ୍‌ଚର ଉପରେ ତଦାରଖ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ କରାଯିବ। ଏହି ବୈଠକରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରତି ସଂକ୍ରମଣ ରୋକିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ଏଏନ୍‌ଏମ୍‌ମାନେ ଘରକୁ ଘର ଯାଇ ଜନସାଧାରଣଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ।

### ସ୍ଥିତି ଯାଞ୍ଚ କରିବ...

ପାଣି ପାଇଁ ଅନେକ ଲୋକ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଡାଇରିଆ ମାମଲା କମୁଛି, ଆସନ୍ତା ୨୪ଘଣ୍ଟାରେ ଏହା ଆହୁରି ହ୍ରାସ ପାଇବ। ଆଗୁଆ ମୌସୁମୀ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଡାଇରିଆ ସଂକ୍ରମଣ ଦେଖିବାକୁ ମିଳୁଛି। ଏଥିପାଇଁ ଜଳ ଉତ୍ସ ଯାଞ୍ଚ କରାଯାଉଛି। ଲୋକମାନେ ବିଶୁଦ୍ଧ ପାଣି ପିଇବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଉଥିବା ସେ କହିଛନ୍ତି।

ସୂଚନାଥାଉ କି, ଯାଜପୁର, ଭଦ୍ରକ, କେନ୍ଦୁଝର ପରେ କଟକ ଜିଲ୍ଲାରେ ଏବେ ଡାଇରିଆ ସ୍ଥିତି ଦେଖାଯାଇଛି। ପ୍ରାୟ ୭୦୦ ଲୋକ ଡାଇରିଆ ସଂସ୍ପର୍ଶରେ ଆସିଛନ୍ତି। କିନ୍ତୁ ଯାଜପୁର ଜିଲ୍ଲାରେ ଡାଇରିଆ ସହିତ ହଇଜା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସଂଗ୍ରହ କରାଯାଇଥିବା ମଳ ନମୁନାରୁ ୧୧ଟି ହଇଜା ପଜିଟିଭ୍ ଚିହ୍ନଟ ହୋଇଛି। ୧୦ ଦିନ ଭିତରେ ସ୍ଥାନୀୟ ଅଞ୍ଚଳରେ ବିଶୋଧନ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ମସିହାରେ ରାୟଗଡ଼ା ଜିଲ୍ଲା କାଶୀପୁରରେ ଭିବ୍ରିଓ କଲେରା ଜୀବାଣୁ ପାଇଁ ଶତାଧିକ ଆକ୍ରାନ୍ତ ହୋଇଥିବାବେଳେ ୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ପ୍ରଜାତି ଦ୍ୱାରା ଏବେ ଯାଜପୁରରେ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିଛି।

**NOTICE**

By virtue of an affidavit sworn before Executive Magistrate, BARIPADA, dated 12/06/2025 I LEELABATI SAHA D/o- Bholanath Bhagat, At – Babusahi, Ward No – 05, Po - Baripada P.S- Baripada Dist – Mayurbhanj Pin – 757001 declare that I have changed my name from **LILABATI SAHA** to **LEELABATI SAHA**. Henceforth, I shall be known as **LEELABATI SAHA** for all purposes.
Sd/- LEELABATI SAHA

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**

I, Rishabh Roshan Malik, aged about 26 years, S/o.: Shyam Sundar Malik, Resident of D-182, Phase-1, Nalco Nagar, Bhubaneswar, Dist.: Khurda declare by this affidavit No.: 36600, dtd. 13.06.2025 that now onwards I shall be known as **Rishabh Roshan Mallik** for all future purposes.

**AFFIDAVIT**

By virtue of an affidavit sworn before Notary Public, Sri Prasanna Kumar Bisoi of Aska, Affidavit No. 3296, dated: 11.06.2025. I, Bebarta Siva Satyam, Address- At/Po- Kalasandhpur, Aska, Sorada Road Ganjam- 761111, Odisha declare that I have changed my name from **B.Siva Satyam** to **Bebarta Siva Satyam**. Henceforth, I shall be known as **Bebarta Siva Satyam** for all Purposes.
Sd/- Bebarta Siva Satyam

**AFFIDAVIT**

I, Kavya, S/o.: Rajul Upadhyay, Resident of At Flat No.: 303, Block-B, Panchawati Appt., Main Road, PO./P.S.: Barbil, Dist.: Keonjhar, Odisha, declare by this affidavit No.: 158 dtd 13.06.2025 that now onwards I shall be known as KAVYA UPADHYAY for all future purposes.

**AFFIDAVIT**

By virtue of an affidavit No. 49, dtd. 12.06.2025 in the Court of the Executive Magistrate, Nandapur, Dist- Koraput, I, Madhab Krisani have changed my minor son's name from **Dambau Kirsani** to **Dambrudhar Kirsani.** Heanceforth he will be known as **Dambrudhar Kirsani** for all Purposes.
Sd/- Madhab Kirsani

**AFFIDAVIT**

By virtue of an affidavit sworn before Notary Public, Padampur, 12.06.2025, I, Pooja Patel, Address At- Dhumabhata, Po-Lakhamara, Dist-Bargarh, Pin-768036, Odisha declare that I have changed my name from **Pooja** to **Pooja Patel.** Henceforth, I shall be known as **Pooja Patel** for all purposes.
Sd/- Pooja Patel

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, No. A/IV dated 12.06.2025, I, **Rabindra Polei**, S/o- Ramesh Polei, resident of Vill.- Kholasamantarapur, Po.- Gudiali, Ps.- Kabisuryanagar, Dist.- Ganjam, Odisha- 761104 state that, I have changed my minor daughter's name from **Prakruti Polei** to **Ayesha Polei**. Henceforth she will be known as **Ayesha Polei** for all future purposes.

**AFFIDAVIT**

I, Ranjan Patel, S/o.: Umakanta Patel, Resident of Vill: Salohi, PO.: Kesaibahal, P.S.: Mahulpali, Dist: Sambalpur, PIN-768228, Odisha, declare by this affidavit No.: 568..dtd 13.06.2025 that now onwards I shall be known as RANJAN KUMAR PATEL for all future purposes.

**NOTICE**

By virtue of an affidavit sworn before Executive Magistrate, BARIPADA, dated 12/06/2025, I RANVEER PRASAD SAHA S/o- Ranjit Prasad Saha, At – Babusahi, Ward No – 05, Po - Baripada, P.S- Baripada, Dist – Mayurbhanj, Pin – 757001 declare that I have changed my name from **RANBIR SAHA** to **RANVEER PRASAD SAHA.** Henceforth, I shall be known as **RANVEER PRASAD SAHA** for all purposes.
Sd/- RANVEER PRASAD SAHA

**AFFIDAVIT**

I, Abanti Nayak, aged about 59 years, D/o- Gopinath Swain, resident of 2RA 40/4, A.I.F Colony, Sunabeda-1, Dist- Koraput, PIN-763001, Odisha declared by this affidavit No. 501, dtd- 13/06/2025 that now onwards I shall be known as **ABANTI SWAIN** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, No.A/3 dated 10.06.2025, I, **SMT. SWAPNA BISWAL**, W/o- Ajaya Biswal resident of Vill.- E. Dengapadar, Po.- Hindala, Ps.- Kabisuryanagar, Dist.- Ganjam, Odisha- 761104, state that, my daughter's actual and correct name is **Pragati Biswal.** But in her Aadhaar Card her name has been wrongly mentioned as **Itishree Biswal**. Her name should be corrected as **Pragati Biswal**, D/o- Ajaya Biswal and Swapna Biswal.

**AFFIDAVIT**

I, Roshni, W/o.: Rajul Upadhyay, Resident of At Flat No.: 303, Block-B, Panchawati Appt., Main Road, PO./P.S.: Barbil, Dist.: Keonjhar, Odisha, declare by this affidavit No.: 159 dtd 13.06.2025 that now onwards I shall be known as ROSHNI UPADHYAY for all future purposes.

**AFFIDAVIT**

By Virtue of an affidavit before the Notary Public, Baripada, Mayurbhanj. **I, Samanta Singhar Mohanta,** S/o: Duriyodhan Mohanta, Branch Manager, Odisha Grameen Bank, Baripada Branch, At/ PO.: Baripada, PS.: Baripada Town, Dist.: Mayurbhanj. declare that, one Lalit Kumar Das, the Daily Deposit Agent of our Branch has been disengaged as per his request letter dt.20.03.2025 and the same has been granted by the Head Office, Odisha Grameen Bank vide letter No.: P&T/01/ 2025-26 dt. 02.06.2025. That, as such the depositors are hereby requested not to deposit any amount through him and his security deposit will be released within 30 days of his disengagement.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2609 dated 31.03.2025, I, **SANADHAR KHADA**, S/o- Late Rabi Khada of Vill.- Alangapada, Po.- Jalahanjar, Dist.- Koraput, Odisha declare that, I have changed my name from **SANADHAR KHADA** to **SUNADHAR KHADA.** Henceforth I shall be known as **SUNADHAR KHADA** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Nabarangpur, No.4122/ 25 dated 13.06.2025, I, **SANTILATA GANTAYAT**, D/o- Gouranga Gantayat resident of Vill.- Kenduguda, Po.- Kotpad, Dist.- Koraput declare that, I have changed my name from **SANTI PATTNAYAK** to **SANTILATA GANTAYAT**. Henceforth I shall be known as **SANTILATA GANTAYAT** for all purposes.

**AFFIDAVIT**

By virtue of an affidavit no. 360/9.6.25 I, **Suchismita Nanda** W/o- Amitav Nanda R/o- Sonepur, Gokarneswarpara, Po/Ps- Sonepur, Odisha, 767017 do hereby declared That I Shall be known as **Suchismita Padhi** instead of **Suchismita Nanda** in all Purposes.
Sd/- Suchismita Padhi

**AFFIDAVIT**

By virtue of an affidavit sworn before Executive Magistrate, Panposh, Rourkela dated 30.05.2025, I, Mohammad Anwar Ansari, Address-At- Anand Bhawan Lane, Azad Mohalla, PO-Rourkela (Head Office), PS-Plantsite, Dist.- Sundargarh, Odisha, Pin- 769001, declare that I have changed my daughter's name from **Neha Parween** to **Nargis Anwar.** Henceforth, she shall be known as **Nargis Anwar** for all purposes.
Sd/- MOHAMMAD ANWAR ANSARI

## ନିର୍ମାଣ ସରୁନି ମିନି ଷ୍ଟାଡିୟମ

# ଅନ୍ଧାରରେ କ୍ରୀଡ଼ାବିତ୍‌ଙ୍କ ଭବିଷ୍ୟତ

ଭଦ୍ରକ,୧୪ା୬(ସମିସ):



■ ଖତ ହେଲାଣି କ୍ରୀଡ଼ା ସରଞ୍ଜାମ
■ ମୁଖ୍ୟ ଫାଟକ ଜଙ୍ଗଲରେ ପରିଣତ

ତିହିଡ଼ି ବାଳିକା ହାଇସ୍କୁଲର ଖେଳପଡ଼ିଆରେ ହୋଇଥିବା ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଛି। ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହି ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ନଥିବା ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ପୂର୍ବ ସରକାର ମିନି ଷ୍ଟାଡିଅମ ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରିଥିଲେ। ତେବେ ଏହି ଷ୍ଟାଡିୟମର ସମୂହ ଭାଗ ପାଚେରି, ଗ୍ୟାଲେରୀ, ଫାଟକ ବ୍ୟତୀତ ଅନ୍ୟ କିଛି କାମ ହୋଇନି। ଅଧିକ ଅର୍ଥର ଆବଶ୍ୟକ ପଡୁଛି। ଦୀର୍ଘ ବର୍ଷ ହେବ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଅପୂର୍ଣ୍ଣାଙ୍ଗ ଅବସ୍ଥାରେ ପଡ଼ି ରହିଥିଲେ ହେଁ ଏଥିପତି କାହାରି ନିଘା ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଲୁହା ଫାଟକରେ କଳଙ୍କି ଲାଗି ଗଲାଣି। ବିଭିନ୍ନ ଲତା ଜଙ୍ଗଲ ସୃଷ୍ଟି ହେଲାଣି। ତିହିଡ଼ିରେ ଏକ ଖେଳପଡ଼ିଆ ନଥିବା କାରଣରୁ ଏହି ମିନି ଷ୍ଟାଡିଅମ ନିର୍ମାଣ ପ୍ରସ୍ତାବ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ବ୍ଲକ୍ ଓ ଜିଲ୍ଲାସ୍ତରୀୟ ବିଭିନ୍ନ କ୍ରୀଡ଼ା ଏଠାରେ ଅନୁଷ୍ଠିତ ହେବ ବୋଲି ଆଶା କରାଯାଇଥିଲା। ତେବେ ଷ୍ଟାଡିୟମ୍ କାର୍ଯ୍ୟକ୍ଷମ ନ ହେବା ଫଳରେ ଅସନ୍ତୋଷ ଦେଖା ଦେଲାଣି। ମନରେଗା ପାଣ୍ଠି ମିଳୁନି କି ବିଧାୟକ ମଧ୍ୟ ପାଣ୍ଠି ଦେଇନାହାନ୍ତି। ଏମିତି ବହୁତ କଥା ଶୁଣିବାକୁ ମିଳୁଛି। ମୋଟାମୋଟି ଭାବେ ଅର୍ଥଦାନ ଜନିତ ସମସ୍ୟା ଷ୍ଟାଡିୟମ ନିର୍ମାଣରେ ବାଧକ ସାଜିଛି। ସେହିପରି ପାଇକ ଯୋଜନାରେ ଆସିଥିବା ବିଭିନ୍ନ କ୍ରୀଡ଼ା ସରଞ୍ଜାମ ସରକାରୀ ବାଳିକା ହାଇସ୍କୁଲ୍‌ରେ ପଡ଼ିରହି ଖତ ହେବାକୁ ବସିଲାଣି। ଯେବେ ଠୁ ତିହିଡ଼ି ବ୍ଲକ୍ ବିଭାଜିତ ହୋଇ ୩ ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ ହୋଇଛି। ସେହି ଦିନରୁ ଏକା ନିଜର ଗୁରୁତ୍ୱ ହରାଇ ବସିଛି। ଯାହା ଫଳରେ ଷ୍ଟାଡିୟମ ନୁହେଁ, ବରଂ ବିଭିନ୍ନ ଉନ୍ନୟନ କାମ ପ୍ରତି ନିର୍ବାଚିତ ଜନ ପ୍ରତିନିଧୀ ପ୍ରଶାସନିକ ଅଧୀକାରୀ କେହି ନଜର ଦେଉନଥିବା ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ମିନିଷ୍ଟାଡିୟମ କାର୍ଯ୍ୟ ସମ୍ପୂନ କରିବାକୁ ଅଞ୍ଚଳର କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି।

## କୁମାରୀ ଖେଳୁଛି ରଜ ଦୋଳି

ବାରିକପୁର,୧୪ା୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଜି ଠାରୁ ବସୁମତୀ ସ୍ନାନ ଯାଏଁ ତିନି ଦିନ ଧରି କୃଷିଭିତ୍ତିକ ଗଣ ପର୍ବ ରଜ ଉତ୍ସବ ଶୁଭାରମ୍ଭ ହୋଇଛି। ପହିଲି ରଜ ଠାରୁ ଧରିତ୍ରୀ ମାତା ରଜସ୍ୱଳା ହୋଇଥିବା ବେଳେ ଏହି ଉପଲକ୍ଷେ ଘରେ ଘରେ ନୂଆ ନୂଆ ବସ୍ତ୍ର ଓ ପିଠାପଣାର ସମ୍ଭାର ଦେଖିବାକୁ ମିଳିଛି। ପର୍ବର ମୁଖ୍ୟ ଆକର୍ଷଣ ଗାଁ ତୋଟାରେ ପଟା ଦୋଳି ଓ ବାଗୁଡ଼ି ଖେଳ ହୋଇଥିବା ବେଳେ ଏହାର ସ୍ଥାନ ଏବେ ନେଇଛି ଏକକ ସ୍ଥାନରେ ସମବେତ ରଜ ଉତ୍ସବ ପାଳନ। ଯେଉଁଠି ଆଧୁନିକ ଖିଲି ପାନ ଦୋଳି ସହିତ ଓ ରଜ ସୁନ୍ଦରୀ ପ୍ରତିଯୋଗିତାକୁ ଲୋକେ ବେଶ ଉପଭୋଗ କରୁଛନ୍ତି। ଏହା ସତ୍ତ୍ୱେ ପଟା ଦୋଳିର ଆଦର କମିନାହିଁ। ଗାଁ ତୋଟା ଓ ବାଡି ବଗିଚା ରେ ଥିବା ବଡ଼ ବଡ଼ ବୃକ୍ଷ ମାନଙ୍କର ଦୋଳି ଲାଗିଥିବା ବେଳେ ସେଠାରେ ଛୋଟ ଛୋଟ ପିଲା ଓ କୁମାରୀ ମାନଙ୍କ ସମାଗମ ପରିଲକ୍ଷିତ ହୋଇଛି। ଗ୍ରାମ୍ୟ ବଜାର ଗାଁ ଗହଳି ଛକ ଦୋକାନ ଗୁଡ଼ିକରେ ମଧ୍ୟ ତାସ ଖେଳର ଚିତ୍ର ଦେଖିବାକୁ ମିଳିଛି। ଯଦିଓ ପୂର୍ବରୁ ଏକତ୍ରିତ ରଜ ଉତ୍ସବ ପାଳନ ଅନେକ ସ୍ଥାନରେ ଅନୁଷ୍ଠିତ ହେଉଥିବା ବେଳେ ତାହା ଏବେ ହାତ ଗଣତି କେତୋଟି ଗାଁରେ ହେଉଛି। ବ୍ଲକ ଅଞ୍ଚଳର ବିଷ୍ଣୁପୁର ଠାରୁ ଆରମ୍ଭ କରି ବାରିକପୁର, ନେରଡା,ମାଳଦା, ଷୋଳମପୁର, ନପଙ୍ଗ, ନିର୍ଗୁଣ୍ଡି, ଜଳମଣ୍ଡୁଆ, ଆଖୁଆପଦା, ଝୁଟଣା, ରହଣିଆ, କୁଲଣା, ରାଜେନ୍ଦ୍ରପୁର, ରାଢୋ, ବାଲିପୋଖରୀ, ମଣିନାଥପୁର, ଫଞ୍ଜୁରୀ ରୋଡ, ଜଗନ୍ନାଥପ୍ରସାଦ, କୋରିଗାଁ, ସରସଦା, ରହଣିଆ, ରଣଜିତ, ପାଟୁଳି ଦକ୍ଷିଣବାଡ ପ୍ରମୁଖ ସ୍ଥାନରେ ରଜ ପର୍ବ ପାଳିତ ହେଉଛି।



## ବେତାଳି ଗାଁରେ ରଜ ମହୋତ୍ସବ ଉଦ୍‌ଘାଟିତ



ଅସୁରାଳି,୧୪ା୬(ସମିସ): ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ବେତାଳିଗାଁ ସ୍ଥିତ ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ସେବା ସଙ୍ଗଠନ ଆନୁକୂଲ୍ୟରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ସଭାପତିତ୍ୱ କରିଥିଲେ ସୁଶାନ୍ତ ନାୟକ, ସଂଯୋଜନା କରିଥିଲେ ଦୀପ୍ତିରଞ୍ଜନ ନାୟକ। ସଭାରେ ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଅନୁଷ୍ଠାନ ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସ, ମୁଖ୍ୟ ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, ଉପ ସଭାପତି ଆଲୋକ ରାଉତ, କୋଷାଧ୍ୟକ୍ଷ ରତ୍ନାକର ଜେନା, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଶିକ୍ଷକନେତା ପ୍ରଭାକର ପରିଡା, ସରପଞ୍ଚ ଅଜୟ ମଲ୍ଲିକ, ଓ ଅବସରପ୍ରାପ୍ତ ସେନା ଅଧିକାରୀ କାଶୀ ନାଥ ମହାନ୍ତି, ଅଶୋକ ଦାସ, ଶିକ୍ଷାବିତ ତ୍ରିଲୋଚନ ଦାସ, ଶିକ୍ଷାବିତ୍ କ୍ଷୀରୋଦ ବଳ, ସାମାଜିକ କର୍ମୀ ସୁଶାନ୍ତ ନାୟକ, ଅକ୍ଷୟ ନାୟକ, ସ୍ମୃତି ରଞ୍ଜନ ସାହୁ, ରତ୍ନାକର ଜେନା, କୃଷ୍ଣ ସାହୁ,ଅନୁକମ୍ପା ମହିଳା ସଙ୍ଗଠନ ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଡ, କୋଷାଧ୍ୟକ୍ଷା ରଞ୍ଜିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀର୍ଦ୍ଧରେ 'ରଜ ସୁନ୍ଦରୀ' ପ୍ରତିଯୋଗିତା ପ୍ରତିଯୋଗିତା ମଧ୍ୟ ଆୟୋଜିତ କରା ଯାଇ ଥିଲା। ଏହି ରଜ ମହୋତ୍ସବ ପରିପ୍ରେକ୍ଷୀରେ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭିନ୍ନ ଭିନ୍ନ ପ୍ରତିଯୋଗିତା ତଥା ମୁରୁଜ, ଝୋଟି, ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ଆଦି ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ରମେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆରା ରଜ ଉତ୍ସବ ପାଳିତ



ଭଣ୍ଡାରିପୋଖରୀ/ବାରିକପୁର,୧୪ା୬(ସମିସ):ଭଣ୍ଡାରିପୋଖରୀ ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ନେୟୀ ଶୋଚ ପକ୍ଷରୁ ସରସଦା ପଞ୍ଚାୟତ କୁବେରା ଗଡିଆ ଆଦିବାସୀ ସାହି ଠାରେ ଏକ ନିଆରା ଢଙ୍ଗରେ ରଜ ଉତ୍ସବ ପାଳିତ ହୋଇଯାଇଛି। ବସ୍ତିରେ ଆବାଳ ବୃଦ୍ଧ ବନିତାଙ୍କ ପାଇଁ ଓଡ଼ିଆ ପ୍ରଥା, ପରମ୍ପରା ଅନୁଯାୟୀ ରଜର ବିଭିନ୍ନ ପିଠା, ପାନ, ମିଠା, ପଣସ, ଆମ୍ବ, ସହ ଖାଦ୍ୟର ବ୍ୟବସ୍ଥା ହୋଇଥିଲା। ଏଥିରେ ସଂଗଠନ ପକ୍ଷରୁ ସଂଯୋଜକ ରାଜ ଅଭିଷେକ ଜେନା, ପ୍ରକାଶ ନାୟକ, ସଞ୍ଜୟ ସାହୁ, ସତ୍ୟବ୍ରତ ଦାସ, ଅନୀଲ କର, ସମ୍ବିତ ରାଉତ, ସୌମ୍ୟରଞ୍ଜନ ନାୟକ, ଆଶିଷ ପଣ୍ଡା, ଜ୍ୟୋତିରଞ୍ଜି ନାୟକ ପ୍ରମୁଖ ଯୋଗଦେଇ ରଜ ଉତ୍ସବ ଗାଥା ଗରିମା ସମ୍ପର୍କରେ ସୂଚନା ଦେଇଥିଲେ। ଏହା ଛଡ଼ା ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇ ସଙ୍ଗଠନର ଏତାଦୃଶ କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ରାହୁଲ କୁମାର ସେଠୀ ପରିଚାଳନା କରିଥିଲେ।

## ମଧୁବାବୁଙ୍କ ଜନ୍ମପୀଠରେ ଛାତ୍ରଛାତ୍ରୀ ରଜ ପାଳିଲେ

ତିହିଡି,୧୪ା୬(ସମିସ): ତିହିଡ଼ି ବ୍ଲକର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ନାରାୟଣସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ ଆନୁକୂଲ୍ୟରେ କଟକ ସତ୍ୟଭାମାପୁର ସ୍ଥିତ ମଧୁସୂଦନଙ୍କ ଜନ୍ମ ପୀଠରେ ପରିଷଦର ଛାତ୍ରଛାତ୍ରୀଙ୍କ ଦ୍ୱାରା ପହିଲି ରଜ ପାଳନ କରାଯାଇଛି। ଛାତ୍ରଛାତ୍ରୀ ଉତ୍କଳର ଅମୃତ ସନ୍ତାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଗୋପାଳପ୍ରସାଦ ମହାପାତ୍ର, ଅଧ୍ୟାପିକା ସଂଯୁକ୍ତା ଭାରତୀ, ଗବେଷଣା ପରିଷଦର ସଭାପତି ବିଭୂତି ଭୂଷଣ ସେନାପତି ପ୍ରଭୃତି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରାବନ୍ଧିକ ବିଭୂତିଭୂଷଣ ସେନାପତିଙ୍କ ରଚିତ ସରଳ ସଂସ୍କୃତ ବ୍ୟାକରଣ ଶିକ୍ଷା 'ବିଘ୍ନରାଜ' ଲୋକାର୍ପିତ ହୋଇଥିଲା। ପ୍ରଜ୍ଞାପାରମିତା ଦାସ, ଗାୟତ୍ରୀ ନାୟକ, ସାଇକ୍ରୀଷ୍ଣା ବାରିକ, ସାଇପ୍ରକାଶ ନାୟକ, ରୀତିରେଖା ମହାଳିକ, ଅଶୋକକୁମାର ସାହୁ, ପ୍ରିୟାଂଶୁ କୁମାର ସାହୁ, ସ୍ୱାଗତିକା ବେହେରା, ସୁଲଗ୍ନା ଦାଶ, ମାମାଲି ଓଝା, ବାପୁନୁ ଓଝା, ନିଲେଶ ସାହୁ ଏବଂ ରୂପ୍ସା ସାହୁ ପ୍ରଭୃତି ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କାରକୁ ପିଟିଲା ଟ୍ରକ୍, ଯାତ୍ରୀ ସୁରକ୍ଷିତ

ବାରିକପୁର,୧୪ା୬(ସମିସ):ଭଣ୍ଡାରିପୋଖରୀ ଥାନା ୧୬ନଂ ଜାତୀୟ ରାଜପଥ କହରାପୋଖରୀ ନିକଟରେ ଏକ କାରକୁ ଗୋଟିଏ ଟ୍ରକ ଧକ୍କା ଦେଇଛି। ଏଥିରେ କାହାର କୌଣସି କ୍ଷତି ହୋଇନଥିବା ବେଳେ କାରର ଅଳ୍ପ କିଛି ଅଂଶ ନଷ୍ଟ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଭଦ୍ରକରୁ ଏକ ବାଦାମ ବୋଝେଇ ଟ୍ରକ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କାରଟି ଏହାକୁ ଅତିକ୍ରମ କରୁଥିବାରୁ ଦୁର୍ଘଟଣା ଘଟିଥିବା କୁହାଯାଇଛି। ସେହିଭଳି ପାଳଦା ଚକବନ୍ଦୀ କାର୍ଯ୍ୟାଳୟ ନିକଟରେ ମଧ୍ୟ ଏକ ବାଇକ ଓ ଟ୍ରକ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବାଇକ ଚାଳକର କୌଣସି କ୍ଷତି ହୋଇନଥିବା ଜଣାପଡିଛି।

## ସେବା ସମବାୟ ସମିତି ସଭାପତିଙ୍କ ବିୟୋଗ

ବନ୍ତ/ଆଗରପଡ଼ା,୧୪ା୬(ସମିସ): ରାମକୃଷ୍ଣପୁର ସେବା ସମବାୟ ସମିତି ସଭାପତି ଭକ୍ତିପଦ ସାମଲଙ୍କ ୩୮ ବର୍ଷ ବୟସରେ ହୃଦ୍‌ଘାତ ଯୋଗୁଁ ବିୟୋଗ ଘଟିଛି। ଗତ କିଛି ଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ଓ ଭୁବନେଶ୍ୱରସ୍ଥିତ ଘରୋଇ ମେଡିକାଲରେ ଚିକିତ୍ସା କରାଯାଇଥିଲା। ମାତ୍ର ଅବସ୍ଥା ଗମ୍ଭିର ଥିବାରୁ କୋଲକତାସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା।



ସେଠାରେ ତାଙ୍କର ବିୟୋଗ ଘଟିଥିଲା। ଜିଲ୍ଲା ଏଆର୍ ପ୍ରଦୀପ ସେଠୀ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ରଞ୍ଜନ ସାହୁ, ବସନ୍ତ ବେହେରା, ସରପଞ୍ଚ ହିରେନ୍ଦ୍ର ଖିଲାର, ଗିରିଧାରୀ ସାହୁ, ଆଇନଜୀବୀ ଶତ୍ରୁଘ୍ନ ଖିଲାର, ବିଷ୍ଣୁମୋହନ ମୁଦୁଲି, ମହେଶ୍ୱର ସେଠୀ, ଗୋକୁଳାନନ୍ଦ ଖିଲାର,ମହେନ୍ଦ୍ର ସାହୁ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ବିୟୋଗ ବେଳକୁ ପତ୍ନୀ, ୮ ବର୍ଷର ଝିଅ, ୨ ମାସର ପୁଅ ସମେତ ଅନ୍ୟାନ୍ୟ ଜ୍ଞାତି କୁଟୁମ୍ବ ମାନେ ଉପସ୍ଥିତ ଥିଲେ। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

● ରକ୍ତଦାତା ଦିବସରେ ୩୮ ୯ ୟୁନିଟ୍ ସଂଗୃହୀତ

## ଏନ୍‌ସିସି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଓ ଶପଥ ପାଠ

ଭଦ୍ରକ,୧୪ା୬(ସମିସ): ବିଶ୍ୱ ରକ୍ତଦାତା ଦିବସ ଅବସରରେ ଭଦ୍ରକ ନୂତନ ମୁଖ୍ୟ ଚିକିତ୍ସାଳୟ ପରିସରରେ ଏନ୍‌ସିସି ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ସମର ଶିକ୍ଷାର୍ଥୀ ବାହିନୀର ଯୁବ ସ୍ୱେଚ୍ଛାସେବୀମାନେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ଖୁବ ପ୍ରଶଂସନୀୟ ବୋଲି ଏହି ଶିବିରକୁ ଉଦଘାଟନ କରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏନ୍‌ସିସି ପିଲା ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠିତ ଏହି ଶିବିରରେ ରକ୍ତଦାନ ମହତ ଦାନ, ରକ୍ତ ଅଭାବରୁ କେହି ଯେଉଁଭଳି ମୃତ୍ୟୁବରଣ ନ କରିବେ ସେଥିପ୍ରତି ସମସ୍ତେ ନିଜେ ସଚେତନ ହେବା ସହିତ ନିଜ ଜ୍ଞାତିକୁଟୁମ୍ବ ତଥା ସମ୍ପର୍କୀୟଙ୍କୁ ସଚେତନ କରି ଅଧିକରୁ ଅଧିକ ରକ୍ତଦାନ କରିବାକୁ ପରାମର୍ଶ ଦେବାକୁ ସମସ୍ତେ ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀର ରଞ୍ଜନ ନାୟକ, ପ୍ରାକ୍ତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଅତିରିକ୍ତ ଜିଲ୍ଲାପାଳ ସରୋଜକାନ୍ତ ଦତ୍ତ, ଏନ୍‌ସିସି ଡାଇରେକ୍ଟର ସତ୍ୟବ୍ରତ ସ୍ୱାଇଁ, କର୍ଣ୍ଣେଲ ରଘୁବଂଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବାଲେଶ୍ୱର, ଢେଙ୍କାନାଳ, ମୟୂରଭଞ୍ଜ, ଯାଜପୁର, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜର ଏନ୍‌ସିସି ପିଲାମାନେ ଓ ରକ୍ତଦାତା ମାନେ ଏହି ବିଶ୍ୱ ରକ୍ତଦାନ ଦିବସରେ ନିଜର ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ରୋଟାରିଆନ୍ ଅତିସ ବେହେରା ସଂଚାଳନ କରିବାରେ ସହାୟତା କରିଥିଲେ। ଶେଷରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ଧନ୍ୟବାଦ କରିଛନ୍ତି।



## ଲେଖିକା ସଂସଦର ରଜ ମହୋତ୍ସବ



ଭଦ୍ରକ,୧୪ା୬(ସମିସ): ଭଦ୍ରକ ଲେଖିକା ସଂସଦର ରଜ ମହୋତ୍ସବ ଓ ରଜ ମଉଜ ଉପଲକ୍ଷେ ବନ୍ଧୁ ମିଳନ ତଥା କବିତା ପାଠୋତ୍ସବ ଲେଖିକା ସଂସଦର ସଭାପତି ଝରଣା ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି। ଏଥି ସହିତ ବାଲେଶ୍ୱରରୁ ପ୍ରକାଶିତ ମମତା ମହାପାତ୍ରଙ୍କ ଦ୍ୱାରା ସଂପାଦିତ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକା ମଧ୍ୟ ଲୋକାର୍ପିତ ହୋଇଛି। ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ଏଇ ସଭାରେ ବିଭିନ୍ନ ଜିଲ୍ଲାରୁ ବହୁ ବିଶିଷ୍ଟ କବି ଓ ଲେଖିକା ଯୋଗ ଦେଇଥିଲେ। ଡ. ପ୍ରଭାତ ନଳିନୀ ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଂସଦର ସଂପାଦିକା ଡ. ସୋମା ଚାନ୍ଦ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଡ. ମମତା ସାହୁ ଅତିଥି ପରିଚୟ ଦେବା ସହ ସଭା ପରିଚାଳନା ଓ ସଂଯୋଜନା କରିଥିଲେ। ଏଥିରେ ବିଜୟିନୀ ସିଂହଦେଓ, ବିଦ୍ୟୁତଲତା ଦାସ, ଭାଷା ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷା ତମସାରାଣୀ ଦାସ ମହାପାତ୍ର, ଲେଖିକା ଓ ସଂପାଦିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ଯୁଗଶ୍ରୀ ଯୁଗନାରୀର ସଂପାଦିକା ମମତା ମହାପାତ୍ର, ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସଂପାଦିକା ସୈରିନ୍ଧ୍ରୀ ସାହୁ, ଅନୁବାଦିକା ତଥା କୁଞ୍ଜବିହାରୀ କଲେଜ ବାରଙ୍ଗର ଅଧକ୍ଷା ଡ. ଲିପିପୁଷ୍ପା ନାୟକ, ଡ. ରାଧାରାଣୀ ମହାପାତ୍ର ସେମାନଙ୍କର ଅଭିଭାଷଣ ସହିତ ରଜପର୍ବ ସହ ଜଡ଼ିତ ସ୍ମୃତିଚାରଣ କରିଥିଲେ। ଗୀତାରାଣୀ ଆଇଚଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଯାଜପୁର, କଟକ, ଭୁବନେଶ୍ୱର, ବାଲେଶ୍ୱର, ଭଦ୍ରକ ଓ ସୋରରୁ କବିମାନେ ଯୋଗଦେଇ କବିତା ପାଠ କରିଥିଲେ। ଏଥିରେ ମିରିନା ମହାନ୍ତି, ପ୍ରଭାବତୀ ପଣ୍ଡା, ଡ. ଜୟଶ୍ରୀ ନନ୍ଦ, ମିନତୀ କର, ଗୀତାଞ୍ଜଳି ସିଂ, ଡ. ସୁକାନ୍ତି ମହାପାତ୍ର, ଦୀପ୍ତି ସାହୁ, ସଂଯୁକ୍ତା ବଳ ଓ ଅନ୍ୟମାନେ ସାମିଲ ହୋଇଥିଲେ। କାନନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କବି ବିଜୟ କୁମାର ବଳଳୀ ଏଇ ରଜ ଆସରକୁ ସାଫଲ୍ୟ ମଣ୍ଡିତ କରାଇବାରେ ବିଶେଷ ସହଯୋଗ କରିଥିଲେ।

## ପୁରୁଷଣ୍ଡରେ ବିକାଶ ବାହନ ପରିକ୍ରମା

ବନ୍ତ/ଆଗରପଡ଼ା,୧୪ା୬(ସମିସ): କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ବର୍ଷେ ପୂର୍ତ୍ତି ଉପଲକ୍ଷେ ବିକାଶ ବାହନ ବନ୍ତ ବ୍ଲକ ଅନ୍ତର୍ଗତ ପୁରୁଷଣ୍ଡ ଓ ବିଟିପୁର ପଞ୍ଚାୟତ ପରିକ୍ରମା କରିଥିଲା। ପ୍ରାକ୍ତନ ବିଜେପି ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶଙ୍କ ତତ୍ତ୍ୱାବଧାନ ଓ ଡ.ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରପଞ୍ଚ ପ୍ରକାଶ ବିଶ୍ୱାଳ, ସମିତିସଭ୍ୟା ସୁଶୀଳା ଜେନା, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ପରମିତା ମହାନ୍ତି,ପିଇଓ ବୀରକିଶୋର ନାୟକ, ଯୁବନେତା ପ୍ରଦୀପ ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ବିଟିପୁର ପଞ୍ଚାୟତରେ ସରପଞ୍ଚ ଶୁଭଦ୍ରା ସିଂହ, ଅଶୋକ ପରିଡ଼ା, ରାଜୀବ ଲୋଚନ ରାୟ,ଚିନ୍ମୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ରାସନ କାର୍ଡ଼, ଭତ୍ତା ଓ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ଦିଆ ଯାଇଥିଲା।

## ଏକ ବର୍ଷ ପୂର୍ତ୍ତି ପାଳନ

ଧାମନଗର,୧୪ା୬(ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ମଠ ପରିସରରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଓ ସଫଳତା ଗୁଡିକ ପାଲା ମାଧ୍ୟମରେ ପରିବେଷଣ କରି ଏକ ବର୍ଷ ପୂର୍ତ୍ତି ପାଳନର ସରକାରଙ୍କ ସଫଳ ଯୋଜନା ଗୁଡିକ ବିଷୟରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ।

ଏଥିରେ ସରପଞ୍ଚ ପ୍ରିତମ୍ ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ ରାଉତରାୟ, ଜିଆରଏସ୍ ଅରୁଣ ପଲାଇ, ଉଦ୍ୟାନ କୃଷି କର୍ମଚାରୀ ମହେନ୍ଦ୍ର ଭୂୟାଁ, ଏଏନଏମ୍ ସ୍ନେହଲତା ସାହୁ, ଗ୍ରାମ୍ୟ କୃଷି ଅଧିକାରିଣୀ ହୈମାବତି ନାୟକ, କୃଷକ ସାଥୀ ଶୁଶାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟଳୟ ତରଫରୁ ରଞ୍ଜନ ମହାନ୍ତି, ପ୍ରଦୀପ ଦାସ, ଦୈତାରି ସାହୁ, ପ୍ରଦୀପ ଦାସ, ସନ୍ତୋଷ ବେହେରା, ଅଶୋକ ବାରିକ୍ ଓ ଅନ୍ୟ ମାନଙ୍କୁ ବିଭିନ୍ନ ଚାଷ ଜମିରେ ମାଟି ପରୀକ୍ଷଣ କରାଯାଇ ତାହାର ଉପଯୋଗୀ ବ୍ୟବସ୍ଥା ବିଷୟରେ ମୃତ୍ତିକା ସଂରକ୍ଷଣ କାର୍ଡ ବଟଂନ କରାଯାଇଥିଲା। ପରେ ସରକାରଙ୍କ ଏକ ବର୍ଷ ପୂର୍ତି ଉପଲକ୍ଷେ ବିକାଶ ବାହାନ ବିଭିନ୍ନ ପଞ୍ଚାୟତରେ ପାଳନ ହେବ ସୂଚନା ମିଳିଛି।

# ପ୍ରଶସ୍ତୀକରଣ ହେବ ଧାମନଗର-ଫଳପୁର ରାସ୍ତା

ଦୋବଲ,୧୪ା୬(ସମିସ):



ଧାମନଗର-ଫଳପୁର ରାସ୍ତାର ସୁଦୃଢ଼ୀକରଣ ଓ ପ୍ରଶସ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଛି। ରାସ୍ତା ନିର୍ମାଣ ଲାଗି ବିଭାଗ ପକ୍ଷରୁ ନକ୍ସା ପ୍ରସ୍ତୁତ ହୋଇସାରିଥିବା ବେଳେ ଏବେ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହେଉଛି। ଡିପିଆର୍ ତିଆରି ହୋଇଗଲା ପରେ ଟେଣ୍ଡର ପ୍ରକ୍ରିୟାକୁ ଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ରାସ୍ତା ନିର୍ମାଣର ମୂଳ ଲକ୍ଷ୍ୟ ହେଲା ବନ୍ୟା ସମୟରେ ଜାହାଙ୍ଗୀର-ଫଳପୁର ଅଞ୍ଚଳ ଧାମନଗର ସହ ଯୋଗାଯୋଗ ବିଚ୍ଛିନ୍ନ ହେବ ନାହିଁ ବୋଲି ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି। ଧାମନଗର-ଫଳପୁର ରାସ୍ତାଟି ଦୀର୍ଘ ବର୍ଷ ହେବ ବିପର୍ଯ୍ୟସ୍ତ ହୋଇ ପଡ଼ି ରହିଥିଲା। ପୂର୍ବରୁ ୨୦୦୭ରେ ଏହାକୁ ପକ୍କା ସଡ଼କ କରାଯାଇଥିଲା। ହେଲେ ପ୍ରତି ବର୍ଷ ବନ୍ୟା ଓ ଭାରୀଯାନ ଚଳାଚଳ ଯୋଗୁଁ ଏହା ନଷ୍ଟ ହୋଇ ଯାଇଥିଲା। ବନ୍ୟା ପରେ ପରେ ପାଣି ଜମି ରହିବା ସହ ବଡ଼ ଗାଡ଼ି ଚାଲିବାରୁ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହୋଇଥିଲା। ମାତ୍ର ୭ କିଲୋମିଟର ଲମ୍ବର ରାସ୍ତା ପାର୍ ହେବାକୁ ବାଇକରେ ଘଣ୍ଟାଏ ଲାଗି ଯାଉଥିଲା। ଆବଶ୍ୟକ ସମୟରେ ଦମକଳ କି ଆମ୍ବୁଲାନ୍ସ ଚଳାଚଳ କରିବା ସମ୍ଭବ ହେଉନଥିଲା। କରଦା, ପଧାନି, ଦଳାଙ୍ଗ, ଅର୍ଜୁନପୁର, ଭଟ୍ଟସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହା ଉପରେ ନିର୍ଭର କରନ୍ତି। ରାସ୍ତା ଖରାପ କାରଣରୁ ବହୁ ଲୋକ ହଇରାଣ ମଧ୍ୟ ହୁଅନ୍ତି। ପୂର୍ବରୁ ଏହି ରାସ୍ତା ୨୦୨୦ ମସିହାରେ ୧ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ କରାଯାଇଥିଲା। କିନ୍ତୁ ନିମ୍ନମାନର କାମ ଯୋଗୁଁ ବର୍ଷକ ମଧ୍ୟରେ ତାହା ନଷ୍ଟ ହୋଇଯାଇଥିଲା। ସେବେଠାରୁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ି ରହିଥିଲା। ତେବେ ପରେ ଏ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବା ପରେ ଏହାର ପ୍ରଶସ୍ତୀକରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ଏନେଇ ପ୍ରସ୍ତାବ ରଖିବା ପରେ ପ୍ରାୟ ୨୯ କୋଟି ଟଙ୍କାରେ ରାସ୍ତା ନିର୍ମାଣ କରିବା ଲାଗି ପ୍ରାଶାସନିକ ଅନୁମୋଦନ ଲୋଡ଼ିଥିଲେ। ରାସ୍ତାରେ ୪ଟି ବକ୍ସେଲ କଲଭର୍ଟ ସହ ନୂଆ କରି ନିର୍ମାଣ କରିବା ଲାଗି ଅନୁମୋଦନ ମିଳିଛି ବୋଲି ପୂର୍ତ୍ତ ବିଭାଗ ଅଧିକାରୀ କହିଛନ୍ତି।

## ସୁକିନ୍ଦା ରଜ ମହୋତ୍ସବ ଉଦ୍‌ଘାଟିତ



ସୁକିନ୍ଦା, ୧୪।୬ (ସମିସ): ଶନିବାର ସନ୍ଧ୍ୟାରେ ୧୪ତମ ସୁକିନ୍ଦା ରଜ ମହୋତ୍ସବ ରାଜା ସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ରାମଲୀଳା ଯୁବକ ସଂଘ ତତ୍ତ୍ୱାବଧାନରେ ସୁକିନ୍ଦା ଗୁଣ୍ଡିଚା ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବନେତା ସବ୍ୟସାଚୀ ବଳସାମନ୍ତ ଓ ରମଣୀରଞ୍ଜନ ବଳସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୪ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସୁପ୍ରସିଦ୍ଧ ଗାୟକ ସୌରଭ ଭରଦ୍ୱାଜଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ, ମେଲୋଡି, ପାରମ୍ପରିକ ନୃତ୍ୟ ଓ ସ୍ଥାନୀୟ ଅଞ୍ଚଳର କୁନିକୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ପ୍ରକାରର ଦୋଳି ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି। ଆୟୋଜକ କମିଟିର ସଭାପତି ପିନାକୀ କେଶରୀ ପଟ୍ଟନାୟକ, ସମ୍ପାଦକ ସତ୍ୟବ୍ରତ ବାରିକ, ଉପଦେଷ୍ଟା ରାଜକିଶୋର ଆଚାରୀଙ୍କ ସମେତ ସମସ୍ତ ସଭ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଓଡ଼ିଆ ଜାତିର ଏହି ନିଆରା ପରମ୍ପରା ଧୀରେ ଧୀରେ ଲୀନ ହେବାକୁ ଯାଉଥିବା ବେଳେ ଏହି ପରମ୍ପରାକୁ ଉଦ୍ଜୀବିତ କରି ରଖିବା ପାଇଁ ରାମଲୀଳା ଯୁବକ ସଂଘ ପକ୍ଷରୁ ଏହି ପ୍ରୟାସକୁ ମୁଖ୍ୟ ଅତିଥି ରାଜା ରାଜା ସାହେବ ଉଚ୍ଚ ପ୍ରଶଂସା କରିଥିଲେ।

## ବିନା ନମ୍ବର ପ୍ଲେଟରେ ଚାଲିଛି ଶହଶହ ଟ୍ରାକ୍ଟର

ବନ୍ତ/ଆଗରପଡ଼ା, ୧୪।୬ (ସମିସ): ପରିବହନ ନିୟମ ଅନୁଯାୟୀ ଗାଡିଗୁଡିକର ଫିଟନେସ, ଇନସୁରାନ୍ସ, ପଲ୍ୟୁସନ ଏବଂ ନମ୍ବର ପ୍ଲେଟ ଠିକ ଥିଲେ ଗାଡିଗୁଡିକ ରାସ୍ତାରେ ଚାଲିବା ନିୟମ ରହିଛି। ଏହି ନିୟମ ଭିତରେ ଗାଡିଗୁଡିକ ଚାଲୁଛିକି ନାହିଁ ତାର ତଦାରଖ କରିବାର ଦାୟିତ୍ୱ ପରିବହନ ବିଭାଗର ରହିଛି। କାରଣ ଗାଡିଗୁଡିକ ଏହି ସବୁ ନିୟମ ଭିତରେ



ରହି ରାସ୍ତାରେ ଚାଲୁଥିବା ସମୟରେ କୋ÷ଣସି ଦୁର୍ଘଟଣା ଘଟିଲେ ଉଭୟ ଗାଡି ମାଲିକ ଓ କ୍ଷତିଗ୍ରସ୍ତ ବ୍ୟକ୍ତି ଇନସୁରାନ୍ସ କମ୍ପାନୀ ଦ୍ୱାରା କ୍ଷତି ପୂରଣ ପାଇବା ପାଇଁ ହକଦାର ହୋଇଥାନ୍ତି। ମାତ୍ର ଏହି ନିୟମକୁ ଉଲ୍ଲଂଘନ କରି ଗାଁଠାରୁ ବଜାରମାନଙ୍କରେ ଅନେକ ଗାଡି ଚାଲୁଥିଲେ ମଧ୍ୟ ପରିବହନ ବିଭାଗ ଏଥିପ୍ରତି କୋଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନା ଅନୁଯାୟୀ; ବନ୍ତ ବ୍ଲକ ଆଗରପଡ଼ା ତିନିଗୋଟି ଜିଲ୍ଲା କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକର ମଧ୍ୟ ଭାଗରେ ରହିଥିବା ବେଳେ ଏହି ତିନି ଜିଲ୍ଲାର ବହୁ ବ୍ଲକ ବ୍ୟବସାୟ ପାଇଁ ଆଗରପଡ଼ା ବଜାର ଉପରେ ନିର୍ଭର କରିଥାନ୍ତି। ତେଣୁ ଉକ୍ତ ଅଞ୍ଚଳରେ ଶହ ଶହ ଟ୍ରାକ୍ଟର ଗାଡି ଚାଲିଥିବା ବେଳେ ସେଥିମଧ୍ୟରୁ ଶତକଡ଼ା ୯୦ ଭାଗ ଟ୍ରାକ୍ଟର ଇଂଜିନ ଗୁଡ଼ିକର ଇନସ୍ୟୁରାନ୍ସ ନଥିବା ବେଳେ ଡ଼ାଲା ଗୁଡ଼ିକର ମଧ୍ୟ ଫିଟନେସ ଓ ଇନସ୍ୟୁରାନ୍ସ ନଥିବା ଜଣାପଡିଛି। ତତ୍ ସହିତ ବୟସ ନ ହୋଇ ମଧ୍ୟ ସେସବୁକୁ ବିନା ଡ୍ରାଇଭିଙ୍ଗ ଲାଇସେନ୍ସରେ ଚାଳକ ଚଳାଉଥିବା ଦେଖିବାକୁ ମିଳୁଛି। ବିନା କାଗଜ ପତ୍ରରେ ବେଧଡ଼କ ଭାବେ ରାସ୍ତା ଉପରେ ଚାଲୁଥିବା ବେଳେ ପରିବହନ ବିଭାଗ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୋଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଏହା ବିଭାଗର କାର୍ଯ୍ୟପନ୍ଥା ଓ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଥି ସହିତ ବିଭାଗର ଏହିପରି କାର୍ଯ୍ୟ ଯୋଗୁଁ ସରକାର ରାଜସ୍ୱ ହରାଉଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପରିବହନ ବିଭାଗ ଓ ସ୍ଥାନୀୟ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଝାଟିଆସାହି - ମଙ୍ଗଳପୁର ରାସ୍ତାରେ ଓଭରଲୋଡିଂ

ଅସୁରାଳି, ୧୪।୬ (ସମିସ): ଧାମନଗର ଅଧୀନସ୍ଥ ଝାଟିଆ ସାହି-ମଙ୍ଗଳପୁର ରାସ୍ତା ଏବେ ଓଭରଲୋଡିଂରେ କମ୍ପୁଛି । ଓଇରଲୋଡି ମାଲବାହି ଟ୍ରକର ଚଳାଚଳ ସାଧାରଣ ଯାତ୍ରୀଙ୍କୁ ଆତଙ୍କିତ କରିଛି। ଲୋକେ କହିବେ କାହାକୁ, ଶୁଣିବ କିଏ। ଏବେ ପ୍ରଶାସନକୁ ଫାଙ୍କିବା



ପାଇଁ ସଂଧ୍ୟା ୫ଟାରୁ ସକାଳ ୮ଟା ମଧ୍ୟରେ ଓଭରଲୋଡ୍ ଟ୍ରକ୍ ପାସ୍ କରୁଛି ରାସ୍ତାରେ ଓ ପ୍ରତିଦିନ ୩୦୦ ଫୁଟ ଅଧିକ ମୋରମ୍ ଓ ବାଲି ବୋଝେଇ ହୋଇ ଟ୍ରକ୍ ଚଳାଚଳ କରୁଛି। ଏହି ଓଭରଲୋଡିଂ ଟ୍ରକ୍ ଜବରଦସ୍ତ ଚଳାଚଳ କଲାବଳେ ପ୍ରତିଦିନ ରାସ୍ତା ମଝିରେ ଦୁର୍ଘଟଣା ଘଟିବାଟ ଅବରୋଧ ହେଉଛି। ଫଳରେ ଦୀର୍ଘ ସମୟ ଯାତାୟତ ବନ୍ଦ ରହୁଛି । ଏହାକୁ ରୋକାଯିବା ପାଇଁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଏହାକୁ ଅବମାନନା କରି ଏବେ ପ୍ରତିଦିନ ଓଭର ଲୋଡିଂ ଗାଡି ଯାତାୟତ କରୁଛି। ଧାମନଗର-ଝାଟିଆ ସାହି-କଲ୍ୟାଣୀ-ଗୋବିନ୍ଦପୁର-ମଙ୍ଗଳ ପୁର ଆଦି ରାସ୍ତାରେ ଏହି ଓଭରଲୋଡିଂ ଗାଡିକୁ ଯଦି ପରିବହନ ବିଭାଗ ଜବତ୍ କରି ପାରନ୍ତା ବହୁ ରାଜସ୍ୱ ସରକାରଙ୍କ ତହବିଲକୁ ଆସନ୍ତା। ସ୍କୁଲ କଲେଜ ପିଲା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ହାଇବା ଟ୍ରକଗୁଡିକ ସରକାରୀ ନିୟମକୁ ଫାଙ୍କି ୨୫ ରୁ ୩୦ ଟନ୍ ବାଲି ବୋଝେଇ କରି ରାସ୍ତା ରେ ଚଳାଚଳ କରୁଛନ୍ତି। ଦିନ ରାତି ଅନବରତ ଭାବେ ଭାରି ଯାନ ବୋଝେଇ ଗାଡ଼ି ଯାଇ ରାସ୍ତାର ଅବସ୍ଥା କୁ ବିଗାଡି ସାରିଲେଣି ମାତ୍ର ପ୍ରଶାସନ ଚୁପ୍। ତାହାକୁ ଧରିବାକୁ କେହି ନାହିଁ । ତେଣୁ ପୁଲିସ ଓ ପରିବହନ ବିଭାଗ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

■ କନ୍ଦଳିଆ ରାସ୍ତା ନିମ୍ନମାନର ନେଇ ତାତିଲେ ଗ୍ରାମବାସୀ

# ପିଚୁ ତାଡ଼ି ଯନ୍ତ୍ରୀଙ୍କୁ ଦେଖାଇଲେ ଲୋକେ

କଳାବାଡିଆ, ୧୪।୬ (ସମିସ):



ବାଙ୍ଗିରିପୋଷି ବ୍ଲକ ବୁଢିଖମାରୀ ପଞ୍ଚାୟତ ଡାହିସାହି-ଉଦାଳି ଭାୟା କନ୍ଦଳିଆ ୩.୪୫୦ କିମି ରାସ୍ତା ବାଙ୍ଗିରିପୋଷି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ ରାସ୍ତା ନିର୍ମାଣ ଚାଲିଛି। ଯାହାର ଅଟକଳ ୨ କୋଟି ୯୮ ଲକ୍ଷ ୭୫ ହଜାର। ଠିକାଦାର ଏମ ଏସ ସାହୁ କନଷ୍ଟ୍ରକସନ କାର୍ଯ୍ୟାଦେଶ ନେଇଛି। ତେବେ ରାସ୍ତାରେ ୨୫ ଏମଏମ ପିଚୁ ପଡିବା ବଦଳରେ ୫/୧୦ ଏମଏମ ପିଚୁ ପଡ଼ିଥିବାରୁ ଡାହିସାହି ଗ୍ରାମର ଶତାଧିକ ଜନସାଧାରଣ ରାସ୍ତା କାମ ବନ୍ଦ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଖବର ପାଇ ବିଭାଗୀୟ ଯନ୍ତ୍ରୀ ଲକ୍ଷ୍ମନ ଟୁଡୁ ପହଞ୍ଚିଥିଲେ। ତାଙ୍କୁ ଜନସାଧାରଣ ଶାବଳରେ ଖୋଳି ରାସ୍ତାରେ କେତେ ପିଚୁ ପଡ଼ିଛି ତାହା ଦେଖାଇଥିଲେ। ସେହିପରି ଉକ୍ତ ରାସ୍ତା ଦେଇ ଯାଇଥିବା ଶଙ୍କରାଇଠାରେ ଶୀଘ୍ର ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ବର୍ଷା ଦିନ ଆସିଗଲେ ପଞ୍ଚାୟତବାସୀ ଯିବା ଆସିବା କରିବାପାଇଁ ବହୁ ଅସୁବିଧା ଭୋଗିବେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯନ୍ତ୍ରୀ ଲକ୍ଷ୍ମନ ଟୁଡୁ କହନ୍ତି ଯେ, ନୂତନ ରାସ୍ତା ମରାମତି ପାଇଁ ମୁଁ ଠିକାଦାରଙ୍କୁ ତାଗିଦ କରିଛି। ବର୍ଷା ଦିନ ପୂର୍ବରୁ ପୋଲ କାର୍ଯ୍ୟ ସରିଯିବ ବୋଲି ଆଶା କରିଛୁ। ଯଦି ରାସ୍ତା କାର୍ଯ୍ୟ ଠିକ ସେ ନିର୍ମାଣ ନ ହୁଏ ତେବେ ଜନଆନ୍ଦୋଳନ ହେବ ବୋଲି ଉଦାଳି ଗ୍ରାମର ବିକାଶ ଚନ୍ଦ୍ର ହେମ୍ବ୍ରମ, ଉଧୁରାନ ହାଁସଦା, ଦେବାଶିଷ ହେମ୍ବ୍ରମ, ରଘୁନାଥ ମୁର୍ମୁ, ଶଙ୍କର ମାରାଣ୍ଡି, କରନ ଚନ୍ଦ୍ର ମୁର୍ମୁ, ରତ୍ନାକର ମୁର୍ମୁ, ରଘୁନାଥ ମୁର୍ମୁ, ରାମଦାସ ହାଁସଦା, ଅର୍ଜୁନ ମାରାଣ୍ଡି ରାମ ଦାସ ମୁର୍ମୁ , ପାରା ଓ ସୋରେନ, କର୍ମଚାନ୍ଦ ହାଁସଦା, ଖେଲାରାମ ହାଁସଦା , ଜାସେନ ମୁର୍ମୁ, ହାରା ହାଁସଦା, ଗଣେଶ ଟୁଡୁ , ସୁଶିଲ ହାଁସଦା, ରାମ ହାଁସଦା କହିଛନ୍ତି।

## ଆନନ୍ଦପୁର ରଜ ମହୋତ୍ସବ ଉଦ୍‌ଘାଟିତ



ଆନନ୍ଦପୁର, ୧୪।୬ (ସମିସ): ଆନନ୍ଦପୁର ବଡ଼ ଦାଣ୍ଡଠାରେ ଆୟୋଜିତ ରଜ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। କମିଟିର ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ନିରାକାର ଦଳେଇ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ରମାକାନ୍ତ ନାୟକଙ୍କ ସଞ୍ଚାଳନରେ ବିଧାୟକ ଫକୀର ନାୟକ, ପୃଥ୍ୱୀରାଜ କୁଅଁର, ଶମ୍ଭୁନାଥ ରାଉତ, ଆଲୋକ ସେଠୀ ଉତ୍କଳୀୟ ସଂସ୍କୃତିରେ ରଜ ଏକ ନିଆରା ପର୍ବ ବୋଲି ମତ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଜ କମିଟିର ସଂଯୋଜକ ମଦନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାବିତ୍ରୀ ଦାସ, ପ୍ରଣୟିନୀ ବ୍ରହ୍ମ, ମମତାରାଣୀ ଜେନା, ସବିତା ଦାସ, ଉମାକାନ୍ତ ନାୟକ, ଅରବିନ୍ଦ ମିଶ୍ର, ଅଶୋକ ସାହୁ, ପଦ୍ମନାଭ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରଜ କମିଟିର ସଦସ୍ୟ ଗୋପାଳ ପାଣି, ସୁଦାମ ଚରଣ ମଙ୍ଗଳ, ଗଣେଶ୍ୱର ମହାନ୍ତି, ସୋମନାଥ ମିଶ୍ର, ରୁଦ୍ରନାରାୟଣ ରାଜ୍ ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚାୟତ ବୁଲିବ ବିକାଶ ବାହନ

ମୋରଡ଼ା, ୧୪।୬ (ସମିସ): ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରିବା ନିମନ୍ତେ ଗୁରୁବାର ମୋରଡ଼ା ବ୍ଲକ ପରିସରରୁ ବିକାଶ ବାହନ ଶୁଭାରମ୍ଭ ହୋଇଛି। ମୋରଡ଼ା ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗୋଟିଏ ପଟେ ଚଢେଇ ଗାଁ ସରପଞ୍ଚ ଅନୁରାଧା ସିଂ ଏବଂ ଅନ୍ୟପଟେ ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ଗେରୁଆ ରଙ୍ଗର ପତାକା ଦେଖାଇ "ବିକାଶ ବାହାନ ରଥର ଶୁଭାରମ୍ଭ କରିଛନ୍ତି। ବିଡ଼ିଓ ଅଣାକର ନାୟକ ଯୋଗଦେଇ ସରକାରଙ୍କ କେତେକ ପ୍ରମୁଖ ସଫଳତା ଏବଂ ପଦକ୍ଷେପ ଯେମିତି "ବିକଶିତ ଗାଁ ବିକାଶିତ ଓଡିଶା' "ସୁଭଦ୍ରା ଯୋଜନା', "ଅନ୍ତ୍ୟୋଦୟ ଗୃହ ଯୋଜନା', ଆଦିବାସୀ ଏବଂ ଏସସି କଲ୍ୟାଣ, ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ ଏବଂ ବିଭିନ୍ନ କ୍ରୀଡ଼ାର ପ୍ରୋତ୍ସାହନ, କୃଷି ପାଇଁ ସବସିଡି, ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନୀତି, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା, ଶିଶୁ ବାଟିକା କାର୍ଯ୍ୟକ୍ରମ ଆଦି ଭିଡିଓ ଏବଂ ବ୍ୟାନର ମାଧ୍ୟମରେ ଲୋକଙ୍କ ଅବଗତ କରାଯିବ ବୋଲି ସେ କହିଛନ୍ତି।



## ୯ମ ରଜ ମହୋତ୍ସବ ଉଦ୍‌ଘାଟିତ



ଦଶରଥପୁର, ୧୪।୬ (ସମିସ): ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ମା' ଭୈରବୀ ପଡିଆ ଠାରେ ନବମ ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବ ୪ ଦିନ ବ୍ୟାପୀ ଚାଲିବ ବୋଲି ଆୟୋଜକ ମାନଙ୍କ ପକ୍ଷରୁ କୁହାଯାଇଛି। ଆଜିକାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦଶରଥପୁର ଥାନାଧିକାରୀ ଶରତ କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ, ଅନ୍ୟତମ ଅତିଥିଭାବେ ସିନେ କଳାକାର ଅଶ୍ରୁମୋଚନ ମହାନ୍ତି, ଅବସରପ୍ରାପ୍ତ ସେନା ସଙ୍ଘ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ଅନିଲ ରାୟ, ବିଜେପି ଜିଲ୍ଲା ଉପସଭାପତି ସଞ୍ଜୟ ନାୟକ, ରାଜ୍ୟ ଯୁବ ମୋର୍ଚ୍ଚା ଉପ ସଭାପତି ସଂଗ୍ରାମ ପାତ୍ର, ବିଜେପି ଯୁବ ନେତା ମୃତ୍ୟୁଞ୍ଜୟ ମିଶ୍ର, ଅବସରପ୍ରାପ୍ତ ପ୍ରଫେସର କୁଳମଣି ତ୍ରିପାଠୀ, ସମାଜସେବୀ କାଳନ୍ଦି ବେହେରା, ପୂର୍ବତନ ବିଜେପି ଜୋନ ସଭାପତି ନିରଂଜନ ସାହୁ, ଶିକ୍ଷକ ଲଳିତ ମୋହନ ରାୟ, ମୁଖ୍ୟ ଆୟୋଜକ ରମାକାନ୍ତ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ, ଏହି ଅବସରେ ପୁଚି, ହୁଲୁହୁଲି, ଶଙ୍ଖ ବଜା, ଦୋଳି, ଓଡିଶୀ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ରଜ ମହୋତ୍ସବ ଗାଁ ଅଞ୍ଚଳରେ ବୁଡିବାକୁ ବସିଥିବାବେଳେ ଓଡ଼ିଆ ସଂସ୍କୃତିକୁ ବଞ୍ଚାଇବା ଏହାର ମୁଖ୍ୟ ଉଦେଶ୍ୟ, ସିଦାର୍ଥ ଶେଖର ଦାସ, ସନ୍ତୋଷ ଦାସ, ବିଜୟ ସାହୁ, କୁମାର ଚିତ୍ତରଞ୍ଜନ, ଆଶୁତୋଷ ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ବେହେରାଙ୍କ ସମେତ ତରପଦା ଯୁବକ ସଂଘର ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ପରିଚାଳିତ କରାଯାଇଛି। ଗ୍ରମର ଶତାଧିକ ମହିଳା, ପୁରୁଷ ଓ ଯୁବକ ଯୁବତୀ ମାନେ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥଲେ।

## ନଦୀରେ ବୁଡି ମହିଳା ମୃତ


ଯାଜପୁର, ୧୪।୬ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଯମୁନା ନଦୀରେ ବୁଡି ଯାଇ ଜଣେ ଆଦିବାସୀ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସ୍ଥାନୀୟ ଭଗତପୁର ଗ୍ରାମର ବେଲ ମୁଣ୍ଡା। ସେ ନଦୀକୁ ଶୌଚ ହେବାକୁ ଯାଇଥ?ବା ବେଳେ ବୁଡି ଯାଇଥ?ବା ଅନୁମାନ କରାଯାଉଛି। ତାଙ୍କୁ ଖୋଜାଖୋଜି କରିବା ପରେ ତାଙ୍କ ମୃତ ଦେହ ନଦୀରେ ଭାସୁଥ?ବା ଦେଖ? ଗ୍ରାମବାସୀ ଉଦ୍ଧାର କରି ସ୍ଥାନୀୟ ପୋଲିସକୁ ଖବର ଦେଇଥ?ଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

ସ୍ୱାଗତ, ସମ୍ବର୍ଦ୍ଧନା ଓ ଉଦ୍‌ଘାଟନକୁ ଗୁରୁତ୍ୱ ଦେଉଛନ୍ତି ବିଧାୟକ

## ବିକଶିତ ଉଦଳା ପାଇଁ ଆରମ୍ଭ ହୋଇନି ବ୍ଲୁ ପ୍ରିଣ୍ଟ

ଉଦଳା, ୧୪।୬ (ସମିସ): ନୂତନ ସରକାର ଗଠନ ହେବାର ଇତିମଧ୍ୟରେ ଏକ ବର୍ଷ ପୂରିଗଲାଣି। ମୟୂରଭଞ୍ଜ ଜିଲ୍ଲା ଉଦଳା ନିର୍ବାଚନ ମଣ୍ଡଳୀରୁ ବିଧାୟକଭାବେ ଭାସ୍କର ମଢେଇ ୪ ଥର ନିର୍ବାଚିତ ହୋଇଛନ୍ତି। ତେବେ ୧୨ମାସର ତାଙ୍କର ରିପୋର୍ଟ କାର୍ଡ ଯଦି ବଚାରକୁ ନିଆଯାଏ, ତେବେ ବିକାଶର ଅଗ୍ରଗତି ଆଖିଦୃଶିଆ ହୋଇ ନ ଥିବା ଜଣାପଡ଼ିଛି। ଶ୍ରୀ ମଢେଇ କେବଳ ସ୍ୱାଗତ, ସମ୍ବର୍ଦ୍ଧନା ଏବଂ ଉଦ୍‌ଘାଟନରେ ସୀମିତ ରହୁଛନ୍ତି। ଶ୍ରୀ ମଢେଇଙ୍କ ଚତୁର୍ଥ ପାଳି ତଥା ରାଜ୍ୟରେ ଡ଼ବଲ ଇଞ୍ଜିନ ସରକାର ଗଠନ ନେଇ ଅଧିକ ଉତ୍ସାହିତ ହୋଇ ପଡ଼ିଥିବା ବିଜେପି ସ୍ୱାଗତ, ସମ୍ବର୍ଦ୍ଧନା ଓ ଉଦଘାଟନ ମଧ୍ୟରେ ସୀମିତ ରହିଛି। ବିକଶିତ ଉଦଳାର ବ୍ଲୁପ୍ରିଣ୍ଟ ଏ ଯାଏ ତିଆରି ହୋଇପାରିନାହିଁ। ପୂର୍ବ ସରକାର ସମୟରେ ଯେଉଁ ପକଳ୍ପ ବା ଯୋଜନା ରହିଥିଲା ସେଗୁଡିକର କେବଳ ସ୍ତୁତିଚାରଣ କରାଯାଉଛି। କିଛି ବି ନୂଆ ଯୋଜନାର ପାଇଁ ଉଦ୍ୟମ ହେଉନାହିଁ। ବିଧାୟକ ଭାସ୍କର ମଢେଇ ୨୦୦୦, ୨୦୦୪, ୨୦୧୯ ଓ ୨୦୨୪ରୁ ଚତୁର୍ଥ ପାଳି ଆରମ୍ଭକରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମସାମୟିକ ସେ ବିଧାୟକ। ଅଭିଜ୍ଞତା ଓ ବରିଷ୍ଠତା ଦୃଷ୍ଟିରୁ ମନ୍ତ୍ରୀ ପଦ ପାଇବା କଥା; କିନ୍ତୁ ତାଙ୍କୁ କୌଣସି ମନ୍ତ୍ରୀପଦ ନ ମିଳିବା ତାଙ୍କୁ ନିରାଶ କରିଛି। ତେବେ ଏଥର ଡ଼ବଲ ଇଞ୍ଜିନ ସରକାର ହୋଇଥିବା ବେଳେ ଅଞ୍ଚଳର ବିକାଶ ନେଇ ଜନସାଧାରଣ ଅଧିକ ସମ୍ବେଦନଶୀଳ ହେବା ସ୍ୱାଭାବିକ। ତେବେ ରେଳ ସଂଯୋଗ, ନୂତନ ତଥା ଅତ୍ୟାଧୁନିକ ବସ ଟରମିନାଲ, ସୋନ ବ୍ୟାରେଜ, ଉଦଳା ଉପଖଣ୍ଡ ଡାକ୍ତରଖାନାର ବିଶେଷଜ୍ଞ ନିଯୁକ୍ତି ସହ ସମସ୍ତ ଆଧୁନିକ ସୁବିଧା ସୁଯୋଗ ପ୍ରଦାନ, ଉଦଳାକୁ ପୌରାଞ୍ଚଳ ଘୋଷଣା, ଉଦଳା ମହାବିଦ୍ୟାଳୟକୁ ସ୍ୱୟଂଶାସିତ ଘୋଷଣା, ଶୀତଳ ଭଣ୍ଡାର ନିର୍ମାଣ, ଦେବକୁଣ୍ଡ, ସମୀବୃକ୍ଷ, କାଳ ଓ ସୋନେଇ ଡ୍ୟାମର ପର୍ଯ୍ୟଟନ୍ଭିତିକ ଉନ୍ନତିକରଣ, କ୍ରୀଡାର ବିକାଶ ପାଇଁ ଆଧୁନିକ ଷ୍ଟାଡିୟମର ନିର୍ମାଣ ତଥା ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିବା ଭଳି ଅନେକ ଆହ୍ୱାନ ରହିଛି। କେବଳ ବିଧାନସଭାରେ ସୋନ ବ୍ୟାରେଜ ଓ ଜାମୁଘାଟ ପୋଲ ପ୍ରସଙ୍ଗ ଉଠାଇଥିଲେ ହେଁ ଏହା ପୂର୍ବ ସରକାରଙ୍କ ସମୟରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ଉଦଳାରୁ ୪ ଥର ବିଧାୟକ ହୋଇଥିବା ଭାସ୍କର ମଢେଇ ଏ ପର୍ଯ୍ୟନ୍ତ କୌଣସି ନୂଆ ଯୋଜନା ବା ବିକଶିତ ଉଦଳା ପାଇଁ ପଦକ୍ଷେପ କେବେ ନେବେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିବା ଆରମ୍ଭ କଲେଣି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ବେଳେ ବିକାଶ ଏବେ ଜନବିରୋଧୀ। ଅପରପକ୍ଷରେ ବିରୋଧୀ ବିଧାୟକ ଓ ସାଂସଦ ତଥା ଜିଲ୍ଲା ମନ୍ତ୍ରୀଙ୍କ କେବଳ ରାଜନୈତିକ ଭିତ୍ତିକ ପ୍ରସଙ୍ଗ ରେ ସାମିଲ ରହୁଥିବା ବେଳେ ଉଦଳା ନିର୍ବାଚନ ମଣ୍ଡଳୀର ବିକାଶ ଦିଗଭ୍ରଷ୍ଟ ହୋଇପଡିଛି ବୋଲି ଅଭିଯୋଗ ଆଣିଛନ୍ତି।

## ବାରିପଦାରେ ବୁଦ୍ଧିଜୀବୀ ସମ୍ମିଳନୀ



ବାରିପଦା, ୧୪।୬ (ସମିସ): ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଶନିବାର ବୁଦ୍ଧିଜୀବୀଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ବିଜେପି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଅବଧାରଣା ଏବଂ ସେଥିରେ ଆମର ଭୂମିକା ବିଷୟକୁ ନେଇ ସମ୍ମିଳନୀରେ ଆଲୋଚନା କରାଯାଇଛି। ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିଥି ମାନେ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦଳୀୟ ପଦାଧିକାରୀ ମାନେ ପରିଚାଳନା କରିଥିଲେ।

ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଡିଏଫଓ ଅଫିସ୍ ଘେରଉ

## ୪୮ ଘଣ୍ଟାରେ ଦୋଷୀଙ୍କୁ ଗିରଫ ନ କଲେ ଆନ୍ଦୋଳନ ତେଜିବ: ସଂଘ

କେନ୍ଦୁଝର, ୧୪।୬ (ସମିସ):



ବନ କର୍ମଚାରୀଙ୍କୁ ଦୁଇଟି ପୃଥକ ଘଟଣାରେ ସଂଘବଦ୍ଧ ଭାବେ ଆକ୍ରମଣ ଘଟଣାରେ ଓଡ଼ିଶା ନନଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ, କେନ୍ଦୁଝର ଶାଖାର ଏକ ଜରୁରୀ ବୈଠକ କେନ୍ଦୁଝର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପରେ ବନ କର୍ମଚାରୀମାନେ ସନ୍ଧ୍ୟାରେ କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟ ଆସି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିଲେ। ମୁଖ୍ୟ ଗେଟରେ ପୁଲିସ ବନ କର୍ମଚାରୀଙ୍କୁ ନ ଛାଡିବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବନ କର୍ମଚାରୀମାନେ ବନଖଣ୍ଡ କାର୍ଯ୍ୟାଳୟ ଭିତରକୁ ଯାଇ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିଲେ। ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଆନ୍ଦୋଳନସ୍ଥଳକୁ ଆସି ଓଡ଼ିଶା ନନଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ, କେନ୍ଦୁଝର ଶାଖାର ସଭାପତି ଦୀପକ ସ୍ୱାଇଁ, ସମ୍ପାଦକ ଭୂପତି ସେଠୀ, କାଳନ୍ଦି ସାମଲ, ଆଶୁତୋଷ ଚକ୍ରବର୍ତ୍ତୀ, ଜତିନ୍ଦ୍ର ସାହୁ, ମିତ୍ରଭାନୁ ନାୟକ ଏବଂ ବନ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅପରାଧୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ ଏବଂ ଅନ୍ୟ ଦାବି ଉପରେ ବନଖଣ୍ଡ ଅଧିକାରୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ବଡବିଲ ରେଞ୍ଜ ଗୁଆଲି ସେକ୍ସନ କାରୋ ସଂରକ୍ଷିତ ଜଙ୍ଗଲରେ ବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇଥିବାବେଳେ ବଣୁଆ ହାତୀ ଆକ୍ରମଣରେ ରୀନା ମୁଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ୱାମୀ ରାଜୁ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ଘଟଣା ନେଇ ବନ ବିଭାଗ ସୂଚନା ପାଇବା ପରେ ଘଟଣାସ୍ଥଳକୁ ଯାଇ ସେମାନଙ୍କୁ ଆମ୍ବୁଲାନ୍ସ ଓ ଅଫିସ ଗାଡ଼ିରେ ଆଣିବା ବେଳେ କେନ୍ଦୁଡିହି ଗ୍ରାମ ନିକଟରେ ଗାଡ଼ି ଅଟକାଇ ବଡବିଲ ରେଞ୍ଜର ସଞ୍ଜୀବ ରାଉତ, ଗୁଆଲି ଫରେଷ୍ଟର ଶରତ ପଟ୍ଟନାୟକ, ପ୍ରୋଟେକସନ ସ୍କ୍ୱାର୍ଡର କର୍ମଚାରୀ ମୁରଲୀଧର ନାୟକ, ବଚନ ମୁଣ୍ଡା, ଶିବ ନାଏକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଡ୍ୟୁଟିରେ ଥିବାବେଳେ ଫରେଷ୍ଟର ଶରତ ପଟ୍ଟନାୟକଙ୍କୁ ରୁଗୁଡି ଆଇଆଇସି ଏବଂ ଅନ୍ୟ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ମହିଳା ଏବଂ ପୁରୁଷମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଖାକି ପୋଷାକକୁ ଛିଣ୍ଡାଇ ପକେଟରୁ ଟଙ୍କା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ଯାଇଥିଲେ। ପରେ ୧ ପ୍ଲାଟୁନ ପୁଲିସ ଫରେଷ୍ଟର ଶ୍ରୀ ପଟ୍ଟନାୟକ ଏବଂ ଅନ୍ୟ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ବନପାଳ ଶରତ କୁମାର ପଟ୍ଟନାୟକଙ୍କୁ ବଡବିଲ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ଅଦ୍ୟାବଧି ରୁଗୁଡି ପୁଲିସ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ବାମେବାରୀ ଫରେଷ୍ଟର ରାଜେନ୍ଦ୍ର ଜେନା ଏବଂ ସ୍କ୍ୱାଡ କର୍ମଚାରୀ ସଞ୍ଜୟ ମୁଣ୍ଡାଙ୍କୁ ୩୦/୦୫/୨୦୨୫ ଅପରାହ୍ନରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିର ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକ ମରଣାନ୍ତକ ଆକ୍ରମଣ କରି ରେଳ ଲାଇନ ନିକଟରେ ପକାଇ ଦେଇ ପଳାଇଥିଲେ। ଏହି ଘଟଣାରେ ୧୫ ଦିନ ପରେ ମଧ୍ୟ ଅପରାଧୀଙ୍କୁ ଗିରଫ କରାଯାଇନାହିଁ। ସେହିପରି ଗତକାଲି ଘଟଣାରେ ମଧ୍ୟ କେହି ଅପରାଧୀଙ୍କୁ ଗିରଫ କରାଯାଇନାହିଁ।

କେନ୍ଦୁଝର ଡିଭିଜନର ୭ଟି ରେଞ୍ଜର ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ଅନ୍ୟ ବନ କର୍ମଚାରୀମାନେ ୬ ଦଫା ଦାବିନେଇ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ, ଡିଏଫଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ ଓଡିଶାର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଜଙ୍ଗଲ ପରିବେଶ ଜଳବାୟୁ ପରବର୍ତ୍ତନ ବିଭାଗ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଓଡିଶା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ରାଉରକେଲା, କେନ୍ଦୁଝର ଜିଲ୍ଲାପାଳ, କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝର ବନଖଣ୍ଡ ଅଧିକାରୀ, ସମସ୍ତ ଏସିଏଫ୍, ସମସ୍ତ ରେଞ୍ଜ ଅଫିସର, କେନ୍ଦୁଝର ଜିଲ୍ଲାର ସମସ୍ତ ଆଇଆଇସି, ରାଜ୍ୟ ସଂଘର ସଭାପତି ତଥା ଜୋନ ସଭାପତିଙ୍କୁ ପ୍ରଦାନ କରାଯାଇଛି।

# ୩ ଦିନ ମଧ୍ୟରେ ସକ୍ରିୟ ହେବ ମୌସୁମୀ

ଭୁବନେଶ୍ୱର, ୧୪।୬ (ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପାଣିପାଗ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ଆରମ୍ଭ ହୋଇସାରିଛି। ବିଭାଗ ମଧ୍ୟରେ ଏଆଇ ଆପ୍ଲିକେସନ୍‌ର ବ୍ୟବହାର ପାଇଁ ବର୍ତ୍ତମାନ ଗବେଷଣା ଜାରି ରହିଛି। ଏ କ୍ଷେତ୍ରରେ ଆଇଆଇଟି, ଆଇଆଇଆଇଟି, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥା ସହ ଆମେ ସହଭାଗିତା ଭିତ୍ତିରେ କାମ କରୁଛୁ ବୋଲି କହିଛନ୍ତି

■ ମିଶନ୍ ମୌସୁମ କାର୍ଯ୍ୟକ୍ରମରେ ଆହୁରି ସଠିକ୍ ହେବ ପାଣିପାଗ ପୂର୍ବାନୁମାନ
■ ଏଆଇ କରୁଛି ପାଣିପାଗ ପୂର୍ବାନୁମାନ: ମୃତ୍ୟୁଞ୍ଜୟ

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର। ଶନିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମହାପାତ୍ର ଭାରତୀୟ ପାଣିପାଗ କ୍ଷେତ୍ରରେ ଏଆଇର ଉପଯୋଗ ଏବଂ ବିପର୍ଯ୍ୟୟ ରୋକିବାରେ ବିଭାଗର ସଫଳତା ସମ୍ପର୍କରେ ବିଶଦ୍ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଏଆଇକୁ ପ୍ରୟୋଗ କରି ପାଣିପାଗ କ୍ଷେତ୍ରରେ ସତର୍କ ସୂଚନା ପ୍ରଦାନ କରାଯାଉଛି। ଏହାକୁ ଆଗାମୀ ଦିନରେ ଆହୁରି ତ୍ୱରାନ୍ୱିତ କରାଯିବ। ଆସନ୍ତା ୫ବର୍ଷ ମଧ୍ୟରେ ମିଶନ ମୌସୁମ କାର୍ଯ୍ୟକ୍ରମ ଅଧୀନରେ ଭାରତରେ ଦେଖାଦେଉଥିବା ସିଭିୟର ୱେଦର୍ (ଭୀଷଣ ପାଣିପାଗ)କୁ ଅଧିକରୁ ଅଧିକ ସଠିକତାର ସହ ନିରୂପଣ ପାଇଁ ଲକ୍ଷ୍ୟ ରଖାଯାଇଛି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବିପର୍ଯ୍ୟୟ ରୋକିବା କ୍ଷେତ୍ରରେ ଭାରତୀୟ ପାଣିପାଗ ବିଭାଗ ଯେଉଁ ପଦକ୍ଷେପ ନେଇଛି, ତାହା ବିଶ୍ୱବ୍ୟାପୀ ଆଦୃତି ଲାଭ କରିବା ସହ ପ୍ରଶଂସିତ ହୋଇଛି। ବିପର୍ଯ୍ୟୟ ହ୍ରାସ କ୍ଷେତ୍ରରେ ସତର୍କ ସୂଚନା ପ୍ରଣାଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିକଟ ଅତୀତରେ ପାଣିପାଗ ବିଭାଗ ଏ କ୍ଷେତ୍ରରେ ଏକାଧିକ ପଦକ୍ଷେପ ନେବା କାରଣରୁ ଆମର ସତର୍କ ସୂଚନା ପ୍ରଣାଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ପ୍ରାୟ ୪୦ରୁ ୫୦ ପ୍ରତିଶତ ପୂର୍ବାନୁମାନର ସଠିକତା ବୃଦ୍ଧି ପାଇଛି। ବାତ୍ୟା କେଉଁଠାରେ, କେଉଁ ସମୟରେ ଏବଂ ଏହାର ତୀବ୍ରତା ସମ୍ପର୍କରେ ସଠିକ ସମୟରେ ସୂଚନା ପ୍ରଦାନ କରାଯାଉଛି। ଫଳରେ ବିପର୍ଯ୍ୟୟ ମୁକାବିଲା ପୂର୍ବାପେକ୍ଷା ସହଜ ହେବା ସହ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରାଯାଇ ପାରିଛି ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷେ, ଦକ୍ଷିଣ-ପୂର୍ବ ମୌସୁମୀ ବାୟୁକୁ ନେଇ ମଧ୍ୟ ସୂଚନା ରଖିଛନ୍ତି ଡ. ମହାପାତ୍ର। ଏବେ ଦକ୍ଷିଣ ଓଡ଼ିଶାରେ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ଏହା ରାଜ୍ୟରେ ସକ୍ରିୟ ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୧୮ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ଆଗୁଆ ସୂଚନା ପ୍ରଦାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ଶେଷ ପର୍ଯ୍ୟାୟରେ ବାଲେଶ୍ୱର ପାଣିପାଗ ରାଡାର୍ ବିଲଡିଂ କାମ

# କେବେ ଲାଗିବ ରାଡାର୍?





ବାଲେଶ୍ୱର,୧୪।୬(ସମିସ): ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବାଲେଶ୍ୱର ପାଣିପାଗ ରାଡାର ବିଲ୍ଡିଂ। ଏହି ତିନି ମହଲା ବିଶିଷ୍ଟ ରାଡାର୍ ବିଲଡିଂର ଶେଷ ପର୍ଯ୍ୟାୟ କାମ ଆରମ୍ଭ ହୋଇଛି। ଆସନ୍ତା ୩ରୁ ୪ ମାସ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସୂଚନା ମିଳିଛି। ବର୍ତ୍ତମାନ ପିଡବ୍ଲୁଡି ବିଭାଗ ପକ୍ଷରୁ ଛାତ ଉପରେ ଢଳେଇ କାମ ହେଉଛି, ଯାହା ଉପରେ ରାଡାର୍ ବସିବ। ଏହି କାମ ସରିବା ପରେ ଏହି ବିଲ୍‌ଡିଂକୁ ବାଲେଶ୍ୱର ପାଣିପାଗ ବିଭାଗ କାର୍ଯ୍ୟାଳୟ ସ୍ଥାନାନ୍ତର ହେବ। ହେଲେ ରାଡାର୍ କେବେ ଲାଗିବ, ତାହା କେହି କହିପାରୁନାହାନ୍ତି।

ସୂଚନାଯୋଗ୍ୟ, ମୌସୁମୀ ତଥା ଘୂର୍ଣ୍ଣିବଳୟ, ବର୍ଷା ଓ ବାତ୍ୟାର ପୂର୍ବାନୁମାନ ପାଇଁ ୨୦୧୩ ମସିହାରେ ଚାନ୍ଦିପୁର ରାସ୍ତାର ନୂଆନଈ ନିକଟରେ ୩ ଏକର ଜମିରେ ପାଣିପାଗ ବିଭାଗର ନୂତନ ବିଲ୍ଡିଂ କାମ ପିଡବ୍ଲୁଡି ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। ୫ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ତିନି ମହଲା ବିଲଡିଂକୁ ପିଡବ୍ଲୁଡି ୨୦୧୪ରେ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବାର ଅବଧି ରହିଥିଲା। ମାତ୍ର ତାହା ସମୟ ଅନୁସାରେ କାମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏହାରି ଭିତରେ ୧୧ବର୍ଷରୁ ଅଧିକ ଦିନ ବିତିଗଲାଣି। ଦୀର୍ଘ ବର୍ଷ ପରେ ୨୦୨୪ ଜୁନ୍ ୧୩ରେ ଏହି କାମ ତ୍ୱରାନ୍ୱିତ ହେବା ପରେ ଆଗାମୀ ଛଅ ମାସ ଭିତରେ କାମ ସମ୍ପୂର୍ଣ୍ଣ ହେବା ନେଇ ସୂଚନା ମିଳିଥିଲା। ଏହି ତିନି ମହଲାର ଛାତ ଉପରେ 'ସି' ବ୍ୟାଣ୍ଡ ରାଡାର୍ ସ୍ଥାପନ ହେବ। ଯାହା ୨୫୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳର ସୂଚନା ଆଗୁଆ ସଂଗ୍ରହ କରିବ। ପଶ୍ଚିମବଙ୍ଗଠୁ ଆରମ୍ଭ କରି ପାରାଦୀପ ପର୍ଯ୍ୟନ୍ତ ଏହି ରାଡାର୍ ପୂର୍ବାନୁମାନ କରିପାରିବ। ବିଶେଷକରି ଘୂର୍ଣ୍ଣିବଳୟ, ପ୍ରବଳ ବର୍ଷା, ବଜ୍ରପାତ ଏବଂ ବାତ୍ୟା ଆଦି ସମ୍ପର୍କରେ କିଛି ସମୟ ପୂର୍ବରୁ ସୂଚନା ସଂଗ୍ରହ କରିବ। ଫଳରେ ସେହି ସୂଚନା ଅନୁସାରେ ବାଲେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇପାରିବ। ବର୍ତ୍ତମାନ ଏହି ତିନି ମହଲା ବିଲଡିଂରେ ଶେଷ ପର୍ଯ୍ୟାୟ କାମ ଚାଲୁଅଛି।

ଏ ନେଇ ବାଲେଶ୍ୱର ପାଣିପାଗ ବିଭାଗ ମୁଖ୍ୟ ମଦନ ମୋହନ ଦାସ କହିଛନ୍ତି, ରାଡାର୍ ବିଲଡିଂର ଶେଷ ପର୍ଯ୍ୟାୟ କାମ ଏବେ ଆରମ୍ଭ ହୋଇଛି। ରାଡାର୍ ବସିବା ପାଇଁ କାମ ହେଉଛି। ଆଗାମୀ ତିନି ଚାରି ମାସ ଭିତରେ ବାକି ସମସ୍ତ କାମ ପରେ ପିଡବ୍ଲୁଡି ବିଲଡିଂ ହସ୍ତାନ୍ତର କରିବ। ତାପରେ ରାଡାର୍ ବସିବ। ବିଲଡିଂ ହସ୍ତାନ୍ତର ପରେ କାର୍ଯ୍ୟାଳୟ ସେଠାକୁ ସ୍ଥାନାନ୍ତର ହେବ।

## ଦୁଇ ଦୁର୍ଘଟଣାରେ ୨ ମୃତ

ଆନନ୍ଦପୁର, ୧୪।୬ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ସମ୍ପର୍କୀୟ ଆସି ନଥିବାରୁ ମୃତଦେହ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରଖାଯାଇଛି। ସୂଚନାନୁସାରେ, ଶନିବାର ଅପରାହ୍ଣ ୩ଟାରେ କୋଳିମାଟି ନିକଟରେ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ବାହାନଗା ଅଞ୍ଚଳର ସୁଦୀପ ମହାରଣା (୨୮)ଙ୍କ ମୃତ୍ୟୁ ହୋଇଥିଲା। ବାଇକରେ ଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସେହିପରି ଅପରାହ୍ଣ ସାଢ଼େ ୨ଟା ବେଳେ ଘସିପୁରା ବାଇପାସ୍ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ସଠିକ ସ୍ପଷ୍ଟ ହୋଇପାରିନାହିଁ। ଘସିପୁରା ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

# ବାତ୍ୟା ଆଶ୍ରୟସ୍ଥଳ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ



ଅସ୍ତରଙ୍ଗ,୧୪।୬(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅସନ ଗ୍ରାମରେ ଥିବା ଏକ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ଓ ରଙ୍ଗ ମାରିବାକୁ ନେଇ ଶନିବାର ପୂର୍ବାହ୍ଣରେ ଦୁଇଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୮ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଅସନ ଗ୍ରାମର ଦେବକୀ ମଲ୍ଲିକଙ୍କ ପକ୍ଷରୁ ଥାନାରେ ୧୭ଜଣଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ହୋଇଛି। ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଏବଂ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆରସିଂ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନାନୁଯାୟୀ, ବ୍ଲକ୍ ଆପାତ୍‌କାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଅସନ ବାତ୍ୟା ଆଶ୍ରୟସ୍ଥଳକୁ ମରାମତି ଓ ରଙ୍ଗ କରିବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସମ୍ପୃକ୍ତ ଆଳସାହି ପଞ୍ଚାୟତ ବିଜେଡି ସମର୍ଥିତ ସରପଞ୍ଚ ସେଠାରେ ଥିବା ୱାର୍ଡ ସଭ୍ୟମାନଙ୍କୁ ଦାୟିତ୍ୱ ଦେଇଥିଲେ। ଗତ ୩ଦିନ ଧରି ୱାର୍ଡସଭ୍ୟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଥିବା ବେଳେ ଶନିବାର ବାତ୍ୟା ଆଶ୍ରୟସ୍ଥଳୀକୁ ରଙ୍ଗ ମାରୁଥିବା ସମୟରେ ବିଜେପି ସମର୍ଥିତ ପଡ଼ୋଶୀ ପାଟସୁନ୍ଦରପୁର ଗ୍ରାମ ଓ ଅସନ ଗ୍ରାମର ଅନ୍ୟ ଏକ ମିଳିତ ଗୋଷ୍ଠୀ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ମାରଣାସ୍ତ୍ର ଧରି ରଙ୍ଗ କାମ କରୁଥିବା ଲୋକମାନଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୮ ଜଣ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗ୍ରାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ଥାନା ଅଧିକାରୀ ଶ୍ରୀ ବଳିଆରସିଂ କୁହନ୍ତି, ପରିସ୍ଥିତି ଉପରେ ପୁଲିସ ନଜର ରଖିବା ସହ ହୋଇଥିବା ଗୋଟିଏ ଲିଖିତ ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇଛି।

## ପୋଖରୀ କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସିମୁଳିଆ,୭।୬(ସମିସ): ପୋଖରୀ କୂଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍ ଅଧୀନ ଈଶ୍ୱରପୁର ପଞ୍ଚାୟତ ଚନ୍ଦ୍ରପଡ଼ା ଗ୍ରାମର ବୁଦ୍ଧିରାମ ଦାଶଙ୍କ ପୁତ୍ର ବସନ୍ତ ଦାଶ। ଗତକାଲି ବସନ୍ତ ଘରୁ ବାହାରକୁ ଯାଇ ଆଉ ଫେରିନଥିଲେ। ଆଜି ଅଡା କେନାଲରୁ ୨୦୦ ମିଟର ଦୂରରେ ଥିବା ପଦ୍ମ ପୋଖରୀ କୂଳରେ ସେ ପଡ଼ିଥିବାର ଅଞ୍ଚଳବାସୀ ଦେଖିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବସନ୍ତକୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବାସହ ଅଧିକ ତଦନ୍ତ ଜାରି ରଖିଛି।

ଅଣସର ସମୟର ନିଷିଦ୍ଧ ନିୟମ

# ଦଇତାପତିଙ୍କ ଘରକୁ ଆସି ନ ଥା'ନ୍ତି ବନ୍ଧୁବାନ୍ଧବ

ପୁରୀ,୧୪।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ଅଣସର ଘରେ ଚାଲିଛି ଗୁପ୍ତ ସେବା। ବେଶ୍ ନିଷ୍ଠା ଓ ଏକାଗ୍ରତାର ସହ ଗୋଷ୍ଠୀଗତ ଭାବେ ସେବା କରୁଛନ୍ତି ଦଇତାପତି। ତେବେ ଏହି ସମୟରେ ଦଇତାପତି ପରିବାରର କେତେକ ନିଷିଦ୍ଧ ନିୟମ ରହିଛି। ଅଣସର ସମୟରେ ଦଇତାପତି ପରିବାରର ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥା'ନ୍ତି। ଠାକୁର ଅଣସରରେ ଥିବା ବେଳେ ଏଭଳି କିଛି ନିୟମ ପାଳନ କରନ୍ତି ଦଇତାପତି ପରିବାର।

ଏ ସମ୍ପର୍କରେ ଦଇତାପତି ସେବକ କୁହନ୍ତି, ଅଣସରରେ ପ୍ରତ୍ୟେକ ଦଇତାପତି ପରିବାର ଶୁଦ୍ଧପୂତ ଭାବେ ରୁହନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ପୂର୍ବରୁ ଘର, ପୋଷାକପତ୍ର ଇତ୍ୟାଦି ସଫା କରାଯାଏ। ରୋଷେଇ ଘର, ଠାକୁର ଘର ଭଲ ଭାବେ ଧୂଆ ହୋଇ ଧଉଳା ଯାଏ। ସ୍ନାନପୂର୍ଣ୍ଣିମା ଦିନ ସ୍ନାନ ଜଳ ଆସିବା ପରେ ବଡ଼ବଡ଼ିଆଙ୍କୁ ଲାଗି କରାଯାଏ। ଏହି ସ୍ନାନ ଜଳ ମାଟି ହାଣ୍ଡିରେ ପଡ଼ିବା ପରେ ହବିଷ୍ୟାନ୍ନ ପ୍ରସ୍ତୁତ ହୁଏ। ଦଇତାପତି ପରିବାରର ସ୍ତ୍ରୀ ଲୋକମାନେ ପାଟଶାଢ଼ି ପରିଧାନ କରି କାଠ ଚୁଲିରେ ହବିଷ୍ୟାନ୍ନ ତିଆରି କରିଥା'ନ୍ତି। ବର୍ତ୍ତମାନ ସମସ୍ତଙ୍କ ଘରେ କାଠ ଚୁଲି ନଥିଲେ ବି ଅଧିକାଂଶ ପରିବାର କାଠ ଚୁଲିରେ ହବିଷ୍ୟାନ୍ନ ପ୍ରସ୍ତୁତ କରନ୍ତି। ଯାହାର କାଠ ଚୁଲି ନାହିଁ, ସେମାନେ ନୂଆ ଗ୍ୟାସ୍ ଚୁଲାରେ ହବିଷ୍ୟାନ୍ନ ତିଆରି କରନ୍ତି। ଶ୍ରୀମନ୍ଦିରରେ ଯେଉଁଭଳି ପାରମ୍ପରିକ ଭାବେ ବିଭିନ୍ନ ପରିବା ପଡ଼ି ଡାଲମା ଏବଂ ଅନ୍ନ ତିଆରି ହୁଏ ସେହିପରି ଡାଲମା, ଅନ୍ନ ପ୍ରତ୍ୟେକ ପରିବାରରେ ହୁଏ। ଯିଏ ଯେଉଁଆଡ଼େ ଯାଇଥା'ନ୍ତି ସୂର୍ଯ୍ୟାସ୍ତ ପୂର୍ବରୁ ଫେରି ହବିଷ୍ୟାନ୍ନ ସେବନ କରନ୍ତି।

ଦଇତାପତି ପରିବାରର ସମସ୍ତ ସଦସ୍ୟ ଅର୍ଥାତ୍ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଦିନକୁ ଗୋଟିଏଥର ହବିଷ୍ୟାନ୍ନ ଖାଆନ୍ତି। କେହି ବାହାରେ କିଛି ବି ଖାଦ୍ୟ ଗ୍ରହଣ କରନ୍ତି ନାହିଁ କି ପାଣି ମଧ୍ୟ ପିଅନ୍ତି ନାହିଁ। କୌଣସି ପରିବାରରେ ଯଦି କେହି ବାହାରେ ଚାକିରି କରୁଥିବେ, ତେବେ ଅଣସର ଲାଗି ଛୁଟି ଆଣି ଘରକୁ ଆସନ୍ତି। ଶୁଦ୍ଧପୂତ ଭାବେ ପରିବାର ସଦସ୍ୟଙ୍କ ସହ ରହି ସମସ୍ତ ନୀତିନିୟମ ପାଳନ କରିଥା'ନ୍ତି। ଏହି ସମୟରେ ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥା'ନ୍ତି। ଭିକାରୀଙ୍କୁ ବି ଭିକ୍ଷା ଦିଆଯାଇନଥାଏ। ଅଣସରରେ ମହାପ୍ରଭୁ ଖଟ, ପଲଙ୍କ, ଗଦି, ମାଣ୍ଡି(ତକିଆ) କିଛି ବି ବ୍ୟବହାର କରୁନଥିବାରୁ ଦଇତା ପରିବାରରେ ମଧ୍ୟ ଏହା ବ୍ୟବହାର ହୋଇନଥାଏ। ମୋଟାମୋଟି ସମସ୍ତେ ବିଳାସବ୍ୟସନରୁ ଦୂରେଇ ରହିବାକୁ ଚେଷ୍ଟା କରିଥା'ନ୍ତି। ଏପରିକି, ଏହି ସମୟରେ ଦଇତାପତି ପରିବାର ସଦସ୍ୟମାନେ ସୁନା ଅଳଙ୍କାର ପ୍ରାୟ ପିନ୍ଧନ୍ତି ନାହିଁ।

## ବାପାକୁ ପିଟିପିଟି ହତ୍ୟା

ସାରସକଣା, ୧୪।୬(ସମିସ): ଜନ୍ମକଲା ବାପକୁ ପିଟିପିଟି ହତ୍ୟା କଲା ନିଶାସକ୍ତ ପୁଅ। ଏଭଳି ଏକ ଘଟଣା ଘଟିଛି ସାରସକଣା ବ୍ଲକ ଯେକା ଗ୍ରାମରେ। ସୂଚନାନୁସାରେ, ଗୁରୁବାର ଗ୍ରାମର ଜଟିଆ ମୁଣ୍ଡାଙ୍କ ସହ ନିଶାସକ୍ତ ବଡ଼ପୁଅ ଚନ୍ଦନର ପାଟିତୁଣ୍ଡ ହୋଇଥିଲା। ଶେଷରେ ଉତ୍ତ୍ୟକ୍ତ ହୋଇ ଚନ୍ଦନ ଏକ କଠଫାଳିଆରେ ବାପ ଜଟିଆଙ୍କୁ ପ୍ରବଳ ମାଡ଼ ମାରିଥିଲା। ଫଳରେ ଜଟିଆ ଗୁରୁତର ହୋଇପଡ଼ିଥିଲେ। ସାନପୁଅ ବାପକୁ ଉଦ୍ଧାର କରି ଶୀର୍ଷା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଗୁରୁତର ହେବାରୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଜଟିଆଙ୍କ ମୃତ୍ୟୁ ଘଟିଛି। ସାନପୁଅର ଲିଖିତ ଅଭିଯୋଗ ପରେ ଝାରପୋଖରିଆ ପୁଲିସ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଛି। ପୂର୍ବରୁ ମଧ୍ୟ ଚନ୍ଦନ ନିଶାସକ୍ତ ଅବସ୍ଥାରେ ଘରେ ଗଣ୍ଡଗୋଳ କରୁଥିଲା।

## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ଝୁଲିପଡ଼ିଲା ସ୍ୱାମୀ

ପଦ୍ମପୁର,୧୪।୬(ସମିସ): ସ୍ତ୍ରୀକୁ ଟାଙ୍ଗିଆରେ ହାଣିବା ପରେ ବେକରେ ରଶି ଲଗାଇ ଝୁଲିପଡ଼ିଲା ସ୍ୱାମୀ। ପଦ୍ମପୁର ଥାନା ଭେଡେଁରିଆ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନାନୁସାରେ, ଗାଁର ଶ୍ୟାମସୁନ୍ଦର ଭୋଇ ଓ ତାଙ୍କ ସ୍ତ୍ରୀ ରତ୍ନୀ ଭୋଇଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ମଦ୍ୟପ ସ୍ୱାମୀ ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ପରିବାରଲୋକେ ଆହତ ରତ୍ନୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ପରେ ଶ୍ୟାମସୁନ୍ଦର ଘରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲା।

'୫-ଟି' ସ୍କୁଲରେ ରଙ୍ଗ ଦେଇ ପିଏମ୍‌ଶ୍ରୀ ବିଦ୍ୟାଳୟ ଉଦ୍‌ଘାଟନ କଲେ ମନ୍ତ୍ରୀ

# ବାହାରେ ଚକାଚକ; ଭିତରେ ଫମ୍ପା

ମୋରଡ଼ା,୧୪।୬(ସମିସ): ସ୍ଥାନୀୟ ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ମୋରଡ଼ା ବ୍ଲକ ଗସ୍ତରେ ଆସି ୩ଟି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ସେ ଭାଲିଆଡିହା ପଞ୍ଚାୟତ ସୁନାହଜା ଗ୍ରାମରେ ଏକ ଛଉ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ପରେ ଘୋଳମୁହାଁରେ ବିକାଶ ବାହାନ ରଥକୁ ଶୁଭାରମ୍ଭ କରିଥିଲେ। ତା' ପରେ ଗଡ଼ିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ରଙ୍ଗ ବଦଳାଇ ଉକ୍ତ ବିଦ୍ୟାଳୟକୁ ଫିତାକାଟି ପିଏମଶ୍ରୀ ବିଦ୍ୟାଳୟ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଅଣାକର ନାୟକ, ସିଡିପିଓ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବ ସରକାର ସମୟରେ ୫-ଟି ଯୋଜନାରେ ନିର୍ମାଣ କରାଯାଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ସରକାର ରଙ୍ଗ ବଦଳାଇ ଉଦ୍‌ଘାଟନ କରୁଛନ୍ତି। ବିଦ୍ୟାଳୟରେ ଏକ ଜିମ୍ନାସିୟମ ସ୍ଥାପନ କରି ନାମ ପରିବର୍ତ୍ତନ କରାଯାଇଛି। ଦୀର୍ଘବର୍ଷ ପୂର୍ବରୁ ଭଙ୍ଗାରୁଜା ଅବସ୍ଥାରେ ପଡିଥିବା ମାଟିକାନ୍ଥକୁ ମଧ୍ୟ ରଙ୍ଗ ଦିଆଯାଇଛି।



# ୭୬ ବର୍ଷରେ ପଦାର୍ପଣ କଲେ ଓଡ଼ିଶାର ମସଲା ସମ୍ରାଟ ଡ. ଶରତ କୁମାର ସାହୁ

ଓଡ଼ିଶାର ଅଗ୍ରଣୀ ମସଲା ଉଦ୍ୟୋଗ ତଥା ପୂର୍ବ ଭାରତର ଅନନ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡ଼ଃ ଶରତ କୁମାର ସାହୁ ଆଜି ୭୬ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୭୬ ମସିହାରେ ଓଡ଼ିଶାରେ ପ୍ରଥମ ମସଲା ଉଦ୍ୟୋଗ ପ୍ରତିଷ୍ଠା କରି ସେ ମସଲା ସମ୍ରାଟ ବା ମସଲା ମଣିଷର ଆଖ୍ୟା ପାଇଥିବା ବେଳେ ତାଙ୍କଦ୍ୱାର ପ୍ରତିଷ୍ଠିତ ରୁଚି ଆଜି ୫୦ ବର୍ଷରେ ପଦାର୍ପଣ କରିଛି। ସେ ଓଡ଼ିଶାରେ ପ୍ରଥମ ମସଲା, ପ୍ରଥମ ଇଟାଲିୟାନ୍ ପାସ୍ତା, ପ୍ରଥମ ଫ୍ରୋଜେନ୍ ଫୁଡ୍ ଉଦ୍ୟୋଗ ଆଦି ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛନ୍ତି। ରୁଚି ଓ ଫ୍ରୋଜିଟ୍ ର ଗୁଣାତ୍ମକ ଖାଦ୍ୟକୁ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ପହଞ୍ଚାଇ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି।



ଡ଼ଃ ଶରତ କୁମାର ସାହୁ ଏକ ବ୍ୟକ୍ତି ନୁହନ୍ତି ବରଂ ଏକ ଅନୁଷ୍ଠାନ। ମାଟିକୁ ଛୁଇଁଲେ ସୁନା ହୋଇଯାଏ ନ୍ୟାୟରେ, ପ୍ରଭୁ ଲକ୍ଷେଶ୍ୱରଙ୍କ ଅପାର କରୁଣାରୁ ସେ ଅନେକ ଅସମ୍ଭବକୁ ସମ୍ଭବରେ ପରିଣତ କରି, ଓଡ଼ିଶା ଶିଳ୍ପ ଜଗତରେ ଏକ ଜ୍ୱଳନ୍ତ ଉଦାହରଣ ହୋଇପାରିଛନ୍ତି ସମସ୍ତଙ୍କ ପାଇଁ। ସେ ଜଣେ ଦରଦୀ, ପରୋପକାରୀ, ମିଷ୍ଟଭାଷୀ, ନମ୍ର, ଶାନ୍ତ, ସରଳ ବ୍ୟକ୍ତି ତଥା ଅନେକ ପ୍ରତୀଭାର ଅଧିକାରୀ। ଓଡ଼ିଶା ଓ ଓଡ଼ିଆକୁ ନେଇ ଗର୍ବ କରିଥିବା ଶ୍ରୀଯୁକ୍ତ ସାହୁ ରୁଚି ପ୍ରତିଭା ଫାଉଣ୍ଡେସନ୍ ପ୍ରତିଷ୍ଠା କରି ଅଗଣିତ ବିଦ୍ୟାର୍ଥୀ ଓ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ଓଡ଼ିଶାରେ ପ୍ରତିଭା ପୂଜନର ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଜଣେ ପୁରୁଖା କ୍ରୀଡ଼ାବିତ୍ ଭାବେ ଶୃଙ୍ଖଳା ଓ ଧୈର୍ଯ୍ୟକୁ ପାଥେୟ କରି ସେ ଜୀବନରେ ସଫଳତାର ସୋପାନ ଚଢି ଚାଲିଛନ୍ତି। ଖାଲି ବ୍ୟବସାୟ ନୁହେଁ ବରଂ ସମାଜର ବହୁବିଧ ଉନ୍ନତି କରିବା ପାଇଁ ସେ ସଂକଳ୍ପବଦ୍ଧ। ଓଡ଼ିଶାର କ୍ରୀଡ଼ା, ସାହିତ୍ୟ, କଳା, ସଂସ୍କୃତି ଆଦିର ଉନ୍ନତି ପାଇଁ ତାଙ୍କର ସାହାଯ୍ୟ, ସହଯୋଗ ଓ ସନ୍ଦେଶ ସର୍ବଦା ସ୍ମରଣୀୟ। ଅନାଗତ ଭବିଷ୍ୟତକୁ ଦେଖିପାରୁଥିବା ଏହି ମହିମା ମଣ୍ଡିତ ମଣିଷ ସଦା ସର୍ବଦା ଚେଷ୍ଟିତ ନିଜ ମାଆ ମାଟିର ସମ୍ମାନ ଓ ଗୌରବକୁ ବଢାଇବା ପାଇଁ। ହସ ବାଣ୍ଟି ପାରୁଥିବା ଏହି ସାଧାରଣ ମଣିଷଟି ଅନେକ ହୃଦୟର ମଉଡ଼ମଣି। ଜଣେ ଦକ୍ଷ ସଂଗଠକ, ଆୟୋଜକ, କ୍ରୀଡ଼ାବିତ୍, ବକ୍ତା, ବ୍ୟବସାୟୀ, ଓ ସର୍ବୋପରୀ ସମାଜସେବକ ଭାବେ ସାରା ଓଡ଼ିଶାବାସୀଙ୍କ ପାଖରେ ସେ ବେଶ୍ ପରିଚିତ। ରୁଚିର ବାସ୍ନାରେ ସାରା ଭାରତକୁ ସୁଗନ୍ଧିତ କରପାରିଥିବା ଓଡ଼ିଶାର ଜଣେ ସୁ ସନ୍ତାନ, ମାଟିର ମଣିଷ ଶ୍ରୀ ସାହୁ। ୭୬ବର୍ଷରେ ପଦାର୍ପଣ କରିଥିବା ଡ଼ଃ ସାହୁ ଏବେ ବି ବେଶ୍ ଚଳ ଚଞ୍ଚଳ ଅନେକ କିଛି କରିବା ପାଇଁ। ସେ ସ୍ୱପ୍ନଦ୍ରଷ୍ଟାଙ୍କର ଆଗାମୀ ପ୍ରକଳ୍ପ ରାମଦାସପୁର ଠାରେ ଗଢି ଉଠୁଥିବା ରୁଚିର ନୂଆ ପ୍ରକଳ୍ପ ପୁନଶ୍ଚ ସାରା ଓଡ଼ିଶା ପାଇଁ ଆଣିବ ଏକ ନୂଆ ସମ୍ଭାବନା।

ନିଜ କର୍ମ ଉପରେ ବିଶ୍ୱାସକରି ଜଣେ କର୍ମବୀର ଭାବେ ସୁନାମ ଅର୍ଜନ କରିଥିବା ଏହି ସରଳ, ନିଷ୍କପଟ ବ୍ୟକ୍ତିଙ୍କର ୭୬ ବର୍ଷରେ ପଦାର୍ପଣ ସମସ୍ତଙ୍କ ପାଇଁ ଏକ ଖୁସି ଆଉ ଆଶା ବିଶ୍ୱାସର ପ୍ରତୀକ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ପ୍ରଭୂ ଲକ୍ଷେଶ୍ୱର ତାଙ୍କୁ ଆର୍ଶୀବାଦ କରନ୍ତୁ ଆହୁରି ଆଗକୁ ବଢିବା ପାଇଁ। ଡ଼ଃ ସାହୁ ସବୁବେଳେ ହସୁଥାନ୍ତୁ ଆଉ ତାଙ୍କର ଜୀବନ ରୁପକ ନନ୍ଦିଘୋଷ ଆଗକୁ ଆଗକୁ ଯାଉ ଏହାହିଁ ମାହାପଭୂଙ୍କ ପାଖରେ ରୁଚି ପରିବାରର କାମନା।

ଆଜି ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସଲିନା ସାହୁ, ରଶ୍ମୀ ସାହୁ, ରୁଚିର ମୂଖ୍ୟ ପ୍ରବନ୍ଧକ ମହେନ୍ଦ୍ର ଷଡଙ୍ଗୀ ଓ ରୁଚିର ସମସ୍ତ କର୍ମଚାରୀ ଡ଼ଃ ସାହୁଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ଅନେକ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉତ୍ତୋରତର ମଙ୍ଗଳ କାମନା କରିଥିଲେ।

ସୀମା ଲଙ୍ଘୁଛି ସାମାଜିକ ଗଣମାଧ୍ୟମ

# ନିୟନ୍ତ୍ରଣ କରିବାରେ ସରକାର ବିଫଳ

ଭଦ୍ରକ,୧୪।୬(ଉମାକଲ୍ୟାଣ ମହାପାତ୍ର): ଭଦ୍ରକ ଜିଲ୍ଲା ରାଜ୍ୟର ଅନ୍ୟତମ ପ୍ରମୁଖ ସମ୍ବେଦନଶୀଳ ଜିଲ୍ଲା ଭାବେ ରାଜ୍ୟ ତଥା ରାଜ୍ୟ ବାହାରେ ପରିଚିତ। ସାମ୍ପ୍ରଦାୟିକ କନ୍ଦଳ ଓ ହିଂସା ନେଇ ସର୍ବଦା ଚର୍ଚ୍ଚାରେ ଏହି ଜିଲ୍ଲା। ତେବେ ଗତ ବର୍ଷକ ମଧ୍ୟରେ ଜିଲ୍ଲାରେ ଏହି ସାମ୍ପ୍ରଦାୟିକ ଉତ୍ତେଜନା ଓ ସଂଘର୍ଷ ଘଟଣା ବଢ଼ି ନିୟନ୍ତ୍ରଣ ବାହାରକୁ ଯାଇଛି। ଯାହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ଗତ ମାସ ୩୦ ତାରିଖରେ ଜିଲ୍ଲାର ତିହିଡି ଥାନା କଷଟି ଅଞ୍ଚଳରେ ବେଆଇନ ଗୋ-ଚାଲାଣକାରୀଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ଭାବେ ଆହତ ହେବା ଏବଂ ୧୧ ତାରିଖରେ ମୃତ୍ୟୁବରଣ କରିବା ପରେ ସମ୍ଭାବ୍ୟ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ଏହି କାରଣରୁ ରାତିଅଧିଆ ଏସ୍‌ପି ମଡ଼କାର ସନ୍ଦୀପ ସମ୍ପଦଙ୍କୁ ବଦଳି କରି ନୂତନ ଏସ୍‌ପି ଭାବେ ଅଭିଜ୍ଞତା ସମ୍ପନ୍ନ ମନୋଜ କୁମାର ରାଉତଙ୍କୁ ଜିଲ୍ଲାକୁ ଅଣାଗଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜିଲ୍ଲାରେ ସାମାଜିକ ଗଣମାଧ୍ୟମ (ଫେସବୁକ, ଇନଷ୍ଟାଗ୍ରାମ, ୱାଟସଆପ ଆଦି...)ରେ ସୀମା ଲଙ୍ଘନ କରି ସାମ୍ପ୍ରଦାୟିକ ଉତ୍ତେଜନାମୂଳକ ପୋଷ୍ଟିଂ ଯୋଗୁଁ ଏହି ଉତ୍ତେଜନା ବା ହିଂସାତ୍ମକ ସ୍ଥିତି ବଢ଼ିବାରେ ଲାଗିଛି। ସରକାର ଏହି ଉତ୍ତେଜନା ଓ ଅଶାନ୍ତ ସ୍ଥିତିକୁ ସୁଧାରିବାରେ ବିଫଳ ହୋଇ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ କରିବା ଭଳି ପଦକ୍ଷେପ ନେଇ ସମସ୍ତଙ୍କୁ ଦୁର୍ଦ୍ଦଶାରେ ସମ୍ମୁଖୀନ ହେବାକୁ ବାଧ କରୁଛନ୍ତି।

ଗତ ୧୨ ତାରିଖ ସକାଳ ସାଢ଼େ ୬ଟାରୁ ୨୪ଘଣ୍ଟା ପାଇଁ ଭଦ୍ରକ ସହର, ଭଦ୍ରକ ବ୍ଲକ, ଧାମନଗର ଏନ୍‌ଏସି, ଧାମନଗର ବ୍ଲକ ଓ ତିହିଡି ବ୍ଲକକୁ ମିଶାଇ ୫ଟି ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଥିଲେ। ପୁଣି ଅଧିକ ୧୨ଘଣ୍ଟା ଲାଗି ଇଣ୍ଟରନେଟ୍ ସେବା ବନ୍ଦ କରି ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ସେବା ଯୋଗାଇଦେଲେ। ଅର୍ଥାତ୍ ୩୬ ଘଣ୍ଟା କାଳ ଜିଲ୍ଲାର ୩ଟି ବ୍ଲକ ଓ ୨ଟି ସହରାଞ୍ଚଳବାସୀ ଇଣ୍ଟରନେଟ ସେବାରୁ ଅକାରଣରେ ବଞ୍ଚିତ ହୋଇ ଦୁର୍ଦ୍ଦଶା ଭୋଗିବାକୁ ବାଧ ହେଲେ। ଇଣ୍ଟରନେଟ୍ ସେବା ବନ୍ଦଥିବାରୁ ଲୋକମାନେ ଦୀର୍ଘ ୩୬ ଘଣ୍ଟା ହେବ ନାନାଦି ସମସ୍ୟାରେ ସମ୍ମୁଖୀନ ହେଲେ। ବିଶେଷକରି ଯୁକ୍ତ ଦୁଇ ଓ ଯୁକ୍ତ ତିନି ପାଇଁ ନାମଲେଖା ଚାଲିଥିବା ବେଳେ ଇଣ୍ଟରନେଟ ସେବା ବନ୍ଦ ଥିବାରୁ ନାମ ଲେଖା ପାଇଁ ଛାତ୍ରଛାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଇଆଇଟି ଓ ଏନ୍‌ଆଇଟିରେ ଆଡ୍‌ମିସନ ହେଉକି ସିଲେକ୍ସନ ଏସବୁ ଖବର ମିଳିବା ସମ୍ଭବ ହୋଇପାରୁନାହିଁ। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ଇଣ୍ଟରନେଟ ସେବା ବନ୍ଦଥିବାରୁ ଆଧାରକାର୍ଡ ସଂଶୋଧନଠାରୁ ଆରମ୍ଭ କରି ପାସ୍‌ପୋର୍ଟ ସେବା ଆବେଦନ ହୋଇପାରୁନାହିଁ। ଦୂରଦୂରାନ୍ତରୁ ଜିଲ୍ଲା ମୁଖ୍ୟାଳୟକୁ ଆସୁଥିବା ଲୋକଙ୍କୁ ହତାଶ ହୋଇ ଫେରିବାକୁ ପଡିଥିଲା। ଅନୁରୂପ ଭାବେ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ଦେଖିବାକୁ ମିଳିଥିଲା। ରଜ ବଜାର ଏକପ୍ରକାର ଘାଟା ହୋଇଯାଇଥିଲା। ବର୍ତ୍ତମାନ ସମୟରେ ସବୁକିଛି ଡିଜିଟାଲ୍ ପେମେଣ୍ଟ ଉପରେ ନିର୍ଭର କରୁଥିବାରୁ କିଣାକିଣି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ଏଟିଏମ୍ ମଧ୍ୟ ଅଚଳ ରହିଥିଲା। ଫଳରେ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡ଼ିଥିଲା।

■ ୯ ମାସରେ ୨ଥର ୮୪ଘଣ୍ଟା ଇଣ୍ଟରନେଟ ସେବା ବନ୍ଦ
■ ଦୁର୍ଦ୍ଦଶା ଭୋଗୁଛନ୍ତି ଜିଲ୍ଲାବାସୀ

କେବଳ ଗତ ୨/୩ ଦିନର କଥା ନୁହେଁ, ଏହା ପୂର୍ବରୁ ଗତ ସେପ୍ଟେମ୍ବର ମାସ ୨୮ ତାରିଖରେ ଅର୍ଥାତ ୮ ମାସ ତଳେ ବି ଜିଲ୍ଲାବାସୀ ସମଦଶା ଭୋଗିଥିଲେ। ଧାମନଗର, ଦୋବଲ ଅଞ୍ଚଳରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେବା ଓ ପରେ ଭଦ୍ରକ ସହର ପୁରୁଣା ବଜାର ଅଞ୍ଚଳରେ ଏକ ଶୋଭାଯାତ୍ରାକୁ ପୁଲିସ ବିରୋଧ କରିବାରୁ ପୁଲିସ-ପବ୍ଲିକ ମୁହାଁମୁହିଁ ହୋଇଥିଲେ। ଏଥିରେ ପୁଲିସ ଅଧିକାରୀ, କର୍ମଚାରୀ ଆକ୍ରମଣରେ ଲହୁଲୁହାଣ ହୋଇଥିଲେ। ଏହି ଘଟଣାରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗତ ସେପ୍ଟେମ୍ବର ୨୮ ତାରିଖରେ ଜିଲ୍ଲାବ୍ୟାପୀ ୪୮ ଘଣ୍ଟା କାଳ ଇଣ୍ଟରନେଟ୍ ସେବା ବନ୍ଦ କରିଥିଲେ। ଫଳରେ ଜିଲ୍ଲାର ସବୁ ବର୍ଗ ଲୋକେ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେବାକୁ ବାଧ ହୋଇଥିଲେ। ଏପରିକି, ସବୁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଖବର ପ୍ରସାରଣ ଲାଗି ଜିଲ୍ଲା ସୀମା ଅତିକ୍ରାନ୍ତ କରି ପଡ଼ୋଶୀ ଜିଲ୍ଲାକୁ ଇଣ୍ଟରନେଟ ପାଇଁ ଧାଇଁବାକୁ ପଡ଼ିଥିଲା। ନୂତନ ସରକାରର ବର୍ଷକ ମଧ୍ୟରେ ଦୁଇ ଦୁଇଥର ନିହାତି ଜରୁରୀ ଇଣ୍ଟରନେଟ ସେବାକୁ ୮୪ ଘଣ୍ଟା ଲାଗି ବନ୍ଦ କରିବା ସରକାର ଓ ପ୍ରଶାସନର ବିଫଳତାକୁ ସ୍ପଷ୍ଟ କରୁଥିବା ସ୍ୱତଃ ପ୍ରମାଣିତ କରୁଛି। ଫଳରେ ନିରୀହ ଜିଲ୍ଲାବାସୀଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।

# ପରିଚୟ ଦେଇଛି ବନ୍ୟପ୍ରାଣୀ ଫଟୋଗ୍ରାଫି



## ଅପରୁପା ଦେ



ଅପରୁପା ଦେ ଜଣେ ବନ୍ୟପ୍ରାଣୀ ଫୋଟୋଗ୍ରାଫର ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ନିଜର ଫଟୋଗ୍ରାଫି କଳା ମାଧ୍ୟମରେ ପରିବେଶ, ପଶୁପକ୍ଷୀ ସମେତ ଭାରତର ଜୈବବିବିଧତାକୁ ଦର୍ଶାଇଥାନ୍ତି । ଫଟୋଗ୍ରାଫି ପାଇଁ ସେ ବହୁ ବର୍ଷ ସମୟ ଦେଇଛନ୍ତି । ଫୋଟୋଗ୍ରାଫି ମାଧ୍ୟମରେ ଅନେକ ହଜି ଯାଉଥିବା ପ୍ରଜାତିଙ୍କ ସହ ସେ ଲୋକମାନଙ୍କୁ ପରିଚିତ କରାଇଥାନ୍ତି । ତାଙ୍କ ଉତ୍ତୋଳିତ ଫଟୋ କେବଳ ବନ୍ୟପ୍ରାଣୀଙ୍କ ପାଇଁ ଥିବା ଭଲ ପାଇବାକୁ ଦର୍ଶାଏ ନାହିଁ, ବରଂ ପରିବେଶ ସଂରକ୍ଷଣ ପାଇଁ ସମାଜକୁ ବାର୍ତ୍ତା ପ୍ରେରଣ କରିଥାଏ ।

## ଆରଜୁ ଖୁରାନା



ଭାରତରେ ପ୍ରସିଦ୍ଧି ଲାଭ କରିଥିବା ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର୍‌ଙ୍କ ମଧ୍ୟରୁ ଆରଜୁ ଖୁରାନା ଅନ୍ୟତମ । ସେ ଆଇନ୍‌ରେ ସ୍ନାତକ କରି ଫଟୋଗ୍ରାଫି ଦୁନିଆରେ ପାଦ ଥାପିଥିଲେ । ସେ ସର୍ବଦା ଆକାଶରେ ଉଡ଼ି ଯାଉଥିବା ଦଳ ଦଳ ପକ୍ଷୀଙ୍କ ଚମକଯୁକ୍ତ ରଙ୍ଗ ଓ ସୁନ୍ଦରତାକୁ ଦେଖି ବିମୋହିତ ହେଉଥିଲେ । ୧୬ ବର୍ଷ ବୟସରେ କ୍ୟାମେରା ଧରି ଫଟୋଗ୍ରାଫି ଆରମ୍ଭ କରିଥିଲେ । ଏହା ଦ୍ୱାରା ସେ ବଣ, ଜଙ୍ଗଲ, ପାହାଡ଼ ମଧ୍ୟରେ ଥିବା ପ୍ରକୃତ ସୁନ୍ଦରତାକୁ ଅନୁଭବ କରିଥିଲେ । କିନ୍ତୁ ପୁରୁଷ ପ୍ରାଧାନ୍ୟ ସମାଜରେ ଜଣେ ମହିଳା ଭାବେ ଏହି କାର୍ଯ୍ୟ କରିବା ଏତେ ସହଜ ନ ଥିଲା । ସେ ଖୁବ୍ ନିଷ୍ଠାର ସହ ଫୋଟୋଗ୍ରାଫି ଶିଖିଥିଲେ । ଏଥିପାଇଁ ତାଙ୍କୁ ପରିବାର ଲୋକେ ମଧ୍ୟ ସମର୍ଥନ କରିଥିଲେ । ୨୬ବର୍ଷ ବୟସରେ ସେ ପରିବାର ଲୋକଙ୍କୁ ବୁଝାଇ ସୋଲୋ ଟ୍ରିପ୍ କରିଥିଲେ । ସେ ଏକାକୀ ସଡ଼କ ଯାତ୍ରାରେ ଭାରତର ୫୫ଟି ବ୍ୟାଘ୍ର ସଂରକ୍ଷଣ ବୁଲିଥିଲେ । ଏଥିପାଇଁ ଛଅମାସରେ ୩୭,୦୦୦ କିଲୋମିଟର ଦୂରତା ଅତିକ୍ରମ କରିଥିଲେ ।

## ଐଶ୍ବର୍ଯ୍ୟା ଶ୍ରୀଧର



ପ୍ରଥମ ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର ଭାବେ ଐଶ୍ବର୍ଯ୍ୟା ୨୩ ବର୍ଷ ବୟସରେ 'ଫଟୋଗ୍ରାଫର ଅଫ୍ ଦି ଇୟର' ପୁରସ୍କାର ଜିତିଥିଲେ । ପିଲାବେଳୁ ତାଙ୍କର ବନ୍ୟପ୍ରାଣୀ ଫଟୋଗ୍ରାଫି ପ୍ରତି ରୁଚି ରହିଥିଲା । ଯାହାର ଫଳସ୍ୱରୂପ ସେ ମାତ୍ର ଏଗାର ବର୍ଷ ବୟସରେ ଫଟୋଗ୍ରାଫି ଆରମ୍ଭ କରିଥିଲେ । ତାଙ୍କ ପିତା ବମ୍ବେ ନାଚୁରାଲ୍ସ ହିଷ୍ଟ୍ରି ସୋସାଇଟିର ସଦସ୍ୟ ଥିଲେ । ତେଣୁ ସେ ନିଜ ପିତାଙ୍କ ସହ ସବୁ ସ୍ଥାନକୁ ଯାଉଥିଲେ । ତାଙ୍କ ପିତାଙ୍କ ଠାରୁ ସେ ଫଟୋଗ୍ରାଫି ଦିଗରେ ପ୍ରେରଣା ପାଇଥିଲେ । ଆଖପାଖରେ ଯାହା ସବୁ ଦେଖୁଥିଲେ ତାକୁ କ୍ୟାମେରାରେ ଉଠାଉଥିଲେ । ଫଳରେ ସ୍ନାତକ ଶିକ୍ଷା ସମାପ୍ତି ପରେ ସେ ବନ୍ୟପ୍ରାଣୀ ଫଟୋଗ୍ରାଫର ହୋଇଥିଲେ । ଘଞ୍ଚ ଜଙ୍ଗଲ ମଧ୍ୟରେ ହିଂସ୍ର ପ୍ରାଣୀଙ୍କ ଫଟୋ ଉତ୍ତୋଳନ କରିବାକୁ ସେ ଡରନ୍ତିନି । ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ରହିବାକୁ ସେ ଖୁବ୍ ଭଲପାଆନ୍ତି । ଫଟୋଗ୍ରାଫି କେବଳ ନିଶା ନୁହେଁ, ଏଥିରୁ ଜୀବନର ଅନେକ କଥା ଶିଖିବାକୁ ମିଳିଥାଏ ବୋଲି ସେ କୁହନ୍ତି । ସେ ନିଜର ଫଟୋଗ୍ରାଫି ପାଇଁ 'ସାଞ୍ଚୁରୀ ଏସିଆ ୟଙ୍ଗ୍ ନାଚୁରାଲ୍ଷ୍ଟି ଆୱାର୍ଡ' ସମେତ 'ଇଣ୍ଟରନ୍ୟାସ୍‌ନାଲ୍ କ୍ୟାମେରା ଫେୟାର୍ ଆୱାର୍ଡ' ପାଇଛନ୍ତି ।

**ବନ୍ୟପ୍ରାଣୀ ଫଟୋଗ୍ରାଫିକୁ ପୁରୁଷମାନଙ୍କ କାର୍ଯ୍ୟ ବୋଲି କୁହାଯାଏ । କାରଣ ଏହା ଏକ ଆହ୍ୱାନପୂର୍ଣ୍ଣ ବୃତ୍ତି ଭାବରେ ଜଣାଯାଏ । ଏଥିରେ ଧୈର୍ଯ୍ୟ, ସାହସ, କୌଶଳ ଓ ଦୃଢତାର ଆବଶ୍ୟକତା ରହିଥାଏ । କିନ୍ତୁ ସମୟ ବଦଳିଛି । ଫଟୋଗ୍ରାଫି ଯାହା କେବଳ ପୁରୁଷଙ୍କ କ୍ଷେତ୍ରରେ ସମ୍ଭବ ଥିଲା, ତାହା ଏବେ ମହିଳାମାନେ କରି ଦେଖାଉଛନ୍ତି । ପ୍ରକୃତିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କ୍ୟାମେରା ଲେନ୍ସରେ କଏଦ କରି ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଅନେକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆଣିଛନ୍ତି। ସମାଜର କଟକଣା, କଟାକ୍ଷ, ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ଫଟୋଗ୍ରାଫି କରି ସେମାନଙ୍କ ସାହସ ଓ ଦକ୍ଷତାକୁ ପ୍ରତିପାଦନ କରିଛନ୍ତି । ସେହିପରି କେତେକ ପ୍ରସିଦ୍ଧି ଲାଭ କରିଥିବା ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କୁ ନେଇ ଏହି ଉପସ୍ଥାପନା ।**

# କଳାଦାଗ ଦୂର କରିବ ଆଇପ୍ୟାଚ୍

ବ୍ୟସ୍ତ ଜୀବନଶୈଳୀ, ନିଦ୍ରାଭାବ କାରଣରୁ ଅନେକ ସମୟରେ ଆଖିତଳ କଳାପଡ଼ିଯାଏ । ଏଥିସହ କୁଞ୍ଚନ ସମସ୍ୟା ମଧ୍ୟ ଦେଖାଯାଏ । ଏହା ମୁହଁର ସୌନ୍ଦର୍ଯ୍ୟକୁ କମ୍ କରିଥାଏ । ତେଣୁ ଅଧିକାଂଶ ଲୋକେ ଏହି କଳାଦାଗକୁ ମେକ୍‌ଅପ୍ କରି ଲୁଚାଇ ଥାଆନ୍ତି । ହେଲେ ଏହା ସବୁବେଳେ କରିବା ଅନେକଙ୍କ ପକ୍ଷେ ସମ୍ଭବ ନୁହେଁ, ତେଣୁ ଚାହିଁଲେ ଘରେ ଆଇପ୍ୟାଚ୍ ପ୍ରସ୍ତୁତ କରି ଆଖିତଳ ଦାଗ ଦୂର କରିପାରିବେ ।



- ଗୋଟିଏ ପାତ୍ରରେ ଏକ ଚାମଚ ଆଲୋଭେରା ଜେଲ୍, କାକୁଡ଼ି ରସ, ଗୋଲାପ ଜଳ ଓ ଏକ ଭିଟାମିନ୍ କ୍ୟାପ୍‌ସୁଲ୍ ମିଶାନ୍ତୁ । ଏହାକୁ କଟନପ୍ୟାଡରେ ବୁଡ଼ାଇ ଫ୍ରିଜ୍‌ରେ ଦଶ ମିନିଟ୍ ରଖି ଆଖି ତଳେ ଲଗାଇପାରିବେ । ଏହା ଆଖିତଳ ଦାଗ ସହ ଚର୍ମ କୁଞ୍ଚନ ଦୂର କରିଥାଏ ।
- ଦୁଇଟି ଗ୍ରୀନ୍ ଟି ପ୍ୟାଚ୍‌କୁ ଗରମ ପାଣିରେ ବୁଡ଼ାଇ ଥଣ୍ଡା କରନ୍ତୁ । ଏଥିରେ ମହୁ, ଗୋଲାପ ଜଳ, ଭିଟାମିନ୍ – ଇ କ୍ୟାପ୍‌ସୁଲ ମିଶାନ୍ତୁ । ଏହାକୁ ଆଖି ତଳେ ଲଗାଇ କିଛି ସମୟ ରଖନ୍ତୁ ।
- ସେହିପରି ଗୋଟିଏ କଞ୍ଚାଆଳୁ ଛିଲ୍‌କାରେ ଘଷି ସେଥିରେ ଏକ ଚାମଚ କ୍ଷୀର ଓ ଗୋଲାପଜଳ ମିଶାଇ ଫେଣ୍ଟି ଦିଅନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ଥଣ୍ଡା ହୋଇଗଲେ ଆଖି ତଳେ ଲଗାନ୍ତୁ ।

ମୋ ହାଣ୍ଡିଶାଳରୁ...

# ଆମ୍ବ ପୋଡ଼ପିଠା



### ଆବଶ୍ୟକ ସାମଗ୍ରୀ

ପାଚିଲା ଆମ୍ବ- ତିନୋଟି, ଅରୁଆ ଚାଉଳ - ଦୁଇ କପ୍, ଚିନି - ଏକ କପ୍, ଛେନା - ଏକ କପ୍, ନଡ଼ିଆ -ଏକ କପ୍, କାଜୁ- ଅଧା କପ୍, ଗୁଜୁରାତି - ଦୁଇଟି, ଗୋଲମରିଚ - ତିନି ଚାରୋଟି, ବିଟ ଲୁଣ - ଅଧ ଚାମଚ, କିସ୍‌ମିସ୍ - ଆଠ ଦଶଟି, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପାଚିଲା ଆମ୍ବରୁ ଚୋପା ଛଡ଼ାଇ ରସକୁ ବାହାର କରି ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ଏହାପରେ ସେହି ଗ୍ରାଇଣ୍ଡିଂ ଜାର୍‌ରେ ବତୁରା ଅରୁଆ ଚାଉଳ, ଛେନା, କୋରା ନଡ଼ିଆ, କଟା କାଜୁ, ଗୋଲମରିଚ, ଗୁଜୁରାତି, ଚିନି ସମେତ ଅଳ୍ପ ବିଟ ଲୁଣ ଓ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହା ପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇଆସିଲେ ସେଥିରେ କାଜୁ, କିସ୍‌ମିସ୍ ଓ ନଡ଼ିଆ କୋରା ପକାଇ ପିଠାଖଡ଼ିକାରେ ଏପାଖ ସେପାଖ କରି ଦିଅନ୍ତୁ । ଏହାପରେ ବାଟି ରଖିଥିବା ଚାଉଳ ପେଷ୍ଟକୁ ଦେଇ ପିଠାଖଡ଼ିକାରେ ଗୋଳାଇ ଦିଅନ୍ତୁ । ଏହାପରେ ଆମ୍ବରସକୁ ଦେଇ ବହଳିଆ ହେବା ଯାଏ ଘାଣ୍ଟନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଗୋଟିଏ ପ୍ରେସର୍ କୁକର୍ ନେଇ ସେଥିରେ ସାମାନ୍ୟ ତେଲ ଘସି ଶାଳ ତଥା କଦଳୀ ପତ୍ର ଦେଇ ବଟାକୁ ପକାଇ ଭଲ ଭାବେ ଖେଳାଇ ଦିଅନ୍ତୁ । ଏହା ଉପରେ ଏକ ପତ୍ର ଘୋଡ଼ାଇ ଗ୍ୟାସ୍‌ରେ ବସାଇ ବାମ୍ଫ ଦିଅନ୍ତୁ । ଅଧ ଘଣ୍ଟା କିମ୍ବା ୪୫ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ଏହାକୁ ଗୋଟିଏ ପ୍ଲେଟ୍‌କୁ କାଢ଼ି ଖଣ୍ଡ କରି ପରଷନ୍ତୁ 'ଆମ୍ବ ପୋଡ଼ପିଠା' ।

# ଗିଂଘମ୍ ଫେଶନ୍



**ସାଧାରଣତଃ ଖରାଦିନେ ସମସ୍ତେ ସୂତାପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ହାଲୁକା ସହ ଆରାମଦାୟ ହୋଇଥାଏ । ଖରାଦିନେ ସୂତା ପୋଷାକ ଭଳି ପ୍ରିଣ୍ଟର ମଧ୍ୟ ଗୁରୁତ୍ୱ ରହିଥାଏ । ଯାହା ଆଖିକୁ ସୁନ୍ଦର ଦେଖାଯିବା ସହ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ । ତେଣୁ ଏହି ଦିନେ ଗିଂଘମ୍ ପ୍ରିଣ୍ଟର ଚାହିଦା ଅଧିକ ରହିଥାଏ । ଏ ପ୍ରକାର ପ୍ରିଣ୍ଟ ଥିବା ପୋଷାକ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।**

### ଡ୍ରେସ୍

ଏଥିରୁ ଉଭୟ ଆଧୁନିକ ଓ ନବେ ଦଶକର ଭାଇବ୍ସ ମିଳିଥାଏ । ଏହାକୁ ପିନ୍ଧି ପାର୍ଟି, ଫଙ୍କସନ ଆଦିକୁ ଯାଇପାରିବେ । ଏହା ଷ୍ଟାଇଲିଶ୍ ସହ ଆକର୍ଷଣୀୟ ଦିଶିଥାଏ ।

### ପ୍ୟାଣ୍ଟ୍

ଗିଂଘମ୍‌ର ଅର୍ଥ କେବଳ ବଜାର ତଥା ପିକ୍‌ନିକ୍ ଯିବା ଆଉଟ୍‌ଫିଟ୍‌ରେ ସୀମିତ ନୁହେଁ, ଏ ପ୍ରକାର ପ୍ରିଣ୍ଟ ପ୍ୟାଣ୍ଟ୍‌ରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ ।

### ସଟ୍‌ସ

ଖରାଦିନେ ଆରାମ ସହିତ ଷ୍ଟାଇଲିଶ୍ ଲୁକ୍ ପାଇବାକୁ ଚାହିଁଥିଲେ, ଗିଂଘମ୍ ପ୍ରିଣ୍ଟ ଥିବା ସଟ୍‌ସ ପିନ୍ଧିପାରିବେ । ଏଥିରୁ ଏକ ଫିନିଶ୍ ଲୁକ୍ ମିଳିଥାଏ । ଏଥି ସହ ଧଳା କିମ୍ବା ପେଷ୍ଟାଲ୍ ରଙ୍ଗର ଟପ୍ସ ପିନ୍ଧିଲେ ଭଲ ମାନିଥାଏ ।

### ଗିଂଘମ୍ ଆସେସରିଜ୍

ଗିଂଘମ୍ ପ୍ରିଣ୍ଟ ପୋଷାକ ଭଳି ଗିଂଘମ୍ ଆସେସରିଜ୍‌ର ମଧ୍ୟ ଚାହିଦା ରହିଛି । ଗିଂଘମ୍ ହେଡ୍‌ବ୍ୟାଣ୍ଡରୁ ନେଇ ଟୋଟ୍ ବ୍ୟାଗ୍, ହେୟାର୍ କ୍ଲିପ୍ ଆଦି ରହିଛି । ଏହାକୁ ଲଗାଇ ଏଥିରୁ ଏକ କ୍ୟୁଟ୍ ଲୁକ୍ ପାଇପାରିବେ । ବିଶେଷ କରି ଯୁବତୀମାନଙ୍କୁ ଏହି ଆସେସରିଜ୍ ଖୁବ୍ ପସନ୍ଦ ।

# କେଶଝଡ଼ା ରୋକିବ ଅଦା ପାଣି

**କେଶ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ତେଣୁ ସମସ୍ତେ ଘନ, ଲମ୍ବା କେଶ ଚାହାନ୍ତି । ଏଥିପାଇଁ ବିଭିନ୍ନ ରସାୟନିକ ପ୍ରସାଧନ ମଧ୍ୟ ଲଗାଇଥାନ୍ତି । ହେଲେ ବର୍ତ୍ତମାନର ଜୀବନଶୈଳୀ, ଧୂଳିମାଟି, ପ୍ରଦୂଷଣ ଯୋଗୁଁ ଅଧିକ କେଶଝଡ଼ା ସମସ୍ୟା ଦେଖାଯାଉଛି । ସେହିପରି କେଶ ଧଳା ଏବେର ଏକ ମୁଖ୍ୟ ସମସ୍ୟା ପାଲଟିଛି । ତେଣୁ କେଶକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାକୁ ଚାହୁଁଥିଲେ, ଅଦା ପାଣି ବ୍ୟବହାର କରିପାରିବେ ।**

### ସ୍ପ୍ରେ ପ୍ରସ୍ତୁତି

ଏଥିପାଇଁ ଏକ କପ୍ ପାଣିରେ ତିନି ଇଞ୍ଚ ଅଦା ପକାଇ ଫୁଟାନ୍ତୁ । ଏହାକୁ ଦୁଇମିନିଟ୍ ଫୁଟାଇ ଏକ ପାତ୍ରକୁ କାଢ଼ି ଛାଣି ଗୋଟିଏ ବୋତଲରେ ଭର୍ତ୍ତି କରିଦିଅନ୍ତୁ । ସେହିପରି କେଶ ରୁକ୍ଷ ଓ ଶୁଷ୍କ ଥିଲେ ସେଥିରେ ଅଲିଭ୍ ଅଏଲ୍ ଓ ମହୁ ମିଶାନ୍ତୁ । ଏଥିସହ ରୁପି ସମସ୍ୟା ଥିଲେ ଲେମ୍ବୁ ମିଶାଇପାରିବେ ।

### ଲଗାଇବା ବିଧି -

ସ୍ପ୍ରେ ବୋତଲରେ ଷ୍ଟୋର୍ କରି ରଖିଥିବା ଅଦା ପାଣିକୁ କେଶରେ ଅଳ୍ପ ଅଳ୍ପ ସ୍ପ୍ରେ କରି ଏହାକୁ ହାଲୁକା ହାତରେ ମସାଜ୍ କରନ୍ତୁ । କେଶରେ ଅଧିକ ରୁପି ଥିଲେ କେଶ ଧୋଇବାର ଅଧ ଘଣ୍ଟା ପୂର୍ବରୁ ଏହାକୁ ଲଗାଇ ସଫା କରନ୍ତୁ । ଏପରି ଦୁଇ ତିନି ସପ୍ତାହ ଲଗାଇବା ଦ୍ୱାରା ରୁପି ସମସ୍ୟା ଦୂର ହୋଇଥାଏ ।



# ଲାଟିନା ମେକ୍‌ଅପ୍



**ସମୟ ଅନୁସାରେ ଅନେକ ମେକ୍‌ଅପ୍ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ସେହିପରି ଏବେ ଲାଟିନା ମେକ୍‌ଅପ୍ ଚର୍ଚ୍ଚାରେ ରହିଛି । ଏହାକୁ ଯୁବତୀମାନେ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି । ତେବେ ଲାଟିନା ମେକ୍‌ଅପ୍ ଲାଟିନ୍ ଆମେରିକା ମହିଳାଙ୍କ ସୌନ୍ଦର୍ଯ୍ୟ, ଷ୍ଟାଇଲରୁ ଅନୁପ୍ରାଣିତ । ଏହା ମହିଳାଙ୍କୁ ଆକର୍ଷଣୀୟ ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ଏହି ମେକ୍‌ଅପ୍ ପ୍ରକ୍ରିୟାରେ ତ୍ୱଚାରେ ପ୍ରାକୃତିକ ଚମକ ଆସିଥାଏ । ବିଶେଷ କରି ବୋଲ୍ଡ ଲିପ୍ସ, ଶାର୍ପ ଫେସ୍ ଓ ଆଖି ମେକ୍‌ଅପ୍‌କୁ ଧ୍ୟାନ ଦିଆଯାଇଥାଏ । ଏହି ମେକ୍‌ଅପ୍ କିପରି କରିବେ ଜାଣିବା ସେ ବିଷୟରେ...**

### ଫେସ୍‌ୱାସ୍

ପ୍ରଥମେ ତ୍ୱଚାକୁ ଫେସ୍‌ୱାସ୍‌ରେ ଭଲ କରି ଧୋଇ ଦିଅନ୍ତୁ । ଏହାପରେ ହାଇଡ୍ରେଟିଂ ଟୋନର୍ ସହ ସିରମ୍ ଲଗାଇ ତ୍ୱଚାକୁ ଏକ ନରମ ବେସ୍ ଦିଅନ୍ତୁ ।

### ଫାଉଣ୍ଡେସନ୍

ମୁହଁର ରଙ୍ଗ ଅନୁଯାୟୀ, କ୍ରିମ୍ ବା ମ୍ୟାଟ୍ ଫିନିଶ୍ ଦେଉଥିବା ଫାଉଣ୍ଡେସନ୍ ଲଗାନ୍ତୁ । ବ୍ଲେଣ୍ଡର ସାହାଯ୍ୟରେ ତ୍ୱଚାରେ ଭଲ କରି ମିଶାନ୍ତୁ । ତ୍ୱଚାର ଦାଗକୁ ଦୂର କରିବା ପାଇଁ କନ୍‌ସିଲର୍ ଲଗାନ୍ତୁ । ନାକ , ଗାଲ ଏବଂ ଆଖିରେ କନ୍‌ସିଲର୍ ଲଗାଇବା ଦ୍ୱାରା ଏକ ଫିନିଶ୍ ଲୁକ୍ ମିଳିଥାଏ ।

### କଂଟୁରିଙ୍ଗ୍

ବ୍ରୋଞ୍ଜର ବ୍ୟବହାର କରି ଚିକ୍ , ଫୋର୍‌ହେଡ୍ ଏବଂ ଜ-ଲାଇନ୍‌କୁ କଂଟୁର କରନ୍ତୁ । ବ୍ରୋଞ୍ଜରକୁ ଆଖି ପାଖରେ ଭଲରେ ମିଶାଇ ହାଇଲାଇଟର୍ ଲଗାନ୍ତୁ । ଏହା ଆଖିକୁ ଆକର୍ଷଣୀୟ ଲୁକ୍ ଦେଇଥାଏ ।

### ବୋଲ୍ଡ ଆଇବ୍ରୋ

ବ୍ରୋ ପେନ୍‌ସିଲ୍‌ରେ ଆଇବ୍ରୋକୁ କୁଣ୍ଡାଇ ସଜାଡ଼ନ୍ତୁ । ଏହାପରେ ଆଇବ୍ରୋରେ କନ୍‌ସିଲର୍ ଏବଂ ହାଇଲାଟର୍ ଲଗାଇ ଏହାକୁ ତ୍ୱଚାର ରଙ୍ଗ ସହ ମିଶାନ୍ତୁ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ୨୭ ବର୍ଷ ପ୍ରତୀକ୍ଷାର ଅନ୍ତ; ଡବ୍ଲ୍ୟୁଟିସି ଫାଇନାଲରେ ଅଷ୍ଟ୍ରେଲିଆ ପରାସ୍ତ

# ଦକ୍ଷିଣ ଆଫ୍ରିକା ହାତରେ ଆଇସିସି ଟ୍ରଫି

ଲର୍ଡ୍ସ,୧୪।୬ (ଏଜେନ୍ସି):

କ୍ରିକେଟର ମକ୍କା ଭାବେ ବିବେଚିତ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଇତିହାସ ରଚିଛି ଦକ୍ଷିଣ ଆଫ୍ରିକା। ଏଠାରେ ଗତ ୪ ଦିନ ଧରି ଚାଲିଥିବା ବିଶ୍ୱଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ବା ଗତଥରର ବିଜେତା ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ଦଳ ଦୀର୍ଘ ୨୭ ବର୍ଷ ପରେ ୧୧ଟି ସେମିଫାଇନାଲ ଓ ଗୋଟିଏ ଫାଇନାଲରେ ହାରିବା ପରେ ଆଇସିସି ଟ୍ରଫି ବିଜୟୀ ହୋଇଛି। ପୂର୍ବରୁ ୧୯୯୮ରେ ଦକ୍ଷିଣ ଆଫ୍ରିକା ଆଇସିସି ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ପ୍ରଥମ ଆଇସିସି ଟ୍ରଫି ବିଜୟୀ ହୋଇଥିଲା। ଆଇସିସି ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟ ପରବର୍ତ୍ତୀ ସମୟରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଭାବରେ ନାମିତ ହୋଇଥିଲା। ଏବେ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ମାତ ଦେଇ ଦକ୍ଷିଣ ଆଫ୍ରିକା ନାମରେ ଥିବା ଚୋକର୍ସ ଟ୍ୟାଗ୍‌କୁ ହଟାଇବାରେ ପ୍ରଥମ ପାଦ ଥାପିଛି। ଏହି ଫାଇନାଲରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଇନିଂସରେ ୧୩୬ ରନ୍‌ର ଦମ୍‌ଦାର ଇନିଂସ ଖେଳି ଦଳକୁ ବିଜୟୀ କରାଇଥିବା ଓପନର ଆଇଡେନ ମାର୍କରାମଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।





ପରାଜୟରେ ମ୍ରିୟମାଣ ଅଷ୍ଟ୍ରେଲୀୟ ଖେଳାଳି

### ୫ ୱିକେଟରେ ମାତ୍ ଦେଲା

ଏହି ମ୍ୟାଚରେ ବିଉ ୱେବ୍‌ଷ୍ଟର ୭୨ ଓ ଷ୍ଟିଭେନ ସ୍ମିଥ ୬୬ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୧୨ ରନ୍ କରିଥିଲା। ଜବାବରେ ପ୍ୟାଟ କମିନ୍ସ ୬ଟି ୱିକେଟ ନେବା ଫଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୩୮ ରନ୍‌ରେ ଅଟକିଥିଲା। ଡେଭିଡ ବେଡିଂହାମ ୪୫ ଓ ତେମ୍ବା ବଭୂମା ୩୬ ରନ୍ କରିଥିଲେ। ପ୍ରଥମ ଇନିଂସରେ ୭୪ ରନ୍‌ରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୭୭ ରନ୍‌ରେ ୭ ୱିକେଟ ହରାଇଥିଲେ ମଧ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ଓ ଆଲେକ୍ସ କ୍ୟାରୀଙ୍କ ୪୩ ରନ୍ ସହାୟତାରେ ଦଳ ୨୦୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଷ୍ଟ୍ରେଲିଆର ପ୍ରଥମ ପାଳିରେ ୫ ୱିକେଟ ନେଇଥିବା କାଗିସୋ ରାବାଡା ଦ୍ୱିତୀୟ ଇନିଂସରେ ମଧ ୪ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ।

ଏହା ପରେ ଆରମ୍ଭ ହୋଇଥିଲା ଇତିହାସ ସୃଷ୍ଟିର ଚେଷ୍ଟା। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଆଗରେ ୨୮୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୭୦ ରନ୍‌ରେ ୨ ୱିକେଟ ହରାଇଥିଲା। କିନ୍ତୁ ତୃତୀୟ ୱିକେଟ ଯୋଡିରେ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଓପନର ଆଇଡେନ୍ ମାର୍କରାମ ଓ ତେମ୍ବା ବଭୂମା ଉଭୟ ଧୈର୍ଯ୍ୟପୂର୍ଣ୍ଣ ଓ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୫୦ ବଲ୍‌ରୁ ୧୪୭ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାର ଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୬୫ ରନ୍ ଆବଶ୍ୟକ ଥିଲାବେଳେ ଅଧିନାୟକ ବଭୂମା ଓ ୬ ରନରୁ ଦୂରରେ ଥିଲାବେଳେ ମାର୍କରାମ ଆଉଟ ହୋଇଯାଇଥିଲେ। କିନ୍ତୁ ଡେଭିଡ ବେଡିଂହାମ ଅଧିକ କ୍ଷତି ହେବାକୁ ନ ଦେଇ ଦଳକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ। ବଭୂମା ୧୩୪ ବଲ୍‌ରୁ ୫ ଚୌକା ସହ ୬୬ ଏବଂ ମାର୍କରାମ ତାଙ୍କ ଟେଷ୍ଟ ଜୀବନର ଶ୍ରେଷ୍ଠ ଇନିଂସ ସହ ୨୦୭ ବଲ୍‌ରୁ ୧୪ ଚୌକା ସହ ୧୩୬ ରନ୍‌ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଦୁଇ ଓପନରଙ୍କୁ ଆଉଟ କରିବା ବ୍ୟତୀତ ଅନ୍ୟ ସମୟରେ ଅଷ୍ଟ୍ରେଲିଆର ତଥାକଥିତ ପ୍ରଭାବଶାଳୀ ଓ ବିଶ୍ୱଚାମ୍ପିଅନ ବୋଲର ପ୍ରଭାବବିହୀନ ହୋଇଯାଇଥିଲେ।



ଆଇଡେନ୍ ମାର୍କରାମ- ୧୩୬

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨/୧୦** (ବିଉ ୱେବ୍‌ଷ୍ଟର-୭୩, ଷ୍ଟିଭେନ ସ୍ମିଥ୍-୬୬, କାଗିସୋ ରାବାଡ଼ା- ୫/୫୧, ମାର୍କୋ ଜାନସେନ-୩/୪୯)।

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮/୧୦** (ଡେଭିଡ୍ ବେଡିଂହାମ-୪୫, ତେମ୍ବା ବଭୂମା-୩୬, ପ୍ୟାଟ୍ କମିନ୍ସ-୬/୨୮, ମିଚେଲ ଷ୍ଟାର୍କ-୨/୪୧)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୭/୧୦** (ମିଚେଲ ଷ୍ଟାର୍କ-୫୮*, ଆଲେକ୍ସ କ୍ୟାରୀ-୪୩, ରାବାଡା-୪/୫୯, ଲୁଙ୍ଗି ଏନ୍‌ଗିଡି-୩/୩୮)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୮୨/୫** (ଆଇଡେନ୍ ମାର୍କରାମ-୧୩୬, ତେମ୍ବା ବଭୂମା-୬୬, ମିଚେଲ ଷ୍ଟାର୍କ-୩/୬୬, ଜୋଶ ହାଜ୍‌ଲେଉଡ୍-୧/୫୮)।

**ପ୍ଲେୟର ଅଫ୍ ଦି ମ୍ୟାଚ୍**
**ଆଇଡେନ୍ ମାର୍କରାମ**

### ଅପରାଜେୟ ଅଧିନାୟକ ବଭୂମା

ଦକ୍ଷିଣ ଆଫ୍ରି ଟେଷ୍ଟ ଦଳର ନେତୃତ୍ୱ ନେବାପରଠାରୁ ଏଯାଏ ଗୋଟିଏ ହେଲେ ଟେଷ୍ଟରେ ହାରି ନାହାନ୍ତି। ଏହା ଫଳରେ ସେ ଟେଷ୍ଟ ଅଧିନାୟକ ଭାବେ ଅପରାଜିତ ରହିଛନ୍ତି। ସେ ୧୦ଟି ଟେଷ୍ଟରେ ନେତୃତ୍ୱ ନେଇଥିଲାବେଳେ ୯ଟିରେ ବିଜୟୀ ହୋଇଛନ୍ତି ଓ ଅନ୍ୟ ଗୋଟିଏ ମ୍ୟାଚ୍ ଡ୍ର ରଖିଛନ୍ତି। ଏହା ମଧ୍ୟରେ ଏକ ଐତିହାସକ ସିରିଜ୍ ବିଜୟ ଓ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ରହିଛି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଲର୍ଡ୍ସରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛନ୍ତି।

### ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜେତା

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୨୦୧୯-୨୧ | ନ୍ୟୁଜିଲାଣ୍ଡ | ଭାରତ |
| ୨୦୨୧-୨୩ | ଅଷ୍ଟ୍ରେଲିଆ | ଭାରତ |
| ୨୦୨୩-୨୫ | ଦକ୍ଷିଣ ଆଫ୍ରିକା | ଅଷ୍ଟ୍ରେଲିଆ |

### ଆଇସିସି ଟ୍ରଫି ଫାଇନାଲ: ୧୫ ବର୍ଷ ପରେ ହାରିଲା ଅଷ୍ଟ୍ରେଲିଆ

ଦୀର୍ଘ ୧୫ ବର୍ଷ ପରେ ଆଇସିସି ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଅଷ୍ଟ୍ରେଲିଆ ପରାଜିତ ହୋଇଛି। ଇଂଲଣ୍ଡର ଲର୍ଡ୍ସରେ ଶନିବାର ଶେଷ ହୋଇଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଏହା ପୂର୍ବରୁ ଶେଷଥର ୨୦୧୦ ଟି-୨୦ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ଚାମ୍ପିଅନ ଇଂଲଣ୍ଡ ନିକଟରୁ ପରାଜିତ ହୋଇଥିଲା। ଏହା ମଧ୍ୟରେ ଅଷ୍ଟ୍ରେଲିଆ ୨୦୧୫ ଦିନିକିଆ ବିଶ୍ୱକପ୍ ଦୁବାଇରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍, ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଓ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲା। ଅଷ୍ଟ୍ରେଲିଆ ବିଭିନ୍ନ ଫର୍ମାଟରେ ୧୪ଟି ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ମାତ୍ର ୪ଟିରେ ପରାଜିତ ହୋଇଛି।

### ଏଫ୍‌ଆଇଏଚ୍ ପୁରୁଷ ପ୍ରୋ-ଲିଗ୍

## ଭାରତର କ୍ରମାଗତ ୫ମ ପରାଜୟ




ଆଣ୍ଟେୱର୍ପ, ୧୪।୬ (ଏଜେନ୍ସି): ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ର ୟୁରୋପ ଟୁର୍‌ରେ ପରାଜୟ ଭାରତର ପିଛା ଛାଡୁନାହିଁ। ଏଠାରେ ଶନିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲାରେ ଭାରତ ୨-୩ ଗୋଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଯାଇଛି। ଏହା ଫଳରେ ୟୁରୋପ ଟୁର୍‌ରେ ଦଳ କ୍ରମାଗତ ପଞ୍ଚମ ପରାଜୟ ବରଣ କରିଛି। ପୂର୍ବରୁ ନେଦରଲାଣ୍ଡସ ଓ ଆର୍ଜେଣ୍ଟିନା ନିକଟରୁ ଦଳ ୨ଥର ଲେଖାଏଁ ପରାଜିତ ହୋଇଥିଲା। ଆଜିର ମୁକାବିଲାରେ ଅଭିଷେକ ଡବଲ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ ମଧ ଲଢୁଆ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ନାଥାନ ଏଫ୍ରାମସ, ଜୋଏଲ ରିଣ୍ଟାଲା ଓ ଟମ୍ କ୍ରେଗ୍ ଗୋଟିଏ ଲେଖାଏ ଗୋଲ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ। ଭାରତ ପକ୍ଷରୁ ଆଘାତ ପାଇଥିବା ଅଧିନାୟକ ହରମନପ୍ରୀତ୍ ସିଂ ଏହି ମ୍ୟାଚ୍ ଖେଳୁ ନ ଥିଲେ।

### ଆଇସିସି ନିୟମରେ ପରିବର୍ତ୍ତନ

## ୨୫ ଓଭର ଦିନିକିଆ ମ୍ୟାଚ୍‌ରେ ଗୋଟିଏ ନୂଆ ବଲ୍

ଦୁବାଇ, ୧୪।୬ (ଏଜେନ୍ସି): ଆଇସିସି ପକ୍ଷରୁ କେତେକ ନିୟମରେ ପରିବର୍ତ୍ତନ କରାଯାଇଛି। ଏବେ ଦିନିକିଆ ମ୍ୟାଚ୍ ୨୫ ଓଭର ବିଶିଷ୍ଟ ହେଲେ ଇନିଂସରେ ଗୋଟିଏ ନୂଆ ବଲ୍ ବ୍ୟବହାର କରାଯିବ। ଏହି ନିୟମ ଜୁଲାଇ ୨ରୁ ଲାଗୁ ହେବ। ଏବେ ଦିନିକିଆ ମ୍ୟାଚ୍‌ରେ ୨ଟି ନୂଆବଲ ଖେଳାଯାଉଛି। ଯାହା ଫଳରେ ଫିଲ୍ଡିଂ କରୁଥିବା ଦଳ ଫାଇଦାରେ ରହୁଛି। ଏଣୁ ୩୪ ଓଭର ପରେ ଫିଲ୍ଡିଂ କରୁଥିବା ଦଳ ଏହି ଦୁଇଟି ବଲ୍‌ରୁ ଗୋଟିକରେ ବୋଲିଂ କରିବ। ଏହା ଫଳରେ ଦଳ ମଧ୍ୟରେ ସନ୍ତୁଳନ ରହିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

ଶିବମ ଦୁବେଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ କନକସନ ବଦଳ ଖେଳାଳିଭାବେ ବ୍ୟବହାର କରାଯିବାକୁ ନେଇ ବେଶ ଆଲୋଚନା ହୋଇଥିଲା। ଏହା ବିବାଦ ଘେରକୁ ଆସିବା ପରେ ଏବେ କନକସନ ନିୟମରେ କିଛି ପରିବର୍ତ୍ତନ କରାଯାଇଛି। ଗୋଟିଏ ଦଳ ଚୂଡାନ୍ତ ଏକାଦଶ ଖେଳାଳି ତାଲିକା ଦେଲାବେଳେ ଓ ଦଳରେ ଥିବା ଖେଳାଳିଙ୍କ ସମ୍ପର୍କରେ ୫ଟି କାଟାଗୋରୀ ସମ୍ପର୍କରେ ସୂଚନା ଦେବେ। ସେଗୁଡିକ ହେଲା ୱିକେଟରକ୍ଷକ, ବ୍ୟାଟର, ସିମ୍ ବୋଲର, ସ୍ପିନ୍ ବୋଲର ଓ ଅଲରାଉଣ୍ଡର। କନକସନ ବଦଳ ଅବସ୍ଥା ଆସିଲେ ମ୍ୟାଚ୍ ରେଫରି ଏହି ତାଲିକାରୁ ସମାନ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେବେ। ସେହିପରି ବାଉଣ୍ଡରୀରେ କ୍ୟାଚ୍ ଧରିବା ନିୟମରେ ମଧ ପରିବର୍ତ୍ତନ କରାଯାଇଛି। ବାଉଣ୍ଡରୀରେ ବଲ ଧରି ନିୟନ୍ତ୍ରଣ ହରାଇଲାବେଳେ ଅନେକ ଖେଳାଳି ବାଉଣ୍ଡରୀ ବାହାରକୁ ଚାଲିଯାଉଛନ୍ତି। କିନ୍ତୁ ସେମାନେ ଏକାଥରକେ ପଡ଼ିଆ ଭିତରକୁ ଆସି ନ ପାରିଲେ ତାହାକୁ ବାଉଣ୍ଡାରୀ ବିବେଚନା କରାଯିବ। ଏହି ନିୟମ ଅକ୍ଟୋବର ୨୦୨୬ରେ ଲାଗୁ କରାଯିବ। ପଡ଼ିଆ ବାହାରେ ଦୁଇଥର ଡେଇଁ ବଲ ଛୁଇଁଲେ ତାହାକୁ ବାଉଣ୍ଡାରୀ ବିବେଚନା କରାଯିବ।

### ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

## ପ୍ରଣତିଙ୍କୁ କାଂସ୍ୟ ପଦକ

ସିଓଲ, ୧୪।୬ (ଏଜେନ୍ସି): ଭାରତର ପ୍ରତିଯୋଗୀ ତଥା କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ପ୍ରଣତି ନାୟକ ଏଠାରେ ଅନୁଷ୍ଠିତ ୨୦୨୫ ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟରେ ପ୍ରଣତି ୧୩,୪୬୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କଠାରୁ ଅଧିକ ପଏଣ୍ଟ ପାଇଥିବା ଚୀନ୍‌ର ୟିହାନ ଝାଙ୍ଗ୍ ଓ ଭିଏତନାମ୍‌ର ଏନ୍‌ଗୁଏନ୍ ଥି କ୍ୟୁନ୍ ନ୍'ଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଥିଲା। ଏଥିରେ ଭାଗ ନେଇଥିବା ଅନ୍ୟ ଭାରତୀୟ ପ୍ରତିଯୋଗୀ ପ୍ରତିଷ୍ଠା ସାମନ୍ତ ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲେ। ଏହି ବିଜୟ ଫଳରେ ପ୍ରଣତି ଭାରତୀୟ ଭାବେ ଏସିଆନ୍ ଚାମ୍ପିଅନସିପ୍‌ରେ ସର୍ବାଧିକ ୩ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତାଙ୍କ ପୂର୍ବରୁ ଦୀପା କର୍ମାକାର ୨ଟି ପଦକ ଜିତିଥିଲେ। ୨୦୧୯ ଉଲାନବାଟାର ଓ ୨୦୨୨ ଦୋହାରେ ଅନୁଷ୍ଠିତ ଚାମ୍ପିଅନସିପ୍‌ରେ ପ୍ରଣତି ଅନ୍ୟ ଦୁଇଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ।



### ମ୍ୟୁନିକ୍ ସୁଟିଂ ବିଶ୍ୱକପ୍

## ଆର୍ଯ୍ୟା-ଅର୍ଜୁନଙ୍କୁ ସ୍ୱର୍ଣ୍ଣପଦକ

ମ୍ୟୁନିକ୍, ୧୪।୬ (ଏଜେନ୍ସି): ଏଠାରେ ଚାଲିଥିବା ଆଇଏସ୍‌ଏସଏଫ୍ (ସୁଟିଂ) ବିଶ୍ୱକପ୍‌ରେ ଭାରତର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଯୋଡି ଆର୍ଯ୍ୟା ବୋଷ ଓ ଅର୍ଜୁନ ବାବୁଟାଙ୍କ ଯୋଡି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏଠାରେ ଶନିବାର ଅନୁଷ୍ଠିତ ମିକ୍ସଡ ଟିମ୍ ଇଭେଣ୍ଟରେ ଆର୍ଯ୍ୟା -ଅର୍ଜୁନଙ୍କ ଯୋଡି ୧୭-୭ ପଏଣ୍ଟରେ ଚୀନ୍‌ର ଜିଫେଇ ୱାଙ୍ଗ୍ ଓ ଲିହାସ ଶେଙ୍ଗ୍‌ଙ୍କ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ଭାରତ ମ୍ୟୁନିକ୍ ସୁଟିଂ ବିଶ୍ୱକପ୍‌ରେ ୨ଟି ସ୍ୱର୍ଣ୍ଣ ସହ ୪ଟି ପଦକ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ସୁରୁଚି ଶର୍ମା ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ବ୍ୟତୀତ ସିଫ୍ଟ କୌର ସାମ୍‌ରା



ଓ ଏଲାଭେନିଲ ୨ଟି କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲେ। ଶନିବାର ଅନୁଷ୍ଠିତ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ଅନ୍ୟ ପ୍ରତିଯୋଗୀ ଏଲାଭେନିଲ ଭାଲାରିଭାନ ଓ ଅଙ୍କୁଶ ଯାଦବଙ୍କ ଯୋଡି ୬ଷ୍ଠ ସ୍ଥାନରେ ରହି ନିରାଶ କରିଥିଲେ।

### ଜାତୀୟ କରାଟେ ପ୍ରତିଯୋଗିତା

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ

ଭୁବନେଶ୍ୱର, ୧୪।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାର ତୃତୀୟ ଦିନ ସୁଦ୍ଧା ଓଡ଼ିଶାର ପ୍ରତିଯୋଗୀମାନେ ତୃତୀୟ ଦିନରେ ୫ସ୍ୱର୍ଣ୍ଣ, ୮ରୌପ୍ୟ, ୪କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଦ୍ୱିତୀୟ ଦିନରେ ପ୍ରତିଯୋଗୀମାନେ ୨ସ୍ୱର୍ଣ୍ଣ, ୨ରୌପ୍ୟ, ୫କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଗତକାଲି ଯୁବ ୭୦ କିଲୋ ଫାଇଟିଂ ଶ୍ରେଣୀରେ ଅଂଶୁମାନ ଆଚାର୍ଯ୍ୟ ଓ ୭୬ କିଲୋରୁ ଉର୍ଦ୍ଧ୍ୱ ଶ୍ରେଣୀ ଫାଇଟିଂରେ ଦିବ୍ୟପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଜି ତୃତୀୟ ଦିନରେ ଅଶ୍ଳେଷା ପଣ୍ଡା, ବୈଶାଳୀ ପାତ୍ର, ଶ୍ରେୟା କାନୁନଗୋ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ଲିନ୍‌ସି ସିଂହ। ଲିନ୍ସି ସିଂହ, ଆକାଂକ୍ଷା ମହାନ୍ତି, ଆଦ୍ୟାଶା ନାୟକ, ଏନ୍ ଜିସିକା, ଇଶାନି ପଣ୍ଡା, ଡଂଶିକା ମହାପାତ୍ର, ସୌମ୍ୟା ଶୁଭଦର୍ଶିନୀ, ଅନନ୍ୟା ସାହୁ ଓ ରାଜେଶ୍ୱରୀ ସିଂ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।



ଯାଜପୁର ଜିଲ୍ଲା ଖଣ୍ଡିତରଠାରେ ଚାଲିଥିବା ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତାରେ ଶନିବାର ଅନୁଷ୍ଠିତ ମୁକାବିଲାର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ

## ସ୍କୁଲ ଓପନ ଚେସ ଜିତିଲେ ପ୍ରାଂଶୁ



ଭୁବନେଶ୍ୱର, ୧୪।୬ (ସମିସ): ଭୁବନେଶ୍ୱର ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ ଚତୁର୍ଥ ତ୍ରିନାଥ ଦାସ ସ୍ମାରକୀ ଓପନ ସ୍କୁଲ ଚେସ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଶନିବାର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ରୁଚିକା ହାଇସ୍କୁଲର ସତ୍ୟମାଧବ ଶତପଥୀ, ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି, ନୋଏଡା ରିୟାନ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ସାରାଂଶ ମିଶ୍ର ଓ ଜିଡି ଗୋଏଙ୍କା ପବ୍ଲିକ୍ ସ୍କୁଲ୍‌ର ରେୟାଂଶ ଦାସ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। କ୍ୟାପ୍ଟେନ ଅମିତ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS